EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews



ବର୍ଷ-୭ ସଂଖ୍ୟା-୧୨ ୩ - ୯ ଏପ୍ରିଲ, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-12 3rd - 9th APRIL, 2023 BHUBANESWAR ₹ 5/- (8 Pages)

### ଓଡ଼ିଶା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

## ଭୁବନେଶ୍ୱରରୁ କଟକକୁ ଗଡିବ ମେଟ୍ରୋ ଟ୍ରେନ୍



**ଭୁବନେଶ୍ୱର:** ମହାନ ଜନନାୟକ ବିଜୁବାବୁ ଚାହୁଁଥିଲେ ଏକ ସଶକ୍ତ ଓଡ଼ିଶା। ସେହି ଦିଗରେ ମେଟ୍ରୋ ରେଳ ପ୍ରକଳ୍ପ ଏକ ବହୁତ ବଡ଼ ପଦକ୍ଷେପ ହୋଇପାରିଛି। ଏହା ଏକ ସଶକ୍ତ ଓ ନୂଆ ଓଡ଼ିଶା ପାଇଁ ଭିତ୍ତି ପକାଇଲା। ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଆଜି ରୋଲ ମଡେଲ ସାଜିଛି। ବିପର୍ଯ୍ୟୟ ପରିଚାଳନା, ମହିଳା ସଶକ୍ତୀକରଣ, କ୍ରୀଡ଼ା, ବିଶ୍ୱସ୍ତରୀୟ ଦକ୍ଷତା କାର୍ଯ୍ୟକ୍ରମ, ଭିତ୍ତିଭୂମି ପାଇଁ ସୁନାମ ଆଣିଛି। ରାଜ୍ୟ ସରକାର ଏବେ ଭୁବନେଶ୍ୱରରୁ, କଟକ, ପୁରୀ ଓ ଖୋର୍ଦ୍ଧାକୁ ମେଟ୍ରୋ ରେଳ ପ୍ରକଳ୍ପ ସଂଯୋଗୀକରଣ ପାଇଁ ଆଗେଇଛନ୍ତି। ଏହି ପ୍ରକଳ୍ପର ଡିପିଆର ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ ହେବ। ଏଥି ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏଲିଭେଟେଡ ପ୍ରସ୍ତାବ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମେଟ୍ରୋ ରେଳ ପ୍ରକଳ୍ପ ସଂପୂର୍ଣ୍ଣ ଭାବେ ରାଜ୍ୟ ସରକାରଙ୍କ ସମ୍ବଳରେ ନିର୍ମାଣ ହେବ। ଏହି ମେଟ୍ରୋ ରେଳ ପ୍ରକଳ୍ପ ବିଶ୍ୱସ୍ତରୀୟ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ କଟକରୁ ଭୁବନେଶ୍ୱରକୁ ସଂଯୋଗ କରିବ। ପରେ ଏହା ପୁରୀ ଓ ଖୋର୍ଦ୍ଧାକୁ ସଂପ୍ରସାରିତ ହେବ। ପ୍ରଥମ ପର୍ଯ୍ୟାୟରେ ମେଟ୍ରୋ ରେଳ ପ୍ରକଳ୍ପର କାର୍ଯ୍ୟ ତ୍ରିଶୁଳିଆ ଠାରୁ ବିଜୁପଟ୍ଟନାୟକ ବିମାନବନ୍ଦର ପର୍ଯ୍ୟନ୍ତ ସଂପ୍ରସାରିତ ହେବ। ମେଟ୍ରୋ ରେଳ ପ୍ରକଳ୍ପ ତ୍ରିଶୁଳିଆଠାରୁ ବିମାନବନ୍ଦର ମଧ୍ୟରେ ନନ୍ଦନକାନନ, ପଟିଆ, ବାଣୀବିହାର, ମୁଖ୍ୟ ରେଳଷ୍ଟେସନକୁ ସଂଯୋଗ କରିବ। ସେହିଭଳି ଏହି ପ୍ରକଳ୍ପ କଟକର ମୁଖ୍ୟ ସ୍ଥାନଗୁଡ଼ିକୁ ସଂଯୋଗ କରିବ। ଭୁବନେଶ୍ୱରରୁ ଖୋର୍ଦ୍ଧା, ଭୁବନେଶ୍ୱରରୁ ପୁରୀ, ଭୁବନେଶ୍ୱରରୁ କଟକ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ସର୍ଭେ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରକଳ୍ପକୁ ଅନୁମତି ଦେଇଛନ୍ତି। ମେଟ୍ରୋ ରେଳ ପ୍ରକଳ୍ପର ନିର୍ମାଣ ➤ ପୃ-୬

## କୋଟିଆ ଓଡ଼ିଶାର : ଧର୍ମେନ୍ଦ୍ର



**କୋଟିଆ/ପଟାଙ୍ଗି/କୋରାପୁଟ :** କୋଟିଆର ସବୁ ଗାଁ ଓଡ଼ିଶାର। ସୂର୍ଯ୍ୟ, ଚନ୍ଦ୍ର, ପାଣି ଓ ପବନ ଭଳି ଏହା ଧ୍ରୁବ ସତ୍ୟ ବୋଲି ଶନିବାର କୋରାପୁଟ ଜିଲ୍ଲାର କୋଟିଆ ଗସ୍ତ କରି ସେଠାକାର ଜନସାଧାରଣଙ୍କୁ ଭେଟିବା ସହ

### କୋଟିଆବାସୀଙ୍କ ସହ 'ଉତ୍କଳ ଦିବସ' ପାଳିଲେ କେନ୍ଦ୍ରମନ୍ତ୍ରୀ

'ଉତ୍କଳ ଦିବସ' ପାଳନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶନିବାର କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ କୋଟିଆର ଫାଟୁସିନେରି ଗାଁ ସମେତ ଅଞ୍ଚଳରେ ଥିବା ସ୍କୁଲ, ସ୍ୱାସ୍ଥ୍ୟ କେନ୍ଦ୍ର, ପୋଷ୍ଟ ଅଫିସ, ବ୍ୟାଙ୍କ, ଆଦିମ ଗୁରୁକୁଳ ଆଶ୍ରମ, ମନ୍ଦିର ସମେତ ବିଭିନ୍ନ ସ୍ଥାନ ବୁଲିଥିଲେ। ଢେମସା ନୃତ୍ୟ କରୁଥିବା ଭଉଣୀ ମାନଙ୍କ ସହ କଥା ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ କୋଟିଆ ଓ ଫାଟୁସିନେରି ଗ୍ରାମବାସୀଙ୍କ ସହ 'ଉତ୍କଳ ଦିବସ' ଦିବସ ପାଳନ କରିଥିଲେ ଏବଂ ପରେ ସେମାନଙ୍କ ସହ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। କୋଟିଆ ଗ୍ରାମ ସମିତି ଦ୍ୱାରା ଆୟୋଜିତ 'ଉତ୍କଳ ଦିବସ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏପ୍ରିଲ ୧, ୨୦୨୩ ମୋ ପାଇଁ ଅବିସ୍ମରଣୀୟ ଦିନ। ➤ ପୃ-୬

### ସିଏଜି ରିପୋର୍ଟ

## ୧.୨୦ ଲକ୍ଷ କୋଟି ଟଙ୍କାର ଋଣ ଓ ଆର୍ଥିକ ବୋଝ

**ଭୁବନେଶ୍ୱର :** ୨୦୨୨ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ରାଜ୍ୟ ସରକାରଙ୍କ ଋଣ ପରିମାଣ ୭୨,୪୮୫.୦୬କୋଟି ଟଙ୍କା ଥିଲେ ମଧ୍ୟ ଓଡ଼ିଶା ଉପରେ ମୋଟ ଆର୍ଥିକ ବୋଝ ୧ଲକ୍ଷ ୨୦ହଜାର ୧୩୯କୋଟି ଟଙ୍କା ରହିଛି। ୨୦୨୦-୨୧ରେ ରାଜ୍ୟର ସାମଗ୍ରିକ ଘରୋଇ ଉତ୍ପାଦ(ଜିଏସଡିପି)ର ପରିମାଣ ୬ଲକ୍ଷ ୩୮ହଜାର ୩୪୨କୋଟି ଟଙ୍କା ଥିଲା ବୋଲି ସିଏଜି ଦର୍ଶାଇଛନ୍ତି। ବିଧାନସଭାରେ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ୨୦୨୧-୨୨ ମସିହାର ସାମଗ୍ରିକ ଆର୍ଥିକ ସ୍ଥିତିର ବାର୍ଷିକ ସିଏଜି ରିପୋର୍ଟକୁ ଉପସ୍ଥାପନ କରିଥିଲେ। ଏଥିରେ ଦର୍ଶାଯାଇଛି ଯେ, ରାଜ୍ୟସରକାର ବିଧାନସଭା ଦ୍ୱାରା ସ୍ଥିରୀକୃତ ସମୟସୀମା ପର୍ଯ୍ୟନ୍ତ ରାଜ୍ୟର ସଂଗଠିତ ପାଣ୍ଠିର ସୁରକ୍ଷା ଦେଇ ଋଣ ନେଇପାରିବେ। ଓଡ଼ିଶା ଏଫଆରବିଏମ୍ ଆକ୍ଟ-୨୦୦୫ ଅନୁସାରେ ରାଜ୍ୟ ସରକାର ଆର୍ଥିକ ପରିଚାଳନା ଓ ଆର୍ଥିକ ସୁଦୃଢ଼ତାକୁ ଦୃଷ୍ଟିରେ ରଖି ଧୀରେଧୀରେ ରାଜସ୍ୱ ନିଅଣ୍ଟ ହ୍ରାସ କରିବେ ଓ ଆର୍ଥିକ ସ୍ଥିରତା ସହ ଖାପଖୁଆଇ ଚିରସ୍ଥାୟୀ ଋଣ ପରିଚାଳନା କରିବେ। ୨୦୨୨ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ରାଜ୍ୟ ସରକାରଙ୍କ ଋଣବୋଝ ୭୨୪୮୫କୋଟି ଟଙ୍କା ଥିବାବେଳେ ଏଥିରୁ ଆଭ୍ୟନ୍ତରୀଣ ➤ ପୃ-୬

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣା 'ଏପ୍ରିଲ ଫୁଲ୍' ନହେଉ: ଜୟନାରାୟଣ



**ଭୁବନେଶ୍ୱର :** ଉତ୍କଳ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର-କଟକ-ପୁରୀ ଓ ଖୋର୍ଦ୍ଧା ମଧ୍ୟରେ ମେଟ୍ରୋ ଟ୍ରେନ ଚଳାଚଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ସମସ୍ତ ଅର୍ଥ ରାଜ୍ୟ ସରକାର ବହନ କରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇ କଟକ ପର୍ଯ୍ୟନ୍ତ ଯିବ ଓ ପରେ ପର୍ଯ୍ୟାୟକ୍ରମେ ଖୋର୍ଦ୍ଧା ଓ ପୁରୀକୁ ସମ୍ପ୍ରସାରିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ରାଜ୍ୟବାସୀଙ୍କ ପାଇଁ 'ଏପ୍ରିଲ ଫୁଲ' ନହେଉ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ମେଟ୍ରୋ ଟ୍ରେନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେବା ସହ ଏହି ମେଟ୍ରୋ ଟ୍ରେନ ବାସ୍ତବରେ ଏକ ରୂପାନ୍ତରିତ ପ୍ରକଳ୍ପ ଓ ଫାଇଭ-ଟି ନୀତିରେ ଏହା କାର୍ଯ୍ୟକାରୀ ହେବ ବୋଲି କହିଥିଲେ। ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ଶ୍ରୀ ମିଶ୍ର କହିଥିଲେ ଯେ, ଯଦି ପ୍ରକୃତରେ ମେଟ୍ରୋ ଟ୍ରେନ ପ୍ରକଳ୍ପ ହେବ,ତା'ହେଲେ ସେ ତାକୁ ସ୍ୱାଗତ କରୁଛନ୍ତି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାରେ କୌଣସି ସ୍ପଷ୍ଟତା ନାହିଁ। ଏହାର ଡିପିଆର ଓ ଫାଇନାଲ ଏଷ୍ଟିମେଟ୍ କରାଗଲାଣି କି ? ଏଥିପାଇଁ ଅର୍ଥ କେଉଁଠୁ ଆସିବ, କେଉଁ ଆଧାରରେ ହେବ ସ୍ପଷ୍ଟ ନୁହେଁ। ୨୦୧୮ରେ ମେଟ୍ରୋ ରେଲ କନେକ୍ଟିଭିଟି ପାଇଁ କେନ୍ଦ୍ରକୁ ଦାବି କରିଥିଲେ। ୨୦୧୯ ସାଧାରଣ ନିର୍ବାଚନବେଳେ ମେଟ୍ରୋ ରେଲ୍ କରିବୁ କହି ମୁଖ୍ୟମନ୍ତ୍ରୀ ଭୋଟ ମାଗିଥିଲେ। ୨୦୨୧ ମାର୍ଚ୍ଚ ୩୦ରେ ରାଜ୍ୟର ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମେଟ୍ରୋ ଟ୍ରେନର ➤ ପୃ-୬

### ୫ ଶିଳ୍ପ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ସବୁଜ ସଙ୍କେତ

## ସୃଷ୍ଟି ହେବ ୩୮,୦୦୦ ନିଯୁକ୍ତି ସୁଯୋଗ

**ଭୁବନେଶ୍ୱର :** ଗତ ବର୍ଷ ଅନୁଷ୍ଠିତ ମେକ୍ ଇନ ଓଡ଼ିଶା ସମ୍ମିଳନୀ ସମୟରେ ଆସିଥିବା ୫ଟି ଶିଳ୍ପ ପ୍ରକଳ୍ପକୁ ରାଜ୍ୟ ସରକାରଙ୍କ ଉଚ୍ଚ ସ୍ତରୀୟ ମଞ୍ଜୁରୀ କର୍ତ୍ତୃପକ୍ଷ (ଏଚଏଲସିଏ) ସବୁଜ ସଂକେତ ଦେଇଛି। ଶନିବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏଚଏଲସିଏ ବୈଠକରେ ଏସବୁ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ୫ଟି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ମୋଟ ୩୫,୭୬୦ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବ ଓ ଏଗୁଡ଼ିକରେ ପ୍ରାୟ ୩୮,୧୦୦ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ୫ଟି ପ୍ରକଳ୍ପ ମଧ୍ୟରେ ରହିଛି ଢେଙ୍କାନାଳ ଜିଲ୍ଲାର ନେଉଳପୋଇଠାରେ ଓ୍ୱାରି ଏନର୍ଜି ପକ୍ଷରୁ ପ୍ରସ୍ତାବିତ ସୋଲାର ଉପକରଣ ଉତ୍ପାଦନ କାରଖାନା। ଏହି ପ୍ରକଳ୍ପରେ ୨୫ ହଜାର କୋଟି ଟଙ୍କାର ନିବେଶ କରାଯିବ ଓ ଏଥିରେ ୧୪ ହଜାର ଲୋକଙ୍କୁ ନିଯୁକ୍ତି ମିଳିବ। ସେହିପରି ଭଦ୍ରକ ଜିଲ୍ଲାରେ ଏମସିପିଆଇ ପକ୍ଷରୁ ଭଦ୍ରକ ଜିଲ୍ଲାରେ ଏଚଏମଏଲଏସ ପଲିଷ୍ଟର କାରଖାନା ସ୍ଥାପନ କରାଯିବ। ଏହି ପ୍ରକଳ୍ପରେ ୨୨୨୩ କୋଟିର ପୁଞ୍ଜି ବିନିଯୋଗ କରାଯିବ। ଇସ୍ପାତ କ୍ଷେତ୍ରରେ ୨ଟି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଛି। କାସଭି ପାଓ୍ୱାର ଏଣ୍ଡ ଷ୍ଟିଲ ପକ୍ଷରୁ କେନ୍ଦୁଝର ଜିଲ୍ଲାର କାଳିଆପାଳଠାରେ ୧୬ କୋଟି ଟଙ୍କା ପୁଞ୍ଜି ➤ ପୃ-୬

### ବକ୍ରବାଣୀ



କୁଆଡ଼େ ଥିଲେ ଯେ ବାଡୁଅ ଦି'ଟା
ଶାସନ ଡୋରିକି ହାତେ ଧଇଲେ
ମିଛ ସପନରୁ ପୁଳେ ଦେଖେଇ
ଦିନ ଦ୍ୱିପହରେ ଭଲ ମାଇଲେ
ରାମ ରାମ କହି କିମିଆ କଲେ
ଅସଲ ମୁଦାକୁ ଆଡ଼େଇ ଦେଲେ
ତାଙ୍କ ଦେଖା ଦେଖି ଏମାନେ ଏବେ
ଜୟ ଜଗନ୍ନାଥ ଆରମ୍ଭ କଲେ
ବଉଁଶବୁଡ଼ାଙ୍କୁ କହିବ ଯିଏ
ଜିୟଲେ ପଶିବ ଜାଣିଥ ସିଏ।

——— ଟୁଟୁ

### ନୂଆ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ

## ଘରେ ନେଉଳ ରଖିଲେ ୭ ବର୍ଷ ଜେଲ



### ବାଦୁଡ଼ି ମାରି ଖାଇବା ବନ୍ୟପ୍ରାଣୀ ଅପରାଧ
### ଅଭୟାରଣ୍ୟ ଅଞ୍ଚଳରେ ମିଳିବନି ବନ୍ଧୁକ ଲାଇସେନ୍ସ
### କାଉ, କୋଇଲି ଓ ବିଲୁଆଙ୍କ ସଂରକ୍ଷଣକୁ ଗୁରୁତ୍ୱ

**ଭୁବନେଶ୍ୱର :** ବନ୍ୟପ୍ରାଣୀଙ୍କ ଶିକାର କରୁଥିବା ବା ଏ ସମ୍ପର୍କିତ ଅପରାଧରେ ଜଡ଼ିତ ରହୁଥିବା ଲୋକଙ୍କ ଉପରେ ଏଣିକି କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ପୂର୍ବ ତୁଳନାରେ ଏଣିକି ବିଭିନ୍ନ ମାମଲା ପାଇଁ ୪ ଗୁଣା ଅଧିକ ଅର୍ଥ ଦଣ୍ଡ ସହ ଜେଲ ମଧ୍ୟ ଭୋଗିବାକୁ ପଡ଼ିବ। ଏହା ସହିତ ଜଙ୍ଗଲ କିମ୍ବା ଗାଁ ଆଖ ପାଖରେ ବୁଲୁଥିବା ବହୁ ପଶୁ ପକ୍ଷୀଙ୍କୁ ଆକ୍ରମଣ କଲେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। କାରଣ ଏପ୍ରିଲ୍ ୧ ତାରିଖଠାରୁ ସାରା ଦେଶରେ ସଂଶୋଧିତ ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ୍ ୨୦୨୨ ଲାଗୁ ହେଉଛି। ଏହି ସଂଶୋଧିତ ଆଇନ୍‌ରେ ବହୁ କଡ଼ା କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାଯାଇଥିବାରୁ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଏହା ପ୍ରଭାବୀ ହେବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି। ସଂଶୋଧିତ ଆଇନ୍‌ରେ ସିଡ୍ୟୁଲ (ଅନୁସୂଚିତ) ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ସିଡ୍ୟୁଲ୍-୧ ଓ ୨ ରେ ଭାରତୀୟ ବନ୍ୟପ୍ରାଣୀମାନଙ୍କୁ ରଖାଯାଇଥିବା ବେଳେ ସିଡ୍ୟୁଲ୍-୩ରେ ଗଛ ଓ ସିଡ୍ୟୁଲ୍-୪ରେ ବିଦେଶୀ ପଶୁ ପକ୍ଷୀଙ୍କୁ ସାମିଲ୍ କରାଯାଇଛି। ସିଡ୍ୟୁଲ-୧ର ପାର୍ଟ-ଏ'ରେ ସ୍ତନ୍ୟପାୟୀ ପ୍ରାଣୀ ରହିଛନ୍ତି। ଏଥିରେ ବାଦୁଡ଼ି, ଭାଲୁ, ବିଲୁଆ, ବଣଭୁଆଁ, ନେଉଳ, ଶାଳଆପତନି, ଝିଙ୍କ ଆଦି ରହିଛନ୍ତି। ସିଡ୍ୟୁଲ୍-୧ର ପାର୍ଟ-ବି' ପକ୍ଷୀଙ୍କୁ ସାମିଲ କରାଯାଇଛି। ଏଥିରେ ପେଚାଙ୍କ ସୁରକ୍ଷା ପାଇଁ ଗୁରୁତ୍ୱ ଦିଆଯାଇଛି। ଯାହାଦ୍ୱାରା ମୟୂର ଭଳି ପେଚାଙ୍କୁ ମଧ୍ୟ ଶିକାର କିମ୍ବା ଆକ୍ରମଣ କଲେ ଅର୍ଥଦଣ୍ଡ ସାଙ୍ଗକୁ ଜେଲ୍‌ର ମଧ୍ୟ ବ୍ୟବସ୍ଥା ହୋଇଛି। ➤ ପୃ-୬

### ୧୦ ବରିଷ୍ଠ ଆଇଏଏସଙ୍କୁ ଆକାଂକ୍ଷା ଜିଲ୍ଲା ଦାୟିତ୍ୱ

## ୪୯ଟି ମାନଦଣ୍ଡର କରିବେ ତଦାରଖ



**ଭୁବନେଶ୍ୱର :** ରାଜ୍ୟ ସରକାର ୧୦ଟି ଆକାଂକ୍ଷା ଜିଲ୍ଲାର ଇନଚାର୍ଜ ଭାବେ ୧୦ଜଣ ବରିଷ୍ଠ ଆଇଏଏସଙ୍କୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏହି ଅଫିସରମାନେ ସମ୍ପୃକ୍ତ ୧୦ଟି ଆକାଂକ୍ଷା ଜିଲ୍ଲାରେ ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ, ଶିକ୍ଷା, କୃଷି ଓ ଜଳସମ୍ପଦ, ବିତ୍ତୀୟ ସମାବେଶ ଓ ଦକ୍ଷତା ବିକାଶ ଏବଂ ମୌଳିକ ଭିତ୍ତିଭୂମି ଭଳି ୫ଟି କ୍ଷେତ୍ରର ୪୯ଟି ମାନଦଣ୍ଡର ପ୍ରଦର୍ଶନକୁ ତଦାରଖ କରିବେ। ଜିଲ୍ଲାରେ ଏହି ୪୯ଟି ମାନଦଣ୍ଡର ପ୍ରଦର୍ଶନକୁ ସମ୍ପୃକ୍ତ ଅଫିସରମାନେ ମାସିକ, ତ୍ରୈମାସିକ ଓ ବାର୍ଷିକ ଭିତ୍ତିରେ ତଦାରଖ କରି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି। ଓଡ଼ିଶାରେ ମୋଟ ୧୦ଟି ଆକାଂକ୍ଷା ଜିଲ୍ଲା ରହିଛି। ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ପଂଚାୟତିରାଜ ସଚିବ ସୁଶୀଲ କୁମାର ଲୋହାନୀଙ୍କୁ ବଲାଙ୍ଗିର, ଶ୍ରମ ସଚିବ ଆର.ସନ୍ତୁଗୋପାଳନଙ୍କୁ ଢେଙ୍କାନାଳ, ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମଙ୍କୁ ଗଜପତି, ପଞ୍ଚାୟତିରାଜ ସ୍ପେଶାଲ ପ୍ରୋଜେକ୍ଟ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆଙ୍କୁ କଳାହାଣ୍ଡି, ମତ୍ସ୍ୟ ଓ ପଶୁସମ୍ପଦ ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ କନ୍ଧମାଳ, ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କୁ କୋରାପୁଟ, ସମବାୟ ପ୍ରମୁଖ ସଚିବ ସଞ୍ଜୀବ କୁମାର ଚଡ଼ାଙ୍କୁ ମାଲକାନଗିରି, ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରଓ୍ୱାଲଙ୍କୁ ନବରଙ୍ଗପୁର, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କୁ ନୂଆପଡ଼ା ଓ ➤ ପୃ-୬




## ରାଜ୍ୟରେ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ ଆରମ୍ଭ



**ଭୁବନେଶ୍ୱର,(ପିଆଇବି):** ଭାରତର ଜି-୨୦ ଅଧ୍ୟକ୍ଷତା ଅଧୀନରେ ଦେଶର ବିଭିନ୍ନ ପ୍ରାନ୍ତରେ ପର୍ଯ୍ୟାୟକ୍ରମେ ଭିନ୍ନ ଭିନ୍ନ ବିଷୟବସ୍ତୁକୁ ନେଇ ବୈଠକମାନ ଆୟୋଜନ କରାଯାଉଛି। ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀର ତୃତୀୟ ବୈଠକ ଆୟୋଜନ କରାଯିବ। ଶିକ୍ଷା କାର୍ଯ୍ୟ ଗୋଷ୍ଠୀ ବୈଠକ ନିମନ୍ତେ ଜନସଚେତନତା ସୃଷ୍ଟି ଲାଗି ଉତ୍କଳ ଦିବସ ଠାରୁ ରାଜ୍ୟବ୍ୟାପୀ ଜନ-ଭାଗିଦାରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜନ-ଭାଗିଦାରୀ ମାଧ୍ୟମରେ ଭାରତର ଜି-୨୦ ଅଧ୍ୟକ୍ଷତାକୁ ସଫଳ କରିବା ଲାଗି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ କରିଛନ୍ତି। କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାର୍ଗଦର୍ଶନରେ ପ୍ରାୟ ଏକ ମାସ ଧରି ଓଡ଼ିଶାର ବିଭିନ୍ନ ସ୍ଥାନରେ ଜି-୨୦ ସମ୍ବନ୍ଧୀୟ ଜନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ୩୫ରୁ ଅଧିକ ଶିକ୍ଷାନୁଷ୍ଠାନ ଅଂଶଗ୍ରହଣ କରୁଛନ୍ତି। ଜି୨୦କୁ ଜନଭାଗିଦାରୀ ଆନ୍ଦୋଳନରେ ପରିଣତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ପ୍ରଥମ ଦିନରେ ଆଇଆଇଟି ଭୁବନେଶ୍ୱର, ଆଇଆଇଏମ ସମ୍ବଲପୁର, ଏନଆଇଟି ରାଉରକେଲା ସମେତ ରାଜ୍ୟର ବିଭିନ୍ନ ସହରରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରେ ଜନ-ଭାଗିଦାରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀ ଏବଂ ଜନଭାଗିଦାରୀ କାର୍ଯ୍ୟକ୍ରମର ନୋଡାଲ ଏଜେନ୍ସି ଭାବେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ସାଇକେଲ ରାଲି ଏବଂ ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଏସଡିଆଇ ଭୁବନେଶ୍ୱର ପକ୍ଷରୁ ମଧ୍ୟ ଯୋଗ ଶିବିର ଓ ଲୋଗୋ ଉନ୍ମୋଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ଏବଂ ଜନଭାଗିଦାରୀ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟ ଠାରେ ''ପ୍ରଯୁକ୍ତି ଆଧାରିତ ଅଧ୍ୟୟନକୁ ଅଧିକ ସମାବେଶୀ, ଗୁଣାତ୍ମକ ଓ ସହଭାଗୀ କରିବା'' ବିଷୟବସ୍ତୁକୁ ନେଇ ଏକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜନ କରାଯାଇଥିବା ପ୍ରଭାତ ଫେରି ଏବଂ ସାଇକେଲ ଶୋଭାଯାତ୍ରାରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ସାମିଲ ହୋଇଥିଲେ। ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ସିଏସଆଇଆର- ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତି ପ୍ରତିଷ୍ଠାନ ଠାରେ ଜନ-ଭାଗିଦାରୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ପ୍ରଭାତଫେରି ଆୟୋଜନ କରାଯାଇଥିଲା। ମୁଖ୍ୟ ବୈଜ୍ଞାନିକ ଡକ୍ଟର ଏକେ ସାହୁ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ପ୍ରତିଷ୍ଠାନର ବୈଜ୍ଞାନିକ, କର୍ମଚାରୀ, ଛାତ୍ରଛାତ୍ରୀଙ୍କ ସମେତ ୧୦୦ରୁ ଅଧିକ ଲୋକ ସାମିଲ ହୋଇଥିଲେ। ସମସ୍ତଙ୍କୁ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଜି୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ ସମ୍ପର୍କରେ ସଚେତନ କରାଯାଇଥିଲା। ସେହିପରି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଏହାର କ୍ୟାମ୍ପସ ପରିସରରେ ପ୍ରଭାତ ଫେରି ଆୟୋଜନ କରାଯାଇଥିଲା। ଜି୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରଫେସର ପି.ସି ଅଗ୍ରଓ୍ୱାଲ ଉଦଘାଟନ କରିଥିଲେ। ଅନୁଷ୍ଠାନର ଡିନ୍, ଡି.ଏମ ସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରାୟ ୩୦୦ରୁ ଅଧିକ ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** – ମାନସିକ ପିଡାରୁ ମୁକ୍ତି ପାଇବେ। ସପ୍ତାହର ପ୍ରତ୍ୟେକ ଦିନ ଅର୍ଥପ୍ରାପ୍ତିର ଯୋଗ ଅଛି। ଛାତ୍ରମାନଙ୍କୁ ନୂଆ ମାର୍ଗ ମିଳିବ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ଦମ୍ପତିମାନେ ନୂଆ ନିଷ୍ପତ୍ତି ନେଇପାରନ୍ତି। ଗୃହରେ ଶାନ୍ତି ବଜାୟ ରହିବ।

**ବୃଷ** – ଗଳାରେ ସମସ୍ୟା ଅନୁଭବ କରିପାରନ୍ତି। ପରିବାରରେ ବାଦବିବାଦ ଦେଖା ଦେଇପାରେ। ପାଣି ଅଞ୍ଚଳ ନଯିବା ଭଲ। ବାଣୀରେ ଲଗାମ ଦିଅନ୍ତୁ। ପଦୋନ୍ନତି ଯୋଗଅଛି। ଛାତ୍ରମାନେ ପରିଶ୍ରମଠାରୁ କମ ଫଳ ପାଇବେ।

**ମିଥୁନ** – ସ୍ୱାସ୍ଥ୍ୟ ଉତ୍ତମ ରହିବ। ରୋକ ରହିଥିବା କାମରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ସମ୍ମାନ ମିଳିବ। ଦୂରଯାତ୍ରା କରିପାରନ୍ତି। ପ୍ରେମୀମାନେ ପ୍ରତିଶ୍ରୁତିବଦ୍ଧ ହେବେ। ସ୍ଥିର ନିଷ୍ପତ୍ତି ନିଅନ୍ତୁ।

**କର୍କଟ** – ମନ ଅସ୍ଥିର ରହିବ ଓ ଖାସ ସମସ୍ୟା ହୋଇପାରେ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟ ବା ବ୍ୟବସାୟ ଜନିତ ଯାତ୍ରାରେ ଯାଇପାରନ୍ତି। ଛାତ୍ରମାନଙ୍କ ପାଇଁ କଠିନ ସମୟ ଅଟେ। ଦମ୍ପତିମାନେ ବିବ୍ରତ ରହିପାରନ୍ତି।

**ସିଂହ** – କୌଣସି ପୁରୁଣା ରୋଗ ପୁଣି ବାହାରିପାରେ। କୌଣସି କାର୍ଯ୍ୟକୁ ଅତି କଷ୍ଟର ସହ କରନ୍ତୁ ନାହିଁ। ଖର୍ଚ୍ଚରେ ବୃଦ୍ଧି ହେବ। ଛାତ୍ରମାନେ ଶିକ୍ଷକଙ୍କ ପରାମର୍ଶ ନିଅନ୍ତୁ। ଜୀବନସାଥୀଙ୍କ ସହଯୋଗ ମିଳିବ।

**କନ୍ୟା** – ପେଟରେ ସମସ୍ୟା ହୋଇପାରେ। ଗୁପ୍ତ ଶତ୍ରୁମାନେ ପ୍ରଭାବୀ ହେବେ। କାର୍ଯ୍ୟ ଓ ବ୍ୟବସାୟରେ ସ୍ଥାନାନ୍ତରଣ ଯୋଗଅଛି। ଭାଇଭଉଣୀଙ୍କ ସହଯୋଗ ପାଇବେ। ଛାତ୍ରମାନେ ସଫଳତା ପାଇଁ କଠିନ ପରିଶ୍ରମ କରିବାକୁ ପଡିପାରେ।

**ତୁଳା** – ଯାନବାହନ ଚଳାଇବା ବେଳେ ଯତ୍ନବାନ ହୁଅନ୍ତୁ। ବ୍ୟବସାୟରେ ପୂର୍ଣ୍ଣତା ଆସିବ। ଧନପ୍ରାପ୍ତି ଯୋଗ ଅଛି। ଛାତ୍ରମାନେ ଆଶାନୁରୂପ ସଫଳତା ପାଇବେ। ପଦୋନ୍ନତିର ଯୋଗ ଅଛି।

**ବିଛା** – ଗଳା ସମ୍ବନ୍ଧୀୟ କଷ୍ଟ ହୋଇପାରେ। ସପ୍ତାହର ପ୍ରଥମାର୍ଦ୍ଧରେ ଖର୍ଚ୍ଚ ବଢ଼ିବ। ପିତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହେବ ଓ ପିତାଙ୍କ ସହଯୋଗ ମିଳିବ। କାର୍ଯ୍ୟକ୍ଷେତ୍ରରେ ଚେଷ୍ଟା ଜାରି ରଖନ୍ତୁ। ବିଦ୍ୟାର୍ଥୀଙ୍କ ପାଇଁ ସମୟ ଅନୁକୂଳ।

**ଧନୁ** – ପାଣି ଅଞ୍ଚଳକୁ ଯାଆନ୍ତୁ ନାହିଁ। ଦୈନନ୍ଦିନ ରୋଜଗାରରେ ପ୍ରତିବନ୍ଧକ ଆସିପାରେ। ଶତ୍ରୁମାନେ ପରାଜିତ ହୋଇପାରନ୍ତି। ଛାତ୍ରମାନେ ପ୍ରଭାବି ହେବେ। ଦମ୍ପତିମାନେ ଉଭୟ କାର୍ଯ୍ୟରେ ବ୍ୟସ୍ତ ରହିବେ।

**ମକର** – ସନ୍ତାନ ସ୍ୱାସ୍ଥ୍ୟରେ ଅବନତି ହେବ। ସବୁ କ୍ଷେତ୍ରରେ କଠିନତାର ସାମ୍ନା କରିପାରନ୍ତି। ମନ ଅସ୍ଥିର ରହିବ। ଧନପ୍ରାପ୍ତି ପୂର୍ବରୁ ପ୍ରତିବନ୍ଧକ ହୋଇପାରେ। ପ୍ରେମରେ ତୃତୀୟ ବ୍ୟକ୍ତିର ମନ୍ତବ୍ୟକୁ ଗୁରୁତ୍ୱ ଦିଅନ୍ତୁନାହିଁ।

**କୁମ୍ଭ** – ପେଟ ଜନିତ ରୋଗ ହୋଇପାରେ। ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଛୋଟ ଭାଇଭଉଣୀଙ୍କ ପାଇଁ ଜମି କିଣାବିକାର ପ୍ରତିବନ୍ଧକ ହୋଇପାରେ। ଛାତ୍ରମାନେ ଆବଶ୍ୟକଠାରୁ ଅଧିକ ସଫଳତା ପାଇବେ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ମୀନ** – ଅଳସୁଆ ଅନୁଭବ କରିବେ। ବ୍ୟବସାୟ ପାଇଁ ସମୟ ଅନୁକୂଳ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ମିଳିବ। ପ୍ରେମୀମାନେ ପ୍ରେମ ପରିସ ପାଇଁ ଆଲୋଚିତ ହୋଇପାରନ୍ତି। ନିଜକୁ ଏକା ଏକା ଅନୁଭବ କରିବେ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ରାଜନୀତିରୁ ଧର୍ମକୁ ଭିନ୍ନ ନକଲେ ବଢ଼ିବ ଘୃଣା ରାଜନୀତି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ହେଟ ସ୍ପିଚକୁ ନେଇ ବଡ଼ ଟିପ୍ପଣୀ ଦେଇଛନ୍ତି ସୁପ୍ରିମକୋର୍ଟ। ହେଟ ସ୍ପିଚକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେଲେ ଧର୍ମ ଠାରୁ ରାଜନୀତିକୁ ଦୁରେଇବାକୁ ପଡିବ। ଧର୍ମରେ ରାଜନୀତି ମିଶିଲେ ହେଟ ସ୍ପିଚର ସୃଷ୍ଟି ହେଉଛି ବୋଲି କହିବା ସହ ସୁପ୍ରିମକୋର୍ଟ ଏନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ରାଜନେତା କେବଳ ଶାସନ କରିବା ପାଇଁ ଧର୍ମକୁ ରାଜନୀତିରେ ମିଶ୍ରଣ କରୁଛନ୍ତି। ଯଦି ସରକାରଙ୍କୁ ସୁପର ପାୱାର ହେବାର ଅଛି ତାହେଲେ ପ୍ରଥମେ ଆଇନ କାନୁନ ଶାସନ ଚାଲିଛି ବୋଲି ବିଶ୍ୱାସ ସୃଷ୍ଟି କରିବାକୁ ହେବ। ଗୋ ଟୁ ପାକିସ୍ତାନ ଭଳି ବୟାନ ଯୋଗୁଁ ଆମେ ମାନେ କେତେ ତଳସ୍ତରକୁ ଯାଇଛେ ତାର ପ୍ରମାଣ ମିଳୁଛି। ଦେଶରେ ଜବାହାରଲାଲ ନେହେରୁ ଏବଂ ବାଜପେୟୀଙ୍କ ଭଳି ନେତା ଥିଲେ, ଯେଉଁମାନଙ୍କ ଭାଷଣ ଶୁଣିବା ପାଇଁ ଲୋକେ ଆଗ୍ରହ ପ୍ରକାଶ କରୁଥିଲେ। ସେମାନଙ୍କ ଭାଷଣରେ ନୈତିକତା ଥିଲା। ଏବେ ନେତାଙ୍କର ହେଟସ୍ପିଚ ଶୁଣିବା ପାଇଁ ଲୋକେ ଏକାଠି ହେଉଛନ୍ତି ବୋଲି ସୁପ୍ରିମକୋର୍ଟ ବିଚାରପତି କହିଛନ୍ତି। ଲୋକଙ୍କୁ ଏସବୁ ତତ୍ୱରୁ ନିଜକୁ



ଦୁରେଇ ରଖିବାକୁ ପଡିବ। ସମାଜରେ କେହି କାହାକୁ ଧର୍ମ ନାଁରେ ଅପମାନିତ କରିପାରିବେ ନାହିଁ। ଯଦି ଏଭଳି ଘଟଣା ଘଟୁଛି ରାଜ୍ୟ ସରକାର ମାନେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ରାଜ୍ୟ ଗୁଡିକ ଶକ୍ତିହୀନ ହେବା ସହ ନଂପୁସକ ହୋଇଗଲେଣି। ଯଦି ରାଜ୍ୟ ସରକାର ଚୁପ ରହୁଛନ୍ତି, ତେବେ ସେମାନଙ୍କୁ ରାଜ୍ୟ ବୋଲି କାହିଁକି କୁହାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବର୍ତ୍ତମାନ ସମୟରେ ହେଟ ସ୍ପିଚ ରାଜନୀତି ପାଲଟିଗଲାଣି। ଏହା ଉପରେ ବ୍ରେକ ଲଗାଇବା ନିହାତି ଦରକାର। ଧର୍ମକୁ ରାଜନୀତିଠୁ ନ ଦୂରେଇଲେ ହେଟ ସ୍ପିଚ ବଢିବ ବୋଲି କୋର୍ଟ କହିଛନ୍ତି। ହେଟସ୍ପିଚ କମାଇବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ରଣନୀତି କାହିଁକି ପ୍ରସ୍ତୁତ କରୁନାହାନ୍ତି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଦେଶରେ ଆଗରୁ ଭାଇଚାରାର ଭାବନା ଅତ୍ୟଧିକ ଥିଲା। କିନ୍ତୁ ଏବେ ଭାଇଚାରାର ଭାବନାରେ ଫାଟ ସୃଷ୍ଟି ହେଲାଣି ବୋଲି ବିଚାରପତି ନାଗରତ୍ନା ଦୁଃଖର ସହ କହିଛନ୍ତି। ହେଟସ୍ପିଚ ନେଇ ମାନହାନୀ ମାମଲାର ଶୁଣାଣି ବେଳେ ଏଭଳି କହିଛନ୍ତି ବିଚାରପତି।

# ରାମନବମୀରେ ହିଂସା ପାଇଁ ମମତା ଦାୟୀ: ବିଜେପି

**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗର ହାଓ୍ୱଡାରେ ରାମ ନବମୀ ଓ ଏହାର ପରଦିନ ହୋଇଥିବା ହିଂସାକୁ ନେଇ ଆରୋପ-ପ୍ରତ୍ୟାରୋପ ଲାଗି ରହିଛି। ହିଂସାର ଯାଞ୍ଚ ସିଆଇଡିକୁ ଦିଆଯିବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବିଜେପି ଏଥିରେ ସନ୍ତୁଷ୍ଟ ନୁହେଁ। ହିଂସାର ଯାଞ୍ଚ ଏନଆଇଏ କରୁ ବୋଲି ବିଜେପି ଦାବି କରିଛି। ବିଧାନସଭାରେ ବିରୋଧି ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏହାକୁ ନେଇ ହାଇକୋର୍ଟରେ ଆବେଦନ କରିଛନ୍ତି। ଏଥିରେ ରାମନବମୀରେ ହୋଇଥିବା ହିଂସାକୁ ନେଇ ଏନଆଇଏ ଯାଞ୍ଚ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଛି। ହିଂସା ପାଇଁ ମମତା ବାନାର୍ଜୀଙ୍କ ତୁଷ୍ଟି କରଣ ରାଜନୀତିକୁ ଦାୟୀ କରିଛନ୍ତି ସେ କହିଛନ୍ତି। ମମତା ବାନାର୍ଜୀ ସରକାର ଦେଶ ବିରୋଧି ଶକ୍ତିକୁ ରୋକିବାକୁ ଅସମର୍ଥ ବୋଲି ଶୁଭେନ୍ଦୁ ଅଧିକାରୀ କହିଛନ୍ତି। ଏହି ହିଂସା ପାଇଁ ମମତା ବାନାର୍ଜୀ ଓ ତାଙ୍କ ଦଳ ଦାୟୀ। ତାଙ୍କ ରଜନୀତି ଯୋଗୁ ପଶ୍ଚିମବଙ୍ଗରେ ନିଆଁ ଜଳୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ରାମନବମୀରେ ହାଓ୍ୱଡାରେ ହୋଇଥିବା ହିଂସାକୁ ନେଇ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପିକୁ ଟାର୍ଗେଟ କରିଛନ୍ତି। ହାଓ୍ୱଡାରେ ହୋଇଥିବା ହିଂସାକୁ ନେଇ ସେ ବିଜେପି ଉପରେ ଆଙ୍ଗୁଠି ଉଠାଇଛନ୍ତି। ମମତା ଦାବି କରିଛନ୍ତି ଯେ ରାମ ନବମୀ ଦିନ ହାଓ୍ୱଡାରେ ହୋଇଥିବା ହିଂସା ପାଇଁ ବିଜେପି ଓ ଅନ୍ୟ ଦକ୍ଷିଣପନ୍ଥୀ ସଂଗଠନ ଦାୟୀ। ମୁଖ୍ୟମନ୍ତ୍ରୀ ସେଠାକାର ଲୋକଙ୍କୁ ଉକ୍ତ ଅଞ୍ଚଳରେ ଶାନ୍ତି ବଜାୟ ରଖିବାକୁ ଅପିଲ କରିଛନ୍ତି। ରାମନବମୀର ଦ୍ୱିତୀୟ ଦିନରେ ବି ହାଓ୍ୱଡାର ଶିବପୁରରେ ପଥରମାଡ ହୋଇଥିଲା। ରାମନବମୀ ଉତ୍ସବ ମଧ୍ୟରେ ପଶ୍ଚିମବଙ୍ଗର ହାଓ୍ୱଡ଼ାରେ ବ୍ୟାପକ ହିଂସା ଉପୁଜିଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ବହୁ ପୋଡ଼ାଜଳା କ୍ଷୟକ୍ଷତି ହୋଇଥିଲା। ଅନେକ ଗାଡିରେ ନିଆଁ ଲଗାଯିବା ସହ ପରସ୍ପରକୁ ପଥରମାଡ଼ ହୋଇଥିଲା।

# ଘରୋଇ ଜେଟ୍‌ରେ ବିଦେଶ ଗସ୍ତ କରି ଋଷି ସୁନକ ଖର୍ଚ୍ଚ କରିଛନ୍ତି ୫୦୦,୦୦୦ ପାଉଣ୍ଡ

**ଲଣ୍ଡନ୍:** ଗତବର୍ଷ ଘରୋଇ ଜେଟ୍ ବିମାନରେ ବିଦେଶ ଗସ୍ତ କରି ବ୍ରିଟିସ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ୫୦୦,୦୦୦ ପାଉଣ୍ଡ ବ୍ୟୟ କରିଥିବା କଥା 'ଦି ଗାର୍ଡିଆନ୍' ରିପୋର୍ଟ କରିଛି। ୨୦୨୨ ଶେଷ ଚାରିମାସରେ ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ସଂକ୍ରାନ୍ତରେ କ୍ୟାବିନେଟ୍ ଅଫିସ୍ ଡକ୍ୟୁମେଣ୍ଟ୍ରେ ସବିଶେଷ ବିବରଣୀ ରହିଛି। ସେଥିରୁ ଜଣାପଡ଼ିଛି ଯେ, ଇଜିପ୍ଟରେ ଆୟୋଜିତ 'କୋପ୍୨୭' ଶିଖର ବୈଠକରେ ଯୋଗ ଦେଇ ତା' ପରିଦିନ ଫେରିବା ପାଇଁ ଘରୋଇ ଜେଟ୍ ବିମାନ ଭଡ଼ା ବାବଦକୁ ୧୦୮,୦୦୦ ପାଉଣ୍ଡ ବ୍ୟୟ କରିଛନ୍ତି। ନଭେମ୍ବର ୬ ତାରିଖ ଦିନ ଇଜିପ୍ଟ ଯାଇ ତା'ପର ଦିନ



ସୁନକ ସେଠାରୁ ଫେରିଆସିଥିଲେ। ଏହାର ସପ୍ତାହକ ପରେ ସେ 'ଜି୨୦' ଶିଖର ବୈଠକରେ ଯୋଗ ଦେବା ଲାଗି ଇଣ୍ଡୋନେସିଆର ବାଲି ଯାଇ ନଭେମ୍ବର ୧୭ରେ ଫେରିଥିଲେ। ସେଥିପାଇଁ ବିମାନ ଭଡ଼ା ବାବଦକୁ ୩୪୦,୦୦୦ ପାଉଣ୍ଡ ଖର୍ଚ୍ଚ ହୋଇଥିଲା।

**ବିଶ୍ୱ ସ୍ତରରେ ଭାରତରେ ସବୁଠୁ ଅଧିକ ମହିଳା ପାଇଲଟ୍**

# ୧୦ହଜାର ପାଇଲଟଙ୍କ ମଧ୍ୟରୁ ୧୫୦୦ ମହିଳା

**ନୂଆଦିଲ୍ଲୀ :** ବିଶ୍ୱ ସ୍ତରରେ ଯେତିକି ମହିଳା ପାଇଲଟ୍ ରହିଛନ୍ତି ସେ ତୁଳନାରେ ଭାରତରେ ମହିଳା ପାଇଲଟ୍‌ଙ୍କ ସଂଖ୍ୟା ସବୁଠୁ ଅଧିକ। ଭାରତରେ ପ୍ରାୟ ୧୦ ହଜାର ପାଇଲଟ୍ କାର୍ଯ୍ୟ କରୁଥିଲା ବେଳେ ସେମାନଙ୍କ ମଧ୍ୟରୁ ୧୫ ପ୍ରତିଶତ କେବଳ ମହିଳା ପାଇଲଟ୍ ରହିଛନ୍ତି ବୋଲି ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ପ୍ରକାଶ କରାଯାଇଥିବା ସର୍ବଶେଷ ପରିସଂଖ୍ୟାନ ରିପୋର୍ଟରୁ ଜଣାପଡ଼ିଛି। ଡିଜିସିଏ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଘରୋଇ ରୁଟ୍ରେ ଏବଂ ବିଭିନ୍ନ ଘରୋଇ ବିମାନ କମ୍ପାନୀରେ ପ୍ରାୟ ୧୦ ହଜାରରୁ ଅଧିକ ପାଇଲଟ୍ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରେ ମାତ୍ର ୬୭ ପାଇଲଟ୍ ବିଦେଶୀ ହୋଇଥିଲା ବେଳେ ମୋଟ ପାଇଲଟ୍ ସଂଖ୍ୟାର ୧୫ ପ୍ରତିଶତ କେବଳ ମହିଳା ପାଇଲଟ୍ ରହିଛନ୍ତି। ବିଶ୍ୱସ୍ତରରେ ମୋଟ ଯେତିକି ସଂଖ୍ୟକ ପାଇଲଟ୍ କାର୍ଯ୍ୟ କରୁଛନ୍ତି ସେଥିମଧ୍ୟରୁ ମହିଳା ପାଇଲଟ୍‌ଙ୍କ ସଂଖ୍ୟା ହାରାହାରି ୫ ପ୍ରତିଶତ ରହିଛି। କିନ୍ତୁ ଭାରତରେ ଏହି ହାର ୧୫ ପ୍ରତିଶତ ରହିଛି ବୋଲି ଡିଜିସିଏ ପକ୍ଷରୁ କୁହାଯାଇଛି। ପାଇଲଟ୍ ହେବା ପାଇଁ ମହିଳା, ଅନୁସୂଚିତ ଜାତି କିମ୍ବା ଜନଜାତିଙ୍କ ପାଇଁ ସେଭଳି କୌଣସି ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା ନ ଥିଲେ ହେଁ ଭାରତ ଏହି କ୍ଷେତ୍ରରେ ଆଗୁଆ ରହିଥିବା କୁହାଯାଇଛି। ୨୦୨୧ରେ ବିଭିନ୍ନ



ବିମାନ କମ୍ପାନୀ ଦ୍ୱାରା ୨୪୪ ପାଇଲଟ୍‌ଙ୍କୁ ନିଯୁକ୍ତି ମିଳିଥିଲା। କିନ୍ତୁ ଆଗାମୀ ଦିନରେ ଆହୁରି ଅଧିକ ସଂଖ୍ୟକ ପାଇଲଟଙ୍କ ଆବଶ୍ୟକତା ପଡ଼ିବ। ଏପରିକି ଆସନ୍ତା ୫ ବର୍ଷ ମଧ୍ୟରେ ଭାରତରେ ଆହୁରି ଏକ ହଜାର ପାଇଲଟ୍‌ଙ୍କ ନିଯୁକ୍ତି ପାଇଁ ବାଟ ଖୋଲିବ ବୋଲି କୁହାଯାଇଛି। ସେହି ଅନୁସାରେ ଭାରତରେ ମହିଳା ପାଇଲଟ୍‌ଙ୍କ ସଂଖ୍ୟା ଆହୁରି ଅଧିକ ହେବ। ଇଣ୍ଟରନ୍ୟାସନାଲ ଓ୍ୱିମେନ ଏୟାରଲାଇନ ପାଇଲଟ୍ସ ସଂସ୍ଥା ପକ୍ଷରୁ ଦିଆଯାଇଥିବା ୨୦୨୧ ବର୍ଷ ପାଇଁ ଦିଆଯାଇଥିବା ସୂଚନା ଅନୁଯାୟୀ ଆୟର୍ଲାଣ୍ଡରେ ମହିଳା ପାଇଲଟ୍‌ଙ୍କ ହାର ୯.୯ ପ୍ରତିଶତ ରହିଥିଲା ବେଳେ ଦକ୍ଷିଣ ଆଫ୍ରିକାରେ ୯.୮ ପ୍ରତିଶତ, ଅଷ୍ଟ୍ରେଲିଆରେ ୭.୫ ପ୍ରତିଶତ, କାନାଡା ୭ ପ୍ରତିଶତ, ଜର୍ମାନୀ ୬.୯ ପ୍ରତିଶତ, ଆମେରିକା ୫.୫ ପ୍ରତିଶତ, ଯୁକ୍ତରାଜ୍ୟ ୪.୭ ପ୍ରତିଶତ, ନ୍ୟୁଜିଲାଣ୍ଡ ୪. ୫ ପ୍ରତିଶତ, ସ୍କାଣ୍ଡିନେଭିଆ ୩.୮ ପ୍ରତିଶତ, କ୍ୱାତର ୨.୪ ପ୍ରତିଶତ, ଜାପାନ ୧.୩ ପ୍ରତିଶତ ଏବଂ ସିଙ୍ଗାପୁରରେ ମହିଳା ପାଇଲଟଙ୍କ ହାର ୧ ପ୍ରତିଶତ ରହିଛି। କିନ୍ତୁ ଏହି ରିପୋର୍ଟରେ ଭାରତୀୟ ମହିଳା ପାଇଲଟଙ୍କ ହାର ସବୁଠୁ ଅଧିକ ଭାବେ ୧୨.୪ ପ୍ରତିଶତ ରହିଛି। ଯାହାକି ପରବର୍ତ୍ତୀ ସମୟରେ ବୃଦ୍ଧି ପାଇ ମୋଟ ପାଇଲଟ ସଂଖ୍ୟାର ୧୫ ପ୍ରତିଶତ ଛୁଇଁଛି। ବର୍ତ୍ତମାନ କେବଳ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ନୁହେଁ, ବରଂ ଭାରତୀୟ ବାୟୁସେନାରେ ମଧ ମହିଳା ପାଇଲଟଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୮୯ରେ ବିଶ୍ୱସ୍ତରରେ ସବୁଠୁ କମ୍ ବୟସ୍କା କମର୍ସିଆଲ ଏୟାରଲାଇନ୍ସର କ୍ୟାପଟେନ ହୋଇ ନିବେଦିତା ଭାସିନ ଆନ୍ତର୍ଜାତିକ ମହଲରେ ଚର୍ଚ୍ଚିତ ରହିଥିଲେ।

# ଚୀନ୍‌ର ଋଣ ଜାଲ, ଦେବାଳିଆ ହେଉଛନ୍ତି ରାଷ୍ଟ୍ର

**ବେଜିଂ:** ପ୍ରଥମେ ଋଣ ଦେଇ ଦେବାଳିଆ କରୁଛି। ପରେ ଋଣ ସୁଝିବା ପାଇଁ ମଧ ଋଣ ଦେଉଛି ଚୀନ୍। ସାରା ବିଶ୍ୱରେ ଥିବା ଛୋଟ ଛୋଟ ଦେଶ ଗୁଡିକୁ ଋଣ ଦେଇ ଦେବାଳିଆ କରିବାରେ ଲାଗିଛି ଚୀନ୍। ଋଣ ଶୁଝିନପାରିଲେ ସେଠାକାର ପ୍ରାକୃତିକ ସମ୍ପଦ ଉପରେ କବଜା କରୁଛି ଚୀନ୍। ଆମେରିକା ସାରା ବିଶ୍ୱରେ ଅଧିକ ଋଣ ଦେଉଥିବା ଦେଶ ଭିତରେ ଥିବା ବେଳେ ଚୀନ ଆମେରିକାକୁ ଟପିବାକୁ ବସିଲାଣି। ଅଳ୍ପ ରୋଜଗାର ଥିବା ଦେଶ ଗୁଡିକୁ ଟାର୍ଗେଟ କରୁଛି ଚାଇନା। ସେମାନଙ୍କ ସ୍ଥିତି ସୁଧାରିବା



ନାଁରେ ଋଣ ଜାଲ ବିଛାଇ ସେହି ଦେଶଗୁଡିକୁ ଫସାଇବାକୁ ଚେଷ୍ଟା କରୁଛି ବୋଲି ଆମେରିକାର ଏକ ଗବେଷଣାରୁ ସ୍ପଷ୍ଟ ହୋଇଛି। ଛୋଟ ଛୋଟ ଦେଶ ଆଇଏମଏଫରୁ ଋଣ ନନେଇ ଚୀନଠୁ ନେବାକୁ ପସନ୍ଦ କରୁଛନ୍ତି। ଯେତେ ମାଗୁଛନ୍ତି ସେତିକି ଦେବାକୁ ଚୀନ ସରକାର ରାଜି ହେଉଛନ୍ତି। ସେମାନେ ଋଣ ସୁଝି ନପାରିଲେ ଦେବାଳିଆ ସ୍ଥିତିରୁ ଉଦ୍ଧାର ପାଇଁ ପୁଣି ଋଣ ଦେଉଛି ବୋଲି ଆମେରିକା କହିଛି। ଆଙ୍ଗୋଲା, ଆର୍ଜେଣ୍ଟିନା, ବେଲାରୁସ, ବୁଲଗେରିଆ, ଇଜିପ୍ଟ, କେନିଆ ଭଳି ଦେଶକୁ ଟାର୍ଗେଟ କରୁଛି ଚୀନ୍। ଚୀନର ଏଭଳି ଉଦ୍ୟମ ଦ୍ୱାରା ସାରା ବିଶ୍ୱର ଆର୍ଥିକ ସ୍ଥିତି ଉପରେ ସଙ୍କଟ ସୃଷ୍ଟି ହେଉଛି। ଗତକିଛି ବର୍ଷ ମଧ୍ୟରେ ଚାଇନା ୨୪୦ ବିଲିୟନ ଡଲାର ଅନ୍ୟ ଦେଶକୁ ସହାୟତା କରିଛି। ୨୦୨୧ରେ ଚାଇନା ଯେଉଁ ଦେଶକୁ ୪୦ ବିଲିୟନ ଡଲାର ସହାୟତା କରିଥିଲା, ସେହି ଦେଶଗୁଡିକୁ ୬୮ ବିଲିୟନ ଡଲାର ସହାୟତା କରିଛି ଆଇଏମଏଫ।

# ମହାକାଶରୁ ଭାରତର ବିରଳ ଚିତ୍ର ଛାଡ଼ିଲା ଇସ୍ରୋ

**ନୂଆଦିଲ୍ଲୀ :** ଭୂ-ପର୍ଯ୍ୟବେକ୍ଷଣ ଉପଗ୍ରହ (ଇଓଏସ୍-୦୬) ବା ଓସେନସାଟ୍-୩ ଓସେନ କଲର ମନିଟର (ଓସିଏମ୍)



ବ୍ୟବହାର କରି ପୃଥିବୀର ବିରଳ ଚିତ୍ର ଉତ୍ତୋଳନ କରିଛି। ଭାରତର ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ଅନୁଯାୟୀ ଏହି ଚିତ୍ରଗୁଡ଼ିକ ହେଉଛି ଉପଗ୍ରହ ତଥ୍ୟକୁ ଆଧାର କରି ନ୍ୟାସନାଲ ରିମୋଟ୍ ସେନ୍ସିଂ ସେଣ୍ଟର (ଏନ୍ଆରଏସ୍‌ସି) ଦ୍ୱାରା ସୃଷ୍ଟ ମୋଜାଇକ। ପ୍ରତ୍ୟେକ ମୋଜାଇକରେ ୨,୯୩୯ଟି ଇମେଜ ରହିଛି। ଏଥିରୁ ଭାରତର ବିରଳ ଚିତ୍ର ସ୍ପଷ୍ଟ ଦୃଶ୍ୟମାନ ହେଉଛି। ଏହି ଛବିରେ ଅନ୍ୟ ଦେଶ ଓ ମହାଦେଶଗୁଡ଼ିକ ଭିନ୍ନ ରଙ୍ଗରେ ଚିହ୍ନିତ କରାଯାଇଛି।

**ଶକ୍ତିଶାଳୀ ସୌରଶିଖା ଦ୍ୱାରା ପ୍ରଭାବିତ ପୃଥିବୀ**

# ବେତାର ଯୋଗାଯୋଗ ପ୍ରଭାବିତ

**ନୂଆଦିଲ୍ଲୀ :** ସୌରମଣ୍ଡଳରେ ଶକ୍ତିଶାଳୀ ବିସ୍ଫୋରଣ ଯୋଗୁ ମାର୍ଚ୍ଚ ୨୯ରୁ ସୌରଶିଖା ଉଠି ପୃଥିବୀର ବାୟୁମଣ୍ଡଳର ଉପରିଭାଗକୁ ଆୟନୀକୃତ (ଯୁକ୍ତ ଓ ବିଯୁକ୍ତ କଣିକାଯୁକ୍ତ) କରିଦେଇଛି। ଫଳରେ ଦକ୍ଷିଣ-ପୂର୍ବ ଏସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ରେଡିଓ ଓ ଟିଭି ପ୍ରସାରଣ ବ୍ୟାହତ ହୋଇଛି। ରେଡିଓ ତରଙ୍ଗ ସଙ୍କେତ ଉପରେ ନିର୍ଭରଶୀଳ ମୋବାଇଲ ଓ ଇଣ୍ଟରନେଟ୍ ମଧ ଅଚଳ ହୋଇଯାଇଛି। ନାସାର ସୂଚନା ଅନୁସାରେ, ସୂର୍ଯ୍ୟମଣ୍ଡଳର ଦକ୍ଷିଣପଶ୍ଚିମ ପୃଷ୍ଠଦେଶରେ ଥିବା ସନ୍‌ସ୍ପଟ୍ (ସୌର କଳଙ୍କ) ଏଆର୩୨୫୬ରୁ ଏହି ସୌରଶିଖା (ଫ୍ଲେୟାର) ଉଠିଛି। ନାସାର ସୋଲାର ଡାଇନାମିକ୍ସ ପର୍ଯ୍ୟବେକ୍ଷଣାଗାର ପକ୍ଷରୁ ଏହାର ଫଟୋ



ଉତ୍ତୋଳନ କରାଯାଇଛି। ଏହି ସୌରଶିଖାକୁ ଏକ୍ସ୧.୨ ଫ୍ଲେୟାର ବୋଲି ବର୍ଗୀକୃତ କରାଯାଇଛି। ଅତି ଭୀଷଣ ସୌରଶିଖା ଏକ୍ସ ଶ୍ରେଣୀର ଅନ୍ତର୍ଗତ ହୋଇଥାଏ। ସେ?ରଶିଖା ବେତାର ଯୋଗାଯୋଗ, ଇଲେକ୍ଟ୍ରିକ୍ ପାଓ୍ୱାର ଗ୍ରିଡ୍ ଓ ନେଭିଗେସନ ସିଗ୍ନାଲ ଆଦିକୁ ପ୍ରଭାବିତ କରିଥାଏ। ମହାକାଶ ଯାନ ଓ ମହାକାଶଚାରୀଙ୍କ ପ୍ରତି ଏହା ବିପଦ ସୃଷ୍ଟି କରେ।

**ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା**

# ଓଡ଼ିଶାକୁ ବିଶ୍ୱବ୍ୟାଙ୍କର ସହାୟତା

**ନୂଆଦିଲ୍ଲୀ :** ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ପ୍ରାୟତ ପ୍ରତିବର୍ଷ ବାତ୍ୟା, ବନ୍ୟାର ସମ୍ମୁଖୀନ ହୋଇଥାଏ। ଗତ ୫ ଦଶନ୍ଧି ମଧ୍ୟରେ ୩୫ ଥର ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ସହ ଜୁଝିଛି, ବିପୁଳ କ୍ଷତିର ସମ୍ମୁଖୀନ ହୋଇଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ୧୦ଟି ସାମୁଦ୍ରିକ ଘୂର୍ଣ୍ଣିଝଡ଼ ସହ ୬ ବର୍ଷ ମରୁଡ଼ି ଓ ଭୟଙ୍କର ବନ୍ୟା ଯୋଗୁଁ ବିପୁଳ କ୍ଷତିଗ୍ରସ୍ତ ହୋଇଛି। ଏପରିକି ବନ୍ୟା, ବାତ୍ୟା, ମରୁଡ଼ି ପରି ବିପର୍ଯ୍ୟୟ ସମ୍ମୁଖୀନ ହେବା ପରେ ଓଡ଼ିଶାର ଯେଉଁ ହାରରେ ଆଗକକୁ ବଢିବା କଥା ତାହା ହୋଇପାରୁନାହିଁ। କାରଣ ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ପ୍ରଚୁର କ୍ଷତି ଘଟାଉଛି। ୧୯୯୯ ଅକ୍ଟୋବରରେ ଉପକୂଳ ଓଡ଼ିଶାକୁ ଛାରଖାର କରି ଦେଇଥିଲା ମହାବାତ୍ୟା। ବଦଳିଯାଇଥିଲା ଉପକୂଳ ଓଡ଼ିଶାର ଭୌଗଳିକ ସ୍ଥିତି। ମହାବାତ୍ୟାର କରାଳ ଧ୍ୱଂସଲୀଳା ଓ ବ୍ୟାପକ ଧନଜୀବନ ହାନି ରାଜ୍ୟର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା। ତେବେ ଏହାର ପରେ ଥଇଥାନ ଓ ପୁନଃନିର୍ମାଣର ଜୀବନମନ୍ତ୍ର ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିପର୍ଯ୍ୟୟ ପରିଚାଳନାର ମାଷ୍ଟରପ୍ଲାନର କରିଥିଲେ। ୧୯୯୯ ପରେ ରାଜ୍ୟ ମହାବାତ୍ୟା ପରଠାରୁ ଫାଇଲିନ୍, ହୁଡ୍‌ହୁଡ୍, ତିତଲି, ଫନୀ, ୟସ ଭଳି ପ୍ରଚଣ୍ଡ ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇ ଭୀଷଣ କ୍ଷତିଗ୍ରସ୍ତ ହୋଇଛି ଓଡ଼ିଶା। ଅବଶ୍ୟ ନବୀନ ପଟ୍ଟନାୟକଙ୍କ ଦୃଢ଼ ଓ ଦରଦୀ ସରକାରଙ୍କ ନେତୃତ୍ୱରେ 'ଶୂନ୍ୟ ଜୀବନହାନି' ଆଦର୍ଶକୁ ଅନୁସରଣ କରି ଓଡ଼ିଶା ଜନଜୀବନ କ୍ଷତି ରୋକିବାରେ ସଫଳତା ହାସଲ କରିଛି ସତ; କିନ୍ତୁ କ୍ଷେତ ଫସଲ ଓ ସମ୍ପତ୍ତିବାଡ଼ିର ଯେଉଁ ବ୍ୟାପକ



କ୍ଷତି ଘଟୁଛି ତାହା ଓଡ଼ିଶାର ଅର୍ଥନୀତିକୁ ଦୋହଲାଇ ଦେଉଛି। ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ରାଜ୍ୟ ସରକାର ଭିତ୍ତିଭୂମିକୁ ଉନ୍ନତ କରୁଥିବା ବେଳେ ଏବେ ବିଶ୍ୱବ୍ୟାଙ୍କ ପକ୍ଷରୁ ଓଡ଼ିଶାକୁ ୧୦୦ ମିଲିୟନ ଡଲାର ସହାୟତା ମିଳିଛି। ରାଜ୍ୟର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ପ୍ରାକୃତିକ ବିପର୍ଯ୍ୟୟ ପୂର୍ବାନୁମାନ ପ୍ରଣାଳୀକୁ ଅଧିକ ଦୃଢ କରିବାକୁ ୧୦୦ ମିଲିୟନ ଡଲାର ସହାୟତା ପ୍ରଦାନ କରିଛି। ବିଶ୍ୱବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ୧୦୦ ମିଲିୟନ ଡଲାର ଋଣ ମଞ୍ଜୁର କରିଛନ୍ତି ଯାହା ଭାରତୀୟ ଓଡିଶାର ବିପର୍ଯ୍ୟୟର ମୁକାବିଲା ପାଇଁ ଉନ୍ନତ ପୂର୍ବାନୁମାନ ତଥା ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଗରିବ ଏବଂ ଅସୁରକ୍ଷିତ ପରିବାର ପାଇଁ ସାମାଜିକ ସୁରକ୍ଷା କଭରେଜକୁ ବଢାଇବାରେ ସାହାଯ୍ୟ କରିବ। ଉପକୂଳବର୍ତ୍ତୀ ରାଜ୍ୟ ଓଡିଶା ପ୍ରାୟତ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥାଏ। ରାଜ୍ୟର ୪୮୦ କିଲୋମିଟର ଉପକୂଳରେ ସୁନାମି ବିପଦ ରହିଛି। ବାରମ୍ବାର ବିପର୍ଯ୍ୟୟ ଫଳରେ ଓଡ଼ିଶାର କୃଷି ଉତ୍ପାଦନ, ଭିତ୍ତିଭୂମି ଏବଂ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଚାକିରି ସହିତ ଆର୍ଥିକ କାର୍ଯ୍ୟକଳାପକୁ ଯଥେଷ୍ଟ ପ୍ରଭାବିତ କରିଥାଏ। ଏଣୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଭିତ୍ତିଭୂମିକୁ ସୁଦୃଢ କରିବାକୁ ବିଶ୍ୱ ବ୍ୟାଙ୍କର ଅର୍ଥ ଖର୍ଚ୍ଚ କରାଯିବ। ବିଶ୍ୱ ବ୍ୟାଙ୍କର ଏହି ଅର୍ଥ ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଓଡ଼ିଶାର ହେଉଥିବା କ୍ଷତି ହ୍ରାସ କରିବା ସହ ରାଜ୍ୟର ଦକ୍ଷତା ଏବଂ ସ୍ଥିର ଅଭିବୃଦ୍ଧି କାର୍ଯ୍ୟକ୍ରମ ସହାୟକ ହେବ। ଭାରତ ପାଇଁ ବିଶ୍ୱ ବ୍ୟାଙ୍କର ନିର୍ଦ୍ଦେଶକ ଅଗଷ୍ଟ ଟାନୋ କୁଆମ୍ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଓଡିଶା ସରକାରଙ୍କୁ ବିଦ୍ୟମାନ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବାରେ ସାହାଯ୍ୟ କରିବ। ବିଗତ ଏକ ଦଶନ୍ଧି ମଧ୍ୟରେ ବିଶ୍ୱ ବ୍ୟାଙ୍କ ଦ୍ୱାରା ରାଜ୍ୟକୁ ଯୋଗାଇ ଦିଆଯାଇଥିବା ବୈଷୟିକ ସହାୟତାର ବିସ୍ତୃତ କାର୍ଯ୍ୟକ୍ରମ ଉପରେ ନିର୍ମାଣ ହୋଇଥିବାବେଳେ। ଏବେ ପ୍ରସ୍ତାବିତ ଅର୍ଥ ଓଡ଼ିଶା ସରକାରଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଆହୁରି ଦୃଢ କରିବ।



## ଅଙ୍ଗନବାଡ଼ିରୁ ତୃତୀୟ ଶ୍ରେଣୀ ଯାଏଁ ପାଠପଢ଼ା ଲାଗି ସ୍ୱତନ୍ତ୍ର ମାର୍ଗଦର୍ଶିକା

# ବଢ଼ିବ ପିଲାଙ୍କ ସାହିତ୍ୟ, ଗଣିତ ଜ୍ଞାନ

**ଭୁବନେଶ୍ୱର :** ନୂଆ ଶିକ୍ଷା ନୀତିରେ ଶିକ୍ଷା ବ୍ୟବସ୍ଥାର ହେଉଛି ନବ କଳେବର। ଆଦ୍ୟ ଓ ଶୈଶବ ଶିକ୍ଷାରୁ ପିଏଚ୍ଡି ଯାଏଁ ସମସ୍ତ ଶ୍ରେଣୀ ପାଇଁ ଆସୁଛି ସ୍ୱତନ୍ତ୍ର ମାର୍ଗଦର୍ଶିକା। ସଂଖ୍ୟା ଓ ଭାଷା ଜ୍ଞାନରେ ଦକ୍ଷ ହେବେ ଛାତ୍ରଛାତ୍ରୀ। ଏଥି ପାଇଁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ନାମରେ ଅଭିନବ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମିଶନ୍ ମୋଡ୍ରେ ତୃଣମୂଳ ସ୍ତରରୁ ପିଲାଙ୍କୁ ସାହିତ୍ୟ ଓ ଗଣିତରେ ଦକ୍ଷ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଅଙ୍ଗନବାଡ଼ି ତଥା ପ୍ଲେ ଶ୍ରେଣୀ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପୁସ୍ତକ ମାଧ୍ୟମରେ ପାଠ ପଢ଼ାଯିବା ସହ ପିଲାଙ୍କ ସମନ୍ୱିତ ଓ ସାମଗ୍ରିକ ବିକାଶ ଲାଗି ବିଶେଷ ଗୁରୁତ୍ୱ ଦିଆଯାଉଛି। ଅଙ୍ଗନବାଡ଼ିରୁ ତୃତୀୟ ଶ୍ରେଣୀ ଯାଏଁ କେଉଁ ଶ୍ରେଣୀରେ ଛାତ୍ରଛାତ୍ରୀ କେଉଁ ବିଷୟର ପାଠ ପଢ଼ିବେ ସେ ନେଇ ମାର୍ଗଦର୍ଶିକା ପ୍ରକାଶ ପାଇବା ସହ ଏହାକୁ କାର୍ଯ୍ୟକାରୀ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପିଲାଙ୍କୁ ଚାପ ମୁକ୍ତ କରିବା ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ବିଭାଗ ଏହି ମାର୍ଗଦର୍ଶିକାକୁ ଗୁରୁତ୍ୱ ଦେଉଥିବା ଦର୍ଶାଇଛି। ମାର୍ଗଦର୍ଶିକା ଅନୁଯାୟୀ ବାଲ୍ ବାଟିକା (ଅଙ୍ଗନବାଡ଼ି)ରେ ପିଲାମାନେ ଦୁଇ/ତିନି ଅକ୍ଷର ବିଶିଷ୍ଟ ସରଳ ଶବ୍ଦ ପଢ଼ିବେ। ୧୦ ପର୍ଯ୍ୟନ୍ତ ସଂଖ୍ୟା ଲେଖା ଓ ପଢ଼ା ଶିଖିବେ। ଚିତ୍ରାଙ୍କନ, ସଂଖ୍ୟା, ବସ୍ତୁ ଓ ଆକୃତିଗୁଡ଼ିକୁ ଠିକ୍ କ୍ରମରେ ସଜାଇବେ। ସେହିପରି ପ୍ରଥମ ଶ୍ରେଣୀରେ ମାତ୍ରା ଯୁକ୍ତ ଶବ୍ଦ, ସରଳ ଫେଢ଼ାଣ, ଦ୍ୱିତୀୟରେ ବାକ୍ୟ, ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟାର ଯୋଗ ବିୟୋଗ ଓ ତୃତୀୟ ଶ୍ରେଣୀରେ ଅନୁଚ୍ଛେଦ ଓ ଗପ ଲିଖନ,



ତିନି ଅଙ୍କ ବିଶିଷ୍ଟ ସଂଖ୍ୟାର ମିଶାଣ ଫେଢ଼ାଣ ଆଦି ପାଠ ପଢ଼ାଯିବ। ମୌଳିକ ସାକ୍ଷରତାରେ ଯୋଜନାରେ ପିଲାଙ୍କ ମୌଖିକ ଭାଷାର ବିକାଶ, ଅକ୍ଷର ଚିହ୍ନି ଚିହ୍ନି ପଢ଼ିବା, ସୁଗମ ପଠନ, ପଢ଼ିବା ସହ ବୁଝିବା, ଲିଖନ ପ୍ରତି ଗୁରୁତ୍ୱ ଦିଆଯିବ। ମୌଳିକ ସଂଖ୍ୟାଜ୍ଞାନରେ ପିଲାଙ୍କ ପ୍ରାକ୍ ସଂଖ୍ୟା ଧାରଣା, ସଂଖ୍ୟା ଓ ଗାଣିତିକ ପ୍ରକ୍ରିୟାର ସମ୍ପାଦନ, ଆକୃତି ଓ ଜ୍ୟାମିତିକ ଧାରଣାକୁ ବୁଝିବା, ଦୈର୍ଘ୍ୟ, ଓଜନ ଓ ଧାରକତ୍ୱର ମାପ କରିବା ତଥ୍ୟ ପରିଚାଳନା ଓ ସଂରଚନା ଆଦିକୁ ଶିକ୍ଷା ଦିଆଯିବ। ଏହାଦ୍ୱାରା ପିଲାମାନେ ଉତ୍ତମ ସ୍ୱାସ୍ଥ୍ୟ ଓ ଜ୍ଞାନ ଆହରଣରେ ସୁସ୍ଥତା ବଜାର ରଖିବେ। ଶିକ୍ଷା ସେମାନଙ୍କ ଫଳପ୍ରଦ ଭାବବିନିମୟକାରୀ ହେବ ବୋଲି ମଧ୍ୟ ବିଭାଗ ଦର୍ଶାଇଛି। ସେହିପରି ପିଲାମାନେ ସଂଯୁକ୍ତ ଶିକ୍ଷାର୍ଥୀ ହେବେ ଓ ଶୈକ୍ଷିକ ପରିବେଶ ସହ ନିଜକୁ ଜଡ଼ିତ କରିବେ। ଏଥିରେ ଛାତ୍ରଛାତ୍ରୀଙ୍କ ସାମାଜିକ ଆଚରଣର ବିକାଶ, ଆତ୍ମ ସଚେତନତା, ସ୍ୱଚ୍ଛତା ଓ ପରିମଳ ଏବଂ ସୁସ୍ଥ ଅଭ୍ୟାସ, ଭାଷାର ଅର୍ଥପୂର୍ଣ୍ଣ ବ୍ୟବହାର, ନିଜକୁ ପରିପ୍ରକାଶ ପାଇଁ ଲିଖନ, ଇନ୍ଦ୍ରିୟର ବିକାଶ, ବୌଦ୍ଧିକ ବିକାଶ, ପରିବେଶ ସମ୍ପର୍କିତ ଧାରଣା, ସଂଖ୍ୟା ଧାରଣା, ମାପ, ଆକୃତି ଆଦି ସମ୍ପର୍କରେ ଜ୍ଞାନ ଆହରଣ କରିବେ। ତେବେ ରାଜ୍ୟ ଏସସିଇଆରଟି ଏନେଇ କରିକୁଲମ୍ ପ୍ରସ୍ତୁତ କରିଥିବାବେଳେ ଏହାକୁ ସମସ୍ତ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ ମିଶନ୍ର କାର୍ଯ୍ୟକାରିତା ଲାଗି ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଷ୍ଟିୟରିଂ କମିଟି ଗଠନ କରାଯିବା ସହିତ ଗାଇଡଲାଇନ୍ ମଧ୍ୟ ପ୍ରସ୍ତୁତ ହୋଇଛି। କମିଟିର ଅଧ୍ୟକ୍ଷ ଭାବେ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଏସସିଇଆରଟି, ଓସେପା, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଆଦିର ନିର୍ଦ୍ଦେଶକଙ୍କୁ କମିଟିର ସଦସ୍ୟ ତଥା ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହି କମିଟି ପିଲାଙ୍କ ସାକ୍ଷରତା ଭାଷା ଓ ସଂଖ୍ୟା ଜ୍ଞାନ ବୃଦ୍ଧି ତଥା ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବ। ଜିଲ୍ଲାପାଳମାନଙ୍କୁ ନେଇ ଜିଲ୍ଲା ସ୍ତରରେ ମଧ୍ୟ ଗଠନ କରାଯାଇଛି।

# ରାଜ୍ୟରେ ନିଯୁକ୍ତି ପାଇବେ ୧୨୦୫ ସ୍ୱାସ୍ଥ୍ୟ ଅଧିକାରୀ

**କଟକ :** ଖୁବ୍‌ଶୀଘ୍ର ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୧୨୦୫ ଜଣ ସ୍ୱାସ୍ଥ୍ୟ ଅଧିକାରୀ (ଆସିଷ୍ଟାଣ୍ଟ ସର୍ଜନ) ନିଯୁକ୍ତି ପାଇବେ। ନିଯୁକ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ନିଯୁକ୍ତି ଦେବାକୁ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଛି। ଏହି ପ୍ରାର୍ଥୀଙ୍କ ମଧ୍ୟରୁ ୪୨୯ ଜଣ ମହିଳା ରହିଛନ୍ତି। ସାଧାରଣ ବର୍ଗରେ ୧୦୦୦ ପ୍ରାର୍ଥୀରୁ ୩୭୧ ଜଣ ମହିଳା, ପଛୁଆବର୍ଗରେ ୭୪ରୁ ୧୬ଜଣ ମହିଳା, ଅନୁସୂଚିତ ଜାତି ବର୍ଗରେ ୬୭ରୁ ୧୬ ଜଣ ମହିଳା ଏବଂ ଅନୁସୂଚିତ ଜନଜାତି ବର୍ଗରେ ୬୪ରୁ ୨୬ ଜଣ ମହିଳା ନିଯୁକ୍ତି ପାଇବେ।ଅନୁସୂଚିତ ଜାତି ଓ ଜନଜାତି ବର୍ଗରେ ପ୍ରାର୍ଥୀଙ୍କ ଅଭାବ ଯୋଗୁଁ ସେହି ବର୍ଗର ବହୁ ପଦ ପୂରଣ କରାଯାଇପାରି ନ ଥିବା ଓପିଏସ୍ସି ପକ୍ଷରୁ ସୂଚନା ଦିଆଯାଇଛି। ଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୩୪୮୧ ସ୍ୱାସ୍ଥ୍ୟ ଅଧିକାରୀ ପଦ ପୂରଣ ନିମନ୍ତେ ଓପିଏସ୍ସିକୁ ପ୍ରସ୍ତାବ ଦିଆଯାଇଥିଲା। ସାଧରଣ ବର୍ଗରେ ୧୦୦୦ (୩୩୩ ମହିଳା), ପଛୁଆବର୍ଗରେ ୨୨୫ (୭୫ ମହିଳା), ଅନୁସୂଚିତ ଜନଜାତି ବର୍ଗରେ ୮୫୨ (୨୮୪ ମହିଳା), ଅନୁସୂଚିତ ଜନଜାତି ବର୍ଗରେ ୧୪୦୪ (୪୬୮ ମହିଳା) ପଦ ସଂରକ୍ଷିତ ରହିଥିଲା। ଏହି ପଦଗୁଡ଼ିକରେ ପରୀକ୍ଷା ଦେବାକୁ ୨୫୮୨ ଜଣ ଅନ୍ଲାଇନ୍ରେ ଆବେଦନ କରିଥିଲେ। ସେଥିରେ ୯୪୫ ଜଣ ମହିଳା ରହିଥିଲେ।ଆବେଦନ ସମୟରେ ୨ଜଣ ପ୍ରାର୍ଥୀଙ୍କର ପ୍ରାର୍ଥିତ୍ୱକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ଗତ ଫେବୃଆରୀ ୨୦ ତାରିଖରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୨୨୮୧ (୮୪୩ ମହିଳା) ପ୍ରାର୍ଥୀ ଏହି ପରୀକ୍ଷା ଦେଇଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ପଦ ଲିଖିତ ପରୀକ୍ଷା, ଶିକ୍ଷାଗତ ପ୍ରମାଣପତ୍ର ଯାଞ୍ଚ, ନିର୍ଦ୍ଧାରିତ ଶିକ୍ଷାଗତ ମାନଦଣ୍ଡ ଓ ଯୋଗ୍ୟତା ଅନୁସାରେ ପ୍ରାର୍ଥୀଙ୍କୁ ଚୟନ କରାଯାଇଥିଲା। ଲିଖିତ ପରୀକ୍ଷାରେ ୧୪୮୯ ଜଣ ପ୍ରାର୍ଥୀ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ଗତ ୧୬ରୁ ୨୧ ତାରିଖ ପର୍ଯ୍ୟନ୍ତ ପ୍ରମାଣପତ୍ର ଯାଞ୍ଚ ପ୍ରକ୍ରିୟା କରାଯାଇଥିଲା। ଏଥିରେ ୧୪୩୬ ଜଣ ପ୍ରାର୍ଥୀ ଯୋଗଦେଇଥିଲେ।

## ବ୍ୟାପକ ହେବ ଟ୍ରାଫିକ ପରିଚାଳନା

# ଡିଜିଟାଲ ୱାଲ୍ ନଜରରେ ରହିବେ ଅମାନିଆ

**ଭୁବନେଶ୍ୱର :** ରଙ୍ଗିଲା ରୋଡ୍ ରୋମିଓ ସାବଧାନ! ସ୍ମାର୍ଟସିଟି ଡିଜିଟାଲ ୱାଲ ନଜରରେ ଖିଲାପକାରୀ। ଅପଗ୍ରେଡ କ୍ୟାମେରା ନଜରରେ ରହିବ ୧୧ଟି ଥାନା। ପାତ୍ରପଡ଼ାଠାରେ ନୂଆ ଥାନା ଉଦଘାଟନ୍ କଲେ ଡିଜିପି। ୧୬ ନମ୍ବର ଜାତୀୟ ରାଜପଥ ଜଟଣୀ ଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ୨୭ଟି ଟ୍ରାଫିକ ପୋଷ୍ଟ ରହିଛି। ୧୧ଟି ଥାନା ପରିବ୍ୟାପ୍ତ ଏହି ଏରିଆରେ ଟ୍ରାଫିକ କଣ୍ଟ୍ରୋଲ ପାଇଁ ପାତ୍ରପଡା ଠାରେ ପୋଲିସ ଡିଜିପି ସୁନୀଲ ବଂଶଲଙ୍କ ଦ୍ୱାରା ଉଦଘାଟିତ ହୋଇଛି ନୂଆ ଟ୍ରାଫିକ ଥାନା। ୧ କୋଟି ୬୪ ଲକ୍ଷ ଟଙ୍କା ବ୍ୟୟରେ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ପକ୍ଷରୁ ଏହାର କାମ ହୋଇଛି। ଦ୍ୱିତୀୟ ଟ୍ରାଫିକ ଥାନାରେ ଜଣେ ଇନ୍ସପେକ୍ଟରଙ୍କ ସହ ୬ ଏସଆଇ, ୧୦ ଏଏସଆଇ ଓ ୧୪୦ କନଷ୍ଟେବଳ ପଦ ରହିଛି। ଏହି ଉଦଘାଟନ କାର୍ଯ୍ୟକ୍ରମରେ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଓପିଏଚଡବ୍ଲୁସି ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଡିସିପି ପ୍ରତୀକ ସିଂ, ଟ୍ରାଫିକ ଡିସିପି ଓ ଏସିପି ପ୍ରମୁଖ ଉପସ୍ଥିତ ଥିଲେ। ସ୍ମାର୍ଟସିଟି ଡିଜିଟାଲ ୱାଲ ଏହି ନୂଆ ଥାନାରୁ କଣ୍ଟ୍ରୋଲ ହେବ। ଦୁର୍ଘଟଣା, ବେଆଇନ ପାର୍କିଂ, ଓଭର ସ୍ପିଡ୍, ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍, ଇନସ୍ୟୁରାନ୍ସ, ଡ୍ରାଇଭିଂ ଲାଇସେନ୍ସ, ପଲ୍ୟୁସନ, ଓଭର ଲୋଡିଂ ଆଦି ଏହି ଡିଜିଟାଲ ୱାଲର ସ୍କାନରରେ ରହିବ। ଦୁର୍ଘଟଣା ରୋକିବା ପାଇଁ ସୁପ୍ରିମକୋର୍ଟ କମିଟି ଏନ୍ଏଚ୍ରେ ଥିବା ବ୍ଲାକସ୍ପଟ ପରିଦର୍ଶନ କରିଥିଲା। ଏହାପରେ ରାଜ୍ୟରେ ଉଭୟ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଏନଫୋର୍ସମେଣ୍ଟକୁ ବ୍ୟାପକ କରାଯାଇଥିଲା। ନୂଆ କନଷ୍ଟେବଳଙ୍କ ନିଯୁକ୍ତି ପରେ ଟ୍ରାଫିକ ପରିଚାଳନା ଆହୁରି ବ୍ୟାପକ ହେବ ବୋଲି କହିଛନ୍ତି କମିଶନର। ଖିଲାପକାରୀଙ୍କ ବିରୋଧରେ ଜିରୋ ଟଲରାନ୍ସ ନୀତି ଅବଲମ୍ବନ କରିବାକୁ ଯାଇ ପ୍ରତିଦିନ ଚାଲାଣ କଟୁଛି, ଡିଏଲ ବି ରଦ୍ଦ ହେଉଛି। ତଥାପି ନଚେତିବାରୁ ପାଣିଫୋଟକା ଭଳି ଚାଲିଯାଉଛି ଜୀବନ।

# ବାହାର ରାଜ୍ୟ ମୁହାଁ ଦାଦନ

**ଭୁବନେଶ୍ୱର :** ରାଜ୍ୟରୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟକ ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବାବେଳେ ରାଜ୍ୟ ସରକାର ଏହାକୁ ପ୍ରୋତ୍ସାହିତ କରୁଥିବା ଜଣାପଡ଼ିଛି। ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଦେଇଥିବା ତଥ୍ୟ ହିଁ ରାଜ୍ୟରେ ଦାଦନ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଗତ ୩ବର୍ଷ ମଧ୍ୟରେ ବାହାର ରାଜ୍ୟକୁ ଦାଦନ ଖଟାଇବା ନିମନ୍ତେ ଜାରି କରିଥିବା ଶ୍ରମିକ ଠିକାଦାର ପଞ୍ଜିକରଣ ତାଲିକାରୁ ଏହା ଜଳଜଳ ଜଣାପଡୁଛି। ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ବିଧାନସଭାରେ ଲିଖିତ ଉତ୍ତରରେ କହିଛନ୍ତି ଯେ, ୨୦୨୦ ମସିହାରେ ମାତ୍ର ୧୧୭ଜଣଙ୍କୁ ଶ୍ରମିକ ଠିକାଦାର ଲାଇସେନ୍ସ ଜାରି କରିଥିବା ରାଜ୍ୟ ସରକାର ୨୦୨୧ରେ ୨୭୧ଜଣ ଓ ୨୦୨୨ରେ ୩୬୨ଜଣ ଶ୍ରମିକ ଠିକାଦାରଙ୍କୁ ଅନ୍ୟ ରାଜ୍ୟକୁ ଦାଦନ ଖଟାଇବାକୁ ନେବା ନିମନ୍ତେ ଲାଇସେନ୍ସ ଜାରି କରିଛନ୍ତି। ୨୦୨୦ରେ ଏହି ପଞ୍ଜିକୃତ ୧୧୭ଜଣ ଶ୍ରମିକ ଠିକାଦାରଙ୍କ ମାଧ୍ୟମରେ ମୋଟ ୧୧୧୭୭ଜଣ ଶ୍ରମିକ ବାହାର ରାଜ୍ୟକୁ ଯାଇଥିବାବେଳେ



୨୦୨୧ରେ ୨୭୧ଜଣ ଠିକାଦାରଙ୍କ ମାଧ୍ୟମରେ ୩୧୭୮୫ଜଣ ଶ୍ରମିକ ଓ ୨୦୨୨ ମସିହାରେ ୩୬୨ଜଣ ଶ୍ରମିକ ଠିକାଦାରଙ୍କ ମାଧ୍ୟମରେ ୨୬୭୦୦ଜଣ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି। ରାଜ୍ୟର ୧୪ଟି ଜିଲ୍ଲାରୁ ଲୋକମାନେ ଦାଦନ ଖଟିବାକୁ ଯାଇଛନ୍ତି। ବଲାଙ୍ଗିର, ବରଗଡ଼, କଳାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ପୁରୀ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ର ପ୍ରବାସୀ ଶ୍ରମିକମାନେ ମୁଖ୍ୟତଃ ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ ଓ କେରଳ ଆଦି ରାଜ୍ୟକୁ ଯାଇଥାନ୍ତି। ରାଜ୍ୟରେ ପ୍ରବାସୀ ଶ୍ରମିକ ନିୟୋଜନ ନିମନ୍ତେ ଆନ୍ତଃ ରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତାବଳୀ) ଆଇନ-୧୯୭୯ ଅନୁସାରେ ଠିକାଦାରଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି। ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ଓ କଲ୍ୟାଣ ନିମନ୍ତେ ରାଜ୍ୟ ସରକାର ଏକ ଷ୍ଟେଟ ଆକ୍ସନ ପ୍ଲାନ କାର୍ଯ୍ୟକାରୀ କରୁଛନ୍ତି। ଏହି ୧୪ଟି ଦାଦନ ପ୍ରବଣ ଜିଲ୍ଲାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ପଂଚାୟତସ୍ତରରେ ସ୍ୱଇଚ୍ଛା ପଞ୍ଜିକରଣ ବ୍ୟବସ୍ଥା ନିମନ୍ତେ ଜିଲ୍ଲାପାଳମାନଙ୍କୁ ନିୟମାବଳୀ ସହ ଆର୍ଥିକ ସହାୟତା ଓ ଉକ୍ତ ପ୍ରବାସୀ ଶ୍ରମିକ ପ୍ରଣବ ଜିଲ୍ଲାର ପୁଲିସ ଏସପିଙ୍କୁ ମାନବଚୋରା ଚାଲାଣର ସଶକ୍ତିକରଣ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ତେବେ ରାଜ୍ୟ ସରକାର ନିଜର ଲୋକମାନେ ଅନ୍ୟ ରାଜ୍ୟକୁ କିଭଳି ଦାଦନ ଖଟିବାକୁ ଯିବେ ନାହିଁ, ସେ ନେଇ ବିକଳ୍ପ ଜୀବିକା ଏହି ଲୋକମାନଙ୍କୁ ଦେବାରେ ବିଫଳ ହୋଇଥିବାବେଳେ ପ୍ରତିବର୍ଷ ଲାଇସେନ୍ସଧାରୀ ଶ୍ରମିକ ଠିକାଦାରଙ୍କ ସଂଖ୍ୟା ବୃଦ୍ଧି କରି ପରୋକ୍ଷରେ ଏହି ଦାଦନ ସମସ୍ୟାକୁ ଅଧିକ ପ୍ରୋତ୍ସାହିତ କରୁଥିବା ଚର୍ଚ୍ଚା।

## ୨୦୨୩-୨୪ ନୂଆ ଅବକାରୀ ନୀତି

# ମହଙ୍ଗା ହେବ ମଦ ଦର, ନୂଆ ମଦ ଦୋକାନକୁ ନା'

**ଭୁବନେଶ୍ୱର :** ଆସନ୍ତା ଏପ୍ରିଲ ପହିଲାରୁ ରାଜ୍ୟରେ ଭାରତରେ ପ୍ରସ୍ତୁତ ବିଦେଶୀ ମଦ(ଆଇଏମଏଫଏଲ) ଦର ବୃଦ୍ଧି ପାଇବ। ରାଜ୍ୟ ସରକାର ଆଇଏମଏଫଏଲ୍ ଉପରେ ଅବକାରୀ ଶୁଳ୍କ(ଏକ୍ସାଇଜ୍ ଡ୍ୟୁଟି)ରେ ସାମାନ୍ୟ ବୃଦ୍ଧି କରିଛନ୍ତି। ଏହାସହିତ ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟରେ ନୂଆ ଅଫ୍ ସପ୍ ମଦ ଦୋକାନ ଖୋଲିବା ପାଇଁ ଅନୁମତି ମିଳିବ ନାହିଁ। ସମସ୍ତ ପ୍ରକାରର ଅଫ-ସପ୍ ମଦ ଦୋକାନ ସଂଖ୍ୟା ବୃଦ୍ଧି ଉପରେ କଟକଣା ଜାରି ହୋଇଛି। ତେବେ ଏସବୁ ଦୋକାନର ନବୀକରଣ ପାଇଁ ସରକାର ଅନୁମତି ଦେଇଛନ୍ତି। ସେହିପରି ୨୦୨୩-୨୪ ଆର୍ଥିକ ବର୍ଷରେ ଗ୍ରାମାଂଚଳରେ କୌଣସି ପ୍ରକାରର ଅନ୍ ସପ୍ ଲାଇସେନ୍ସ ପ୍ରଦାନ ନିମନ୍ତେ ନୂଆ ଆବେଦନ ଗ୍ରହଣ କରାଯିବ ନାହିଁ। କେବଳ ସହରାଞ୍ଚଳରେ ତାରକା ହୋଟେଲ ଓ ଅନ୍ୟ ହୋଟେଲଗୁଡ଼ିକର ରୁମ୍ ସଂଖ୍ୟାକୁ ଦୃଷ୍ଟିରେ ରଖି ଅବକାରୀ କମିଶନର ଅନ୍ ସପ୍ ଲାଇସେନ୍ସ ପ୍ରଦାନ କରିପାରିବେ। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ଜାରି କରିଥିବା ଅବକାରୀ ନୀତିରେ ଏହା ଉଲ୍ଲେଖ ରହିଛି। ରାଜ୍ୟ ଅବକାରୀ ବିଭାଗ ପକ୍ଷରୁ ଆଜି ଜାରି ହୋଇଥିବା ନୂଆ ଅବକାରୀ ନୀତି ଆସନ୍ତା ଏପ୍ରିଲ ୧ରୁ ୨୦୨୪ ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ନୂଆ ଅବକାରୀ ନୀତିରେ ରାଜ୍ୟ ସରକାର ଲାଇସେନ୍ସ ଫି', ଏମଜିକ୍ୟୁ (ସର୍ବନିମ୍ନ ନିଶ୍ଚିତ ପରିମାଣ), ମଦ ପ୍ରସ୍ତୁତ ପାଇଁ ଆବେଦନ ଫି', ଯୋଗାଣକାରୀ ଓ ରିଟେଲର ଫି'ରେ ସାମାନ୍ୟ ବୃଦ୍ଧି କରିଛନ୍ତି। ଅନ୍ ସପ୍ ମଦଦୋକାନକୁ ଅଫ୍ ସପ୍ ଭଳି କାଉଣ୍ଟର ବିକ୍ରି ଉପରେ କଟକଣା ଜାରି ହୋଇଛି। ସମସ୍ତ ଅଫ ସପ୍, ଅନ ସପ୍ ଲାଇସେନ୍ସଧାରୀଙ୍କୁ ସବୁ ପରିମାଣର ବିଦେଶୀ ମଦ ନେବାକୁ ପଡ଼ିବ। ତେବେ କେବଳ ଏଫଏଲ୍ ଅନ୍ ଲାଇସେନ୍ସଧାରୀଙ୍କୁ ଓଡ଼ିଶା ମଦ ନିଗମରୁ କେଜ୍ ବିୟର ଉଠାଇବାକୁ ଅନୁମତି ରହିଛି। ବିୟର ପାର୍ଲରଗୁଡ଼ିକ ବିୟର ବିକ୍ରି ସହ ୱାଇନ୍ ମଧ୍ୟ ବିକ୍ରି କରିପାରିବେ। ଏହାସହିତ ଦେଶରେ ପ୍ରସ୍ତୁତ ବିଦେଶୀ ମଦ (ଆଇଏମଏଫଏଲ) ଉପରେ ଅବକାରୀ ଟିକସ ସାମାନ୍ୟ ବୃଦ୍ଧି କରିଛନ୍ତି। ତେବେ ବିଦେଶରେ ପ୍ରସ୍ତୁତ ବିଦେଶୀ ମଦ(ଏଫଏମଏଫଏଲ୍), ୱାଇନ୍ ଓ ବିୟର ଦର ଅପରିବର୍ତ୍ତିତ ରହିବ। ରାଜ୍ୟ ସରକାର ଇଜି ଅଫ ଡୁଇଙ୍ଗ ବିଜିନେସକୁ ପ୍ରୋତ୍ସାହିତ କରିବା ନିମନ୍ତେ ପରମିଟ୍, ଲାଇସେନ୍ସ, ପେମେଣ୍ଟ ଆଦି ଫାଇଭ-ଟିକୁ କାର୍ଯ୍ୟକାରୀ କରିଛନ୍ତି। ଗୁଇନ୍ଦା ତଥ୍ୟ ଆଧାରରେ ଜ୍ଞାନକୌଶଳର ଉପଯୋଗ କରାଯାଇ ମଦ ଚୋରାଚାଲାଣ ଓ ବିକ୍ରିକୁ ଉପରେ ନିୟନ୍ତ୍ରଣକୁ କଡ଼ାକଡ଼ି କରାଯିବ।

## ମାଟ୍ରିକ ପରୀକ୍ଷାରେ ହଜାର ହଜାର ପରୀକ୍ଷାର୍ଥୀ ଅନୁପସ୍ଥିତ

# କାରଣ ଅସ୍ପଷ୍ଟ, ସରକାର ନିରବ

**ଭୁବନେଶ୍ୱର :** ରାଜ୍ୟରେ ପ୍ରତିବର୍ଷ ମାଟ୍ରିକ ପରୀକ୍ଷାରେ ହଜାର ହଜାର ସଂଖ୍ୟାରେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହୁଛନ୍ତି। ଏହି ପିଲାମାନେ ମାଟ୍ରିକ ପରୀକ୍ଷା ଦେବା ନିମନ୍ତେ ଫର୍ମ ପୂରଣ କରିବା ସତ୍ତ୍ୱେ କାହିଁକି ପରୀକ୍ଷାରେ ଅନୁପସ୍ଥିତ ରହୁଛନ୍ତି ସେ ନେଇ ରାଜ୍ୟ ସରକାର ନିରବ ରହୁଛନ୍ତି। ଏପରିକି ଫର୍ମ ପୂରଣ ଓ ପରୀକ୍ଷା ମଧ୍ୟରେ ମାତ୍ର ୨ରୁ ୩ମାସ ବ୍ୟବଧାନ ରହିଥିବାବେଳେ ହଜାର ହଜାର ସଂଖ୍ୟକ ପରୀକ୍ଷାର୍ଥୀ କାହିଁକି ଅନୁପସ୍ଥିତ ରହୁଛନ୍ତି ତାକୁ ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ରାଜ୍ୟରେ ଚଳିତ ଶିକ୍ଷାବର୍ଷରେ ପ୍ରାୟ ୧୬୬୭୯ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ଥିବାବେଳେ ଗତ ୫ବର୍ଷ ଧରି ପ୍ରତିବର୍ଷ ନିୟମିତ ଭାବେ ହଜାର ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଉନଥିବା ଜଣାପଡ଼ିଛି। ବିଧାନସଭାରେ ବିଧାୟକ ନବଚରଣ ମାଝୀଙ୍କ ଏକ ପ୍ରଶ୍ନର ଲିଖିତ



ଉତ୍ତରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ଚଳିତ ଶିକ୍ଷା ବର୍ଷ ରାଜ୍ୟରେ ୫ଲକ୍ଷ ୩୨ହଜାର ୭୪୬ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ସମେଟିଭ୍ ଆସେସମେଣ୍ଟ-୨ ପରୀକ୍ଷାରେ ବିଭିନ୍ନ ବିଷୟରେ ୧୬୩୭୦ରୁ ୧୬୬୭୯ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ଯେହେତୁ ଅନୁପସ୍ଥିତ ଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ବିଷୟ ଅନୁସାରେ ଆକଳନ କରାଯାଇଛି ତେଣୁ ଏହି ପରୀକ୍ଷା ଦେଇନଥିବା ଛାତ୍ରଛାତ୍ରୀଙ୍କ ସଠିକ୍ ସଂଖ୍ୟା ପରୀକ୍ଷା ଫଳ ଆସିବା ପରେ ଜଣାପଡ଼ିବ। ସେହିପରି ୨୦୨୨ ରେ ମୋଟ ୫ଲକ୍ଷ ୬୭ହଜାର ୭୫୩ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ ମଧ୍ୟ ୪୪୨୪୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆସିନଥିଲେ। ୨୦୨୧ରେ ମଧ୍ୟ ୪୪୧୨ଜଣ, ୨୦୨୦ରେ ୧୧୬୪୫ଜଣ, ୨୦୧୯ରେ ୯୫୦୨ଜଣ ଓ ୨୦୧୮ ମସିହାରେ ୧୨୯୫୫ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରି ମଧ୍ୟ ମାଟ୍ରିକ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ ବୋଲି ମନ୍ତ୍ରୀ ଶ୍ରୀ ଦାଶ ସୂଚନା ଦେଇଛନ୍ତି। ତେବେ ପରୀକ୍ଷା ପୂର୍ବରୁ କେତେ ଛାତ୍ରଛାତ୍ରୀ ବିବାହ କରିଛନ୍ତି ଓ କେତେଜଣ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି ତା'ର ତଥ୍ୟ ଏବେ ବିଭାଗ ପାଖରେ ନଥିବା ମନ୍ତ୍ରୀ ଶ୍ରୀ ଦାଶ ସ୍ୱୀକାର କରିଛନ୍ତି। ମାତ୍ର ପିଲାମାନେ କରୋନା ମହାମାରୀ ଓ ବ୍ୟକ୍ତିଗତ କାରଣ ଯୋଗୁ ପରୀକ୍ଷାରେ ଅନୁପସ୍ଥିତ ରହୁଥିବା ଶ୍ରୀ ଦାସ କହିଛନ୍ତି।

## ପାରମ୍ପରିକ ଶିଳ୍ପୀ ଗଢ଼ିଲେ ୬ ଫୁଟର ବୃହତ୍ କାଗଜ ମୁଖା

# ଏବେ ବି ବଞ୍ଚି ରହିଛି ପାରମ୍ପରିକ କଳା କୌଶଳ

**ଭୁବନେଶ୍ୱର :** ଓଡ଼ିଶା ଲଳିତ କଳା ଏକାଡ଼େମୀ, ଓଡିଆ ଭାଷା ,ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ନୀଳାଦ୍ରି ବିହାର ସ୍ଥିଥ ବୁଦ୍ଧ ଆର୍ଟ ଗ୍ୟାଲେରୀ ପରିସରରେ ଚାଲିଥିବା ୪ ଦିନିଆ ପାରମ୍ପରିକ କାଗଜ ମୁଖା, କାଠ ଓ ଗୋବର କଣ୍ଢେଇ ପ୍ରସ୍ତୁତ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ଶିଳ୍ପୀମାନେ ଆଧୁନିକତାର ବଶବର୍ତ୍ତୀ ନ ହୋଇ ପାରମ୍ପରିକ ମୌଳିକତା ରକ୍ଷା କରି ସୁବୃହତ ମୁଖା, ଗୋବର ଓ କାଠ କଣ୍ଢେଇ ତିଆରି କରିଥିବାରୁ ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଚିତ୍ରଶିଳ୍ପୀ ବିନୋଦ ମହାରଣା, ମହେନ୍ଦ୍ର ପ୍ରସାଦ ମହାପାତ୍ର ଓ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୁବୋଧ କୁମାର ଆଚାର୍ଯ୍ୟ ପ୍ରମୁଖ ଏକାଡେମୀର ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହ ଶିଳ୍ପୀମାନଙ୍କ ନିଖୁଣ କଳାକୃତି ଗୁଡିକ ଆଗାମୀ



ଦିନର ଯୁବ ଶିଳ୍ପୀମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ଉକ୍ତ ୪ ଦିନିଆ ଶିବିର ଅବସରରେ ଶିଳ୍ପୀମାନେ ସୁବୃହତ ପାରମ୍ପରିକ କାଗଜ ମୁଖା, ଗୋବର ଏବଂ କାଠ କଣ୍ଢେଇକୁ ନେଇ ଆୟୋଜିତ ପ୍ରଦର୍ଶନୀକୁ ଅତିଥିବୃନ୍ଦ, ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, କଳାପ୍ରେମୀ ଦର୍ଶକମାନେ ବୁଲି ଦେଖିଥିଲେ। ଉତ୍ସବ ଅବସରରେ ଶିଳ୍ପୀ ମାନଙ୍କୁ ମାନପତ୍ର, ଅଙ୍ଗ ବସ୍ତ୍ର ଓ ୧୦,୦୦୦/- ଟଙ୍କାର ଅର୍ଥରାଶି ଦେଇ ସମ୍ମାନିତ କରାଯାଇଥିଲା। ମଥୁରା, ଭୁବନେଶ୍ୱର, ରଘୁରାଜପୁର, କଟକ, ସୋନପୁରର ପାରମ୍ପରିକ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୂତ କାଗଜ ମୁଖାରେ ୬ ଫୁଟର ଗଣେଶ, ୪ ଫୁଟର ଜଗନ୍ନାଥ, ୫ଫୁଟର ବାଘମୁଖା ସହ ଜଟାୟୁ ପକ୍ଷୀ, ନୃସିଂହ, ହାତୀ, ହରିଣ, ଦେବୀ ମୁଖା ଆଦିର ଗଠନ ଶୈଳୀ ବେଶ ମୁଗ୍ଧ କର ହୋଇଥିଲା। ମଥୁରାର ଶିଳ୍ପୀ ମାନେ ୨୦୦ ବର୍ଷର ପାରମ୍ପରିକ ଶୈଳୀରେ କୃଷ୍ଣ, ମନ୍ଦିର, ଗ୍ରାମୀଣ ଜୀବନର ଦୈନିକ ଦୃଶ୍ୟ ଓ ଗାନ୍ଧୀଜୀଙ୍କ ତିନି ମାଙ୍କଡ ଓ ଅନ୍ୟାନ ପଶୁ ପକ୍ଷୀ ଆଦି ନିର୍ମାଣ କରିଥିଲେ। ସେହିପରି ସୋନପୁରର ପାରମ୍ପରିକ କାଠ କଣ୍ଢେଇର ସୌନ୍ଦର୍ଯ୍ୟତା ଶିବିରର ତାତ୍ପର୍ଯ୍ୟକୁ ଦ୍ୱିଗୁଣିତ କରିଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଚିତ୍ରଶିଳ୍ପୀ ତଥା ଏକାଡ଼େମୀର କାର୍ଯ୍ୟକାରୀ କମିଟିର ସଦସ୍ୟ ଶ୍ୟାମସୁନ୍ଦର ମେହେର, ବିଜୟ କୁମାର ପରିଡ଼ା ଓ ସ୍ମିତା ମୁଳିଆ ଏବଂ ଅନ୍ୟ ଶିଳ୍ପୀ ତଥା କଳାନୁରାଗୀ ବ୍ୟକ୍ତି ବିଶେଷ କଳା କୃତି ଗୁଡିକ ବୁଲି ଦେଖିବା ସହ ଭୂୟସୀ ପ୍ରଶଂସା କରିଥିଲେ। ମାର୍ଚ୍ଚ ୨୧ତାରିଖ ଉଦ୍‌ଉଘାଟନୀ ସବରେ ଅତିଥି ଭାବେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାସ ଓ ଏକାଡ଼େମୀର ସଭାପତି ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଉପସ୍ଥିତିରେ ବରିଷ୍ଠ ଶିଳ୍ପୀ ଡମୁଣି ମହାରଣା ଓ ସରୋଜିନୀ ମହାରଣା ଶିବିର କୁ ଉଦ୍‌ଘାଟନ କରିଥିଲେ। ପାରମ୍ପରିକ କଳାରୁ ଆଧୁନିକ କଳା ବଳିଷ୍ଠ ହୋଇଥାଏ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ପଞ୍ଚାନନ ସାମଲ ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ଶିବିରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ଦୁଇବର୍ଷରେ ଲକ୍ଷେରୁ ଊର୍ଦ୍ଧ୍ୱ ଲାଇସେନ୍ସ ବାତିଲ୍

**ଭୁବନେଶ୍ୱର :** ଗତ ୨ ବର୍ଷରେ ପରିବହନ ବିଭାଗ ରାଜ୍ୟରେ ୧ ଲକ୍ଷ ୪୧ ହଜାର ୪୮୨ଜଣଙ୍କ ଲାଇସେନ୍ସ ବାତିଲ୍ କରିଛି। ଯେଉଁମାନଙ୍କ ଲାଇସେନ୍ସ ବାତିଲ୍ ହେଉଛି ସେମାନେ ତିନିମାସ ପର୍ଯ୍ୟନ୍ତ ଗାଡ଼ି ଚଳାଇପାରିବେ ନାହିଁ। ସେମାନଙ୍କୁ ବିନା ଲାଇସେନ୍ସଧାରୀ ଭାବେ ବିବେଚନା କରାଯିବ। ଯଦି ଏହି ସମୟରେ ସେମାନେ ଗାଡ଼ି ଚଳାଇ ଧରାପଡ଼ିଲେ ୫ହଜାର ଟଙ୍କା ଜରିମାନା ଗଣିବେ। ଖାଲି ଏତିକି ନୁହେଁ; କୌଣସି ପ୍ରକାର ଦୁର୍ଘଟଣା ଘଟାଇଲେ ସେମାନଙ୍କୁ ବୀମା ସୁବିଧା ମିଳିବ ନାହିଁ। ଅମାନିଆଙ୍କୁ ଠାବ ପାଇଁ ଜାତୀୟ ରାଜପଥ ଠାରୁ ରାଜ୍ୟ ରାଜପଥ ସବୁଠି ପରିବହନ ବିଭାଗ ଛକି ବସିଛି। ସିସିଟିଭି କ୍ୟାମେରା ବି ଜଗିଛି। ଏହାଛଡ଼ା ପୁଲିସ ମଧ୍ୟ ନିୟମ ଉଲ୍ଲଂଘନାକରୀଙ୍କୁ ଚିହ୍ନଟ କରି ଲାଇସେନ୍ସ ବାତିଲ୍ ପାଇଁ ପରିବହନ ବିଭାଗକୁ ରିପୋର୍ଟ ଦେଉଛି। ତେବେ ଦୁଇ ବର୍ଷରେ ସର୍ବାଧିକ ଭାବେ ବିନା ହେଲ୍‌ମେଟ୍ ଓ ଦ୍ରୁତ ଗତି ଚାଳନା ପାଇଁ ଲାଇସେନ୍ସ ବାତିଲ କରାଯାଇଛି।




ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩ - ୯ ଏପ୍ରିଲ, ୨୦୨୩


# କିଏ ନକଲି, କିଏ ଅସଲି !

ଗତ କିଛି ଦିନ ତଳେ ରାଜ୍ୟରେ ନକଲି ମେଡ଼ିସିନ ବିକ୍ରିକୁ ନେଇ ଜୋରଦାର ତନାଘନା ପରେ ଏଥିରେ ସମ୍ପୃକ୍ତ କିଛି ବ୍ୟକ୍ତି ଜେଲ ଯାଇଛନ୍ତି। ଏହି ନକଲି ଔଷଧ କାରବାର କଟକରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନ ପର୍ଯ୍ୟନ୍ତ ଲମ୍ବିଥିଲା। ସେହିପରି ଏବେ ନକଲି ସାର୍ଟିଫିକେଟକୁ ନେଇ ଧରପଗଡ଼ ଜୋରଦାର ଚାଲିଛି। ଏହାର ଚେର ବଲାଙ୍ଗୀରରୁ ଆରମ୍ଭ କରି ଓଡ଼ିଶାର ବିଭିନ୍ନ ଜିଲ୍ଲା ସହିତ ଉତ୍ତରପ୍ରଦେଶକୁ ଲମ୍ବିଥିବା ଜଣାପଡିଛି। ଏହାର ତଦନ୍ତ ଲାଗି ଓଡିଶା ପୋଲିସ ରାଜ୍ୟ ବାହାରକୁ ଯିବ। ବଡ଼ ଆଶ୍ଚର୍ଯ୍ୟର କଥା ଥାର୍ଡ ଡିଭିଜନ ପିଲା ଓଡ଼ିଆରେ ୯୯ ମାର୍କ ରଖିବା। ତେବେ ଏହା ଜଣାପଡିଲା କେମିତି ? ଗ୍ରାମୀଣ ଡାକ ସେବକ ଅଧୀନ ଶାଖା ପୋଷ୍ଟ ମାଷ୍ଟର ଓ ସହାୟକ ଶାଖା ପୋଷ୍ଟ ମାଷ୍ଟର ପଦବି ପାଇଁ ସାର୍ଟିଫିକେଟ ଯାଞ୍ଚ ସମୟରେ ଜଣକ ପରେ ଜଣେ ପ୍ରାର୍ଥୀ ଧରାପଡୁଛନ୍ତି। କିଏ ଉତ୍ତରପ୍ରଦେଶରୁ ମାଟ୍ରିକ ପାସ କରିଥିବା ସାର୍ଟିଫିକେଟ ଦାଖଲ କରିଛନ୍ତି ତ ଆଉ କିଏ ଆନ୍ଧ୍ରପ୍ରଦେଶ ସାର୍ଟିଫିକେଟ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଯାଞ୍ଚ ପ୍ରକ୍ରିୟା କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡାକ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ, କୌଣସି ସାର୍ଟିଫିକେଟ କିମ୍ବା ମାର୍କସିଟରେ ଯଦି ସନ୍ଦେହ ଉପୁଜିଛି,ତାହାକୁ ସଂଗେ ସଂଗେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା ପାଇଁ। ଜଣେ ବି ମେଧାବୀ ପ୍ରାର୍ଥୀ ଯେଭଳି ନ୍ୟାୟ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ଡାକ ବିଭାଗ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ନକଲି ସାର୍ଟିଫିକେଟର ରାଜ୍ୟର ୫ ଜିଲ୍ଲାକୁ ଛୁଇଁବା ସହ ୫୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଧରପଡିଲେଣି। ଏହାକୁ ନେଇ ରାଜନୀତି ମଧ୍ୟ ଆରମ୍ଭ ହୋଇଗଲାଣି। ବଲାଙ୍ଗୀରରେ ଜାଲ ସାର୍ଟିଫିକେଟ ରାକେଟକୁ ନେଇ ବିଧାନସଭାରେ ଉଦବେଗ ପ୍ରକାଶ କରିଛନ୍ତି କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା। ଶ୍ରୀ ସାଲୁଜା ଅଭିଯୋଗ କରିଛନ୍ତି, ବର୍ଷ ବର୍ଷ ଧରି ନକଲି ସାର୍ଟିଫିକେଟ ରାକେଟ ଚାଲିଥିଲା। ବଲାଙ୍ଗୀର ବ୍ୟତୀତ ଅନ୍ୟ ଜିଲ୍ଲାରେ ବି ହେଉଛି। ଯେଉଁ ରାକେଟ ଧରାପଡିଛି ସେଥିରେ ବିଜେଡି ନେତା ସାମିଲ ଅଛନ୍ତି। ବିଜେଡି ଆଇଟି ସେଲର ଜଣେ କର୍ମକର୍ତ୍ତା ଅଛନ୍ତି। ଏହି ଘଟଣାକୁ ଠିକ ଭାବେ ତଦନ୍ତ କରାଯାଉ ବୋଲି ସେ ବାଚସ୍ପତିଙ୍କ ନିକଟରେ ଦାବି କରିଛନ୍ତି। କଟକ ସାଉଥ ଡାକ ଡିଭିଜନରେ ଜାଲ ସାର୍ଟିଫିକେଟ ରାକେଟ କାୟା ମେଲାଇଛି ବୋଲି ଜଣାପଡ଼ିଛି। ଅନ୍ୟପଟେ କଳାହାଣ୍ଡି ଜିଲ୍ଲାରେ ପୋଷ୍ଟ ମାଷ୍ଟର ଚାକିରୀ ପାଇଁ ନକଲି ସାର୍ଟିଫିକେଟ ଦେଇ ଆବେଦନକାରୀ ଅଡୁଆରେ ପଡ଼ିଛନ୍ତି। ସବୁ କ୍ଷେତ୍ରରେ ଦୁର୍ନୀତି ଓ ଏଥିରେ ସରକାରୀ ଦଳର ନେତା ଯଦି ସମ୍ପୃକ୍ତ ରହିବେ, ତେବେ ଆମେ କାହାକୁ ଦୋଷାରୋପ କରିବା। ବାଡ଼ ଯଦି ଫସଲ ଖାଇବ ଜନତା କାହାକୁ କହିବେ ? ସାମ୍ପ୍ରତିକ ସମୟରେ ନକଲି ଓ ଜାଲିଆତିର ପ୍ରଭାବ ଏଭଳି ଯେ, ଯେଉଁଠି କିଛି କରିବାକୁ ଯିବେ ସେଠାରେ ଏହାର ଉପଦ୍ରବ ଦେଖିବାକୁ ମିଳିବ। ଚିନ୍ତାକରନ୍ତୁ, ରୋଗ ହେଲେ ସୁସ୍ଥ ହେବା ପାଇଁ ଡାକ୍ତର ଔଷଧ ଲେଖିବେ। ଆପଣ ଯଦି ମେଡ଼ିସିନ ଷ୍ଟୋରରୁ ଯେଉଁ ଔଷଧ ଆଣିବେ ତାହା ଯଦି ନକଲି ହୋଇଥାଏ ରୋଗୀ ଆଉ ବଞ୍ଚିବ ତ ! ମଣିଷର ଜୀବନ ସହ ଏ ଯେଉଁ ଖେଳ ଚାଲିଛି ଏଥିରେ ଆପଣ କାହାକୁ ଦୋଷୀ ବୋଲି କହିବେ। ନିର୍ଦ୍ଦିଷ୍ଟ ମାନ ରହିଥିବା ଓ ମଣିଷର ଉପକାରରେ ଲାଗୁଥିବା ଔଷଧକୁ ଯେଉଁମାନେ ନକଲି ବା ଭେଜାଲ କରୁଛନ୍ତି, ତାହାରି ଉପରେ ପ୍ରଶାସନ ନିରବ ରହେ କାହିଁକି ? ଯେଉଁମାନଙ୍କ ହାତରେ ଏହାର ନିରାକରଣ କ୍ଷମତା ରହିଛି, ସେମାନେ ତ ଦରମା ନେଇ ରାଜକୋଷ ଖାଲି କରୁଛନ୍ତି ହେଲେ ସଠିକ ଦାୟିତ୍ୱ ନିର୍ବାହ କରୁନାହାନ୍ତି କାହିଁକି। ଏଭଳି ଅନେକ ପ୍ରଶ୍ନ ମନରେ ଉଙ୍କି ମାରିଲେ ବି ମେଡ଼ିସିନ ଭଳି ସାମଗ୍ରୀ ନକଲି ହୁଏ କିପରି। ଯେଉଁମାନେ ଏଭଳି ଅପରାଧ କରୁଛନ୍ତି, ଆରମ୍ଭରୁ ସେମାନଙ୍କୁ ଯଦି କଠୋର ଦଣ୍ଡ ମିଳୁଥାନ୍ତା ଆଜି ହୁଏତ ଏଭଳି ଦୃଶ୍ୟ ଦେଖିବାକୁ ମିଳନ୍ତାନାହିଁ। ଆମ ଦେଶରେ ଦୁର୍ନୀତିଗ୍ରସ୍ତଙ୍କ ପାଇଁ ଯେଉଁ ଆଇନ ରହିଛି ସେଥିରେ ଆହୁରି କିଛି କଠୋର ନିୟମର ଆବଶ୍ୟକତା ରହିଛି। ଯାହାକି ଭେଜାଲ ଓ ନକଲି କାର୍ଯ୍ୟର ସୂତ୍ରଧରଙ୍କ ପାଇଁ କଠୋର ହୁଅନ୍ତା ଓ ସେମାନେ ଏଭଳି କାର୍ଯ୍ୟରୁ ନିବୃତ ରୁହନ୍ତେ। ଆଜିକାଲି ପ୍ରତ୍ୟେକ ସାମଗ୍ରୀରେ ଭେଜାଲ ହେଉଥିବା ଦେଖିବାକୁ ମିଳୁଛି। ଉଚିତ ଦାମ ଦେଇ ଲୋକେ ନକଲି ଓ ଭେଜାଲ ମାୟାରେ ପଡିଯାଉଛନ୍ତି। କଦବା କ୍ୱଚିତ ଘଟଣା ସାମ୍ନାକୁ ଆସିବା ପରେ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହେଉଛି। ହେଲେ ଅସଲ କଥା ହେଉଛି, ଯେଉଁ ଘଟଣା ଲୋକଲୋଚନକୁ ଆସିଲା ତାହା ତ କେବେ ଗୋଟିଏ ଦିନର କାହାଣୀ ନୁହେଁ। ଏହା କେବେଠାରୁ ଚାଲିଥିଲା ତାହାର ସୁରାକ ସମ୍ପୃକ୍ତ ବିଭାଗକୁ ଆଗରୁ ଜଣା ନଥିଲା କିପରି ? ବର୍ତ୍ତମାନ ଏହି ନକଲି ସାର୍ଟିଫିକେଟ୍ ର୍ୟାକେଟ୍‌ର ତଦନ୍ତ ଆରମ୍ଭ କରିଛି କ୍ରାଇମ୍‌ବ୍ରାଞ୍ଚ। ପ୍ରଶ୍ନ ଉଠୁଛି ମାଷ୍ଟରମାଇଣ୍ଡ ମନୋଜ ମିଶ୍ର ଓ ତାଙ୍କ ସହଯୋଗୀ ଆଲୋକ ଉଦ୍‌ଗାତା କେମିତି ନକଲି ସାର୍ଟିଫିକେଟ କାରବାର କରୁଥିଲେ ? କିଏ କିଏ ତାଙ୍କ ପଛରେ ଥିଲେ ? ଚାକିରି ଦେବା ନାଁରେ କେମିତି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରି ନେଉଥିଲେ ? ଏସବୁର ତଦନ୍ତରେ ଭିନିତ ନାଏକ ନାମକ ଜଣେ ଯୁବକଙ୍କ କାରନାମା ସନ୍ଦେହଘେରକୁ ଆସିଛି। ମନୋଜ ମିଶ୍ରଙ୍କ କୋଚିଂ ସେଣ୍ଟରରୁ ଜବତ ହୋଇଥିବା ଆର୍ଥିକ କାରବାର ସଂପର୍କିତ ଡାଏରି ଓ କିଛି ଚେକ୍ ଦେଖିଲେ ମନୋଜ ମିଶ୍ରଙ୍କ ଠକେଇ କାରବାରର ଜଣେ ମୁଖ୍ୟ କାର୍ପଟଦାର ଭିନିତ ବୋଲି ଜଣାପଡୁଛି। କିନ୍ତୁ ଏ ଭିନିତ କିଏ ଓ ଏବେ କେଉଁଠି ? ସେ ଦିଗରେ କ୍ରାଇମ୍‌ବ୍ରାଞ୍ଚ ଛାନ୍‌ଭିନ୍ କରୁଛି। ଏସବୁ ଭିତରେ ଭିନିତ ସଂପର୍କରେ ସୂଚନା ନେବାରୁ ଜଣାଯାଇଛି, ଭିନିତ ଏବେ କଳାହାଣ୍ଡି ଜେଲ୍‌ରେ ଏକ ମାମଲାରେ ବିଚାରାଧୀନ ଅନ୍ତେବାସୀ ଭାବରେ ରହିଛନ୍ତି। ଏଣୁ ତାଙ୍କୁ ଆଗାମୀ ଦିନରେ ସିଏ ରିମାଣ୍ଡରେ ଆସିଲେ ମନୋଜଙ୍କ ନକଲି ସାର୍ଟିଫିକେଟର ଗୁମର ଆହୁରି ଫିଟିବ। ତଦନ୍ତରୁ ଜଣାପଡ଼ିଛି ଯେ ନକଲି ସାର୍ଟିଫିକେଟର ମାଷ୍ଟରମାଇଣ୍ଡ ମନୋଜ ପୂର୍ବରୁ ବିଭିନ୍ନ ପଦପଦବିରେ ଚାକିରି କରାଇଦେବା ନାଁରେ ବହୁ ପିଲାଙ୍କୁ ଠକିଛନ୍ତି। ସବୁ କରାଇଦେବା କଥା କହି ବହୁ ପିଲାଙ୍କଠାରୁ ଦଲାଲଙ୍କ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିବା ସହ ନକଲି ସାର୍ଟିଫିକେଟ ବିକ୍ରି କରିଛି। ନକଲି ସାର୍ଟିଫିକେଟ୍ ମାମଲାରେ ଅସଲି ଫଟୋକୁ ନେଇ ଏବେ ବଲାଙ୍ଗିରରେ ରାଜନୀତି ଗରମ ହୋଇଛି। କଂଗ୍ରେସ-ବିଜେଡି ଭିତରେ ଚାଲିଛି ତୁତୁ ମେମେ। କଂଗ୍ରେସ ବିଜେଡିକୁ ଏଥିପାଇଁ ଦାୟୀ କରିଥିଲା ବେଳେ ବିଜେଡି ଏହା କଂଗ୍ରେସର ରାଜନୀତି ବୋଲି କହିଛି। ବଲାଙ୍ଗିରରେ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ନକଲି ସାର୍ଟିଫିକେଟ୍ ମାମଲାର ମାଷ୍ଟରମାଇଣ୍ଡ ସହ ଉପସ୍ଥିତ ଥିବା ନେତାଙ୍କ ଅନେକ ଫଟୋ। କେଉଁଠି ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗଉଦୟ ସିଂହଦେଓ ତ ଆଉ କେଉଁଠି ବର୍ତ୍ତମାନର ହାଉସିଂବୋର୍ଡର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ କଳିକେଶ ନାରାୟଣ ସିଂହଦେଓ। ସ୍ୱର୍ଗତ ମନ୍ତ୍ରୀ ନବ ଦାସ, ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କ ଫଟୋ ବି ଭାଇରାଲ ହେଉଛି। ଆଉ ସମସ୍ତଙ୍କ ସହିତ ମାଷ୍ଟରମାଇଣ୍ଡ ମନୋରଞ୍ଜନର ଫଟୋ ରହିଛି। କଥା ଉଠୁଛି ନକଲି କାରବାର ପଛରେ ଅସଲି ମାନଙ୍କର ସମ୍ପୃକ୍ତିର କାରଣ କ'ଣ ?

ସମ୍ପାଦକୀୟ
ତାରକ ମହାନ୍ତି




**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ବିଲୁପ୍ତ ପଥେ ହାତୀବଂଶ



ଶ୍ରୀବତ୍ସ ନାୟକ

ସାମ୍ପ୍ରତିକ ପରିସ୍ଥିତିରେ କିଭଳି ଭାବେ ହାତୀ ମାନଙ୍କୁ ସୁରକ୍ଷା ସୁରକ୍ଷା ଦିଆଯାଇପାରିବ ତାହା ସାଧାରଣରେରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ହାତୀମାନଙ୍କ ସରଂକ୍ଷଣ ଉପରେ ଗୁରୁତ୍ୱାରୋପ କରୁଥିଲେ ମଧ୍ୟ ହାତୀ ମୃତ୍ୟୁରେ ବ୍ରେକ ନ ଲାଗିପାରିବା ଚିନ୍ତା ଓ ଉଦବେଗଜନକ ବିଷୟ। ସରକାରଙ୍କ ରିପୋର୍ଟ ଅନୁସାରେ ୨୦୧୨-୧୩ରେ ୮୨,୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୪,୨୦୧୫-୧୬ରେ ୮୬,୨୦୧୬-୧୭ରେ ୭୬, ୨୦୧୭-୧୮ରେ ୭୮, ୨୦୧୮-୧୯ରେ ୯୩,୨୦୧୯-୨୦ରେ ୮୨,୨୦୧୦-୨୧ରେ ୭୭, ୨୦୨୧-୨୨ ଆର୍ଥିକ ବର୍ଷରେ ୮୬ ଟି ହାତୀଙ୍କର ମୃତ୍ୟୁ ଘଟିଛି। ଚାଷ ଜମିରେ ବିଷ ପ୍ରୟୋଗ,ବିଦ୍ୟୁତ ଆଘାତ,ରେଳ ଓ ସଡ଼କ ଦୁର୍ଘଟଣା,ହର୍ପିକ୍ସ୍ ରୋଗ,ଜଙ୍ଗଲ ମାଫିଆଙ୍କ ଦ୍ୱାରା ଶିକାର ହୋଇ ରାଜ୍ୟରେ ହାତୀ ମାନଙ୍କର ମୃତ୍ୟୁ ଘଟୁଛି। ଯଦି ଏହିଭଳି ହୁଏ ତାହେଲେ ସମୟ ଆସିବ ହାତୀ ବଂଶ ବିଲୁପ୍ତ ହୋଇଯିବ ଏଥିରେ ସନ୍ଦେହ ନାହିଁ।

ବିଶ୍ୱ ନୀୟନ୍ତାଙ୍କ ସୃଷ୍ଟିରେ ହାତୀ ହେଉଛି ଏକ ସ୍ୱତନ୍ତ୍ର ପ୍ରାଣୀ। ବିଲୁପ୍ତପ୍ରାୟ ଡାଇନୋସର ପରେ ସ୍ଥଳଭାଗରେ ବିଚରଣ କରୁଥିବା ବୃହତ୍ତମ ସ୍ତନପାୟୀ ଟିଏ ସେ। ଶାରୀରିକ ଗଠନତା ଦୃଷ୍ଟିରୁ ଦେଖିଲେ ଉଚ୍ଚତା ହାରାହାରି ୧୨ ଫୁଟ ଓ ଲମ୍ବା ପାଖପାଖି ୨୫ ଫୁଟ। ଉଭୟ ପରିବେଶଗତ ଏବଂ ସାଂସ୍କୃତିକ ଦୃଷ୍ଟିରୁ ହାତୀ ଏକ ଅବିଶ୍ୱସନୀୟ ଗୁରୁତ୍ୱପୂର୍ଣ୍ଣ ପ୍ରଜାତି। କଥାରେ ଅଛି ହାତୀ ଆମର ସାଥୀ। ମାନବ ଜୀବନ ସହିତ ହାତୀ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ବହୁ ପୁରାତନ ଯୁଗରୁ ମଣିଷ ହାତୀକୁ ନିଜର ସାଥୀ ବୋଲି ଅଭିହିତ କରି ସାରିଛି। ଇତିହାସରେ ମାନବ ସଂସ୍କୃତିରେ ହାତୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ହାତୀ ମାନଙ୍କୁ ପରିବହନ ପାଇଁ, କାର୍ଯ୍ୟ କରୁଥିବା ପଶୁ ଭାବରେ, ଏବଂ ଶକ୍ତି ଓ ଜ୍ଞାନର ପ୍ରତୀକ ଭାବରେ ବ୍ୟବହୃତ ହୋଇଥିବାର ନଜର ମଧ୍ୟ ଅଛି। ସମଗ୍ର ପ୍ରାଣୀ ଜଗତରେ ମଣିଷ ପରେ ଯଦି କିଏ ବୁଦ୍ଧିମାନ ପ୍ରାଣୀ ଥାଏ ସେ ହେଉଛି ହାତୀ। ପୌରାଣିକ ମତ ଅନୁସାରେ ଗଣେଶଙ୍କ ମସ୍ତକ ଛେଦନ ପରେ ହାତୀର ମୁଣ୍ଡକୁ ପୁନଶ୍ଚ ଗଣେଶଙ୍କ ଠାରେ ପ୍ରତିରୋପଣର କଥା ହେଉ ମହାଭାରତରେ ହାତୀ ଅଶ୍ୱତ୍ଥମା ର ତ୍ୟାଗ କଥା ହେଉ ସବୁଥିରେ ହାତୀ ମଣିଷ ସହିତ ରହି ଆସିଅଛି। ଦୁନିଆର ଅନେକ ସ୍ଥାନରେ ହାତୀମାନେ ମଧ୍ୟ ଆଧ୍ୟାତ୍ମିକ ପ୍ରାଣୀ ଭାବରେ ସମ୍ମାନିତ ହୁଅନ୍ତି ଓ ଧାର୍ମିକ ସମାରୋହ ପର୍ବରେ ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣ କରିଥାନ୍ତି। ନିକଟରେ ତାମିଲନାଡୁ ସରକାର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିବା କୁମକି ନାମକ ଏକ ହାତୀକୁ ଗାର୍ଡ ଅଫ ଅନର ପ୍ରଦାନ କରି ପୁନଶ୍ଚ ହାତୀ ମଣିଷର ସଂପର୍କ ସେତୁକୁ ମଜଭୁତ କରିଛନ୍ତି। ଅନ୍ୟାନ୍ୟ ଦୃଷ୍ଟିକୋଣରୁ ଦେଖିଲେ ଜଙ୍ଗଲରେ ହାତୀ ଭ୍ରମଣ ସମୟରେ ରାସ୍ତା କ୍ଲିୟରାନ୍ସ ସୃଷ୍ଟି କରନ୍ତି ଯାହା ଅନ୍ୟ ପ୍ରାଣୀମାନଙ୍କୁ ଜଙ୍ଗଲ ଦେଇ ଯିବାରେ ସାହାଯ୍ୟ କରେ। ଉଦ୍ଭିଦ ଖାଇବା ଏବଂ କେତେକ ଉଦ୍ଭିଦ ପ୍ରଜାତିର ବୃଦ୍ଧିକୁ ନିୟନ୍ତ୍ରଣ କରି ସେମାନେ ଇକୋସିଷ୍ଟମର ସନ୍ତୁଳନ ବଜାୟ ରଖିବାରେ ମଧ୍ୟ ସାହାଯ୍ୟ କରନ୍ତି। ସେମାନେ ବିଭିନ୍ନ ପ୍ରକାରର ଫଳ ଏବଂ ମଞ୍ଜି ଖାଆନ୍ତି ଓ ତା'ପରେ ଦୀର୍ଘ ଦୂରତା ଭ୍ରମଣ କରି ଏହି ମଞ୍ଜିଗୁଡ଼ିକୁ ନିଜ ଗୋବରରେ ଜମା କରନ୍ତି। ଏହା ଇକୋସିଷ୍ଟମର ବିବିଧତା ପାଇଁ ଅବଦାନ ଦେଇ ଲ୍ୟାଣ୍ଡସ୍କେପରେ ଉଦ୍ଭିଦ ପ୍ରଜାତି ବିସ୍ତାର କରିବାରେ ସାହାଯ୍ୟ କରେ। ହାତୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଜାତି ଯାହା ଇକୋସିଷ୍ଟମର ସ୍ୱାସ୍ଥ୍ୟ ଏବଂ ବିବିଧତା ତଥା ମାନବ ସଂସ୍କୃତି ଏବଂ ଅର୍ଥନୀତିରେ ସହାୟକ ହୋଇଥାଏ । ହାତୀର ଦାନ୍ତ ଓ ଏହାର ନଖରୁ ଚାମଚ, ଛୁରୀ, ପାନିଆ ଆଦି ଗୃହପୋଯୋଗୀ ସାମଗ୍ରୀ ପ୍ରସ୍ତୁତ ହୁଏ। କେରଳ ରେ ମଧ୍ୟ ହାତୀଦାନ୍ତ ନିର୍ମିତ ଅଳଙ୍କାର ପରିଧାନ କରୁଥିବାର ନଜର ଅଛି। ଥାଇଲାଣ୍ଡର ଏକ ବିଦ୍ୟାଳୟ ରେ ହାତୀ ମାନଙ୍କୁ ମଧ୍ୟ ଶିକ୍ଷା ଦିଆଯାଏ।

ଶତାବ୍ଦୀ ବର୍ଷ ଧରି ମଣିଷର ହୃଦୟକୁ ଜୟ କରିପାରିଛି ଏହି ଜଂଗଲୀ ପଶୁ। ଉଭୟ ପ୍ରାକୃତିକ ଦୁନିଆ ଓ ମାନବ ସଂସ୍କୃତି ପାଇଁ ହାତୀ ମଣିଷର କଳ୍ପନାକୁ କାବୁ କରିନେଇଛି। ଶାରୀରିକ ଗୁଣ, ବାସସ୍ଥାନ, ଆଚରଣ, କଣ୍ଠ, ସୁଗନ୍ଧ ଠିକ ମଣିଷ ଭଳି। ଯୋଗାଯୋଗ ଓ ସମାଜ ଗଠନ କ୍ଷେତ୍ରରେ ମଣିଷ ଭଳି ମଧ୍ୟ ବିଚକ୍ଷଣ ଓ ବୁଦ୍ଧିମାନ। ଶାରୀରିକ ଭାଷା ଓ ସ୍ପର୍ଶ ମାଧ୍ୟମରେ ଯୋଗାଯୋଗ ସହ ଦୁଃଖ, ଆନନ୍ଦ, ସହାନୁଭୂତି, ସାମାଜିକ ଆଚରଣ, ଅନ୍ୟାନ୍ୟ ଶାରୀରିକ ବୈଶିଷ୍ଟ୍ୟ ଅବିକଳ ମଣିଷ ଭଳି। ଯୁଦ୍ଧ ହେଉ କିମ୍ବା ଗମନାଗମନ, ସଂସ୍କୃତି ହେଉ କିମ୍ବା ପରିବହନ, ପରିବେଶ ସନ୍ତୁଳନ ହେଉ କିମ୍ବା ମନୋରଞ୍ଜନ, ଜୀବିକା ନିର୍ବାହ ହେଉ କିମ୍ବା ଯୋଗାଯୋଗ ସବୁଥିରେ ମଣିଷର ସାଥ ଦେଇ ହାତୀ ବନିଛି ମଣିଷର ସାଥୀ।

କିନ୍ତୁ ସାମ୍ପ୍ରତିକ ପରିସ୍ଥିତି କିଛି ଅଲଗା ସୂଚାଉଛି। ଯେଉଁ ହାତୀ ଥିଲା ମଣିଷର ଚିର ସହଯୋଗୀ ଆଜି ସେଇ ମଣିଷ,ହାତୀର ଶତ୍ରୁ ରୂପେ ଦଣ୍ଡାୟମାନ। ସମାଜର ଶ୍ରେଷ୍ଠ ପ୍ରାଣୀ ହେଲେ ମଧ୍ୟ ମଣିଷର ବାର୍ବୋରଚିତ କାର୍ଯ୍ୟ ହାତୀ - ମଣିଷର ସଂପର୍କ ରେ ଫାଟ ସୃଷ୍ଟି କରିଛି। ଫାଟ ସୃଷ୍ଟି ହେବା ବି ସ୍ୱାଭାବିକ। ବ୍ୟକ୍ତିଗତ ସ୍ୱର୍ଥାନ୍ଧ ହୋଇ ଦିନକୁ ଦିନ ବିକାଶ ନାମରେ ବିନାଶ କୁ ନିମନ୍ତ୍ରଣ କରୁଛି ଫଳରେ ନିଜେ କ୍ଷତିଗ୍ରସ୍ତ ହେବା ସହ ସମଗ୍ର ପ୍ରାଣୀ ଜଗତ ବି ପ୍ରଭାବିତ ହେଉଛି। ଏକବିଂଶ ଶତାବ୍ଦୀରେ ବିଜ୍ଞାନର ଗ୍ରାହକ ସାଜି ଦିନକୁ ଦିନ ନୂତନତ୍ୱର ସନ୍ଧାନରେ ମତୁଆଲା ହୋଇ ପରିବେଶକୁ ଅସନ୍ତୁଳିତ କରୁଛି। ଶିଳ୍ପାୟନ, ବେଆଇନ ଖଣିଖାଦନ,ଖଣିଜ ଦ୍ରବ୍ୟ ଉତ୍ତୋଳନ, ହାତୀଦାନ୍ତ ପାଇଁ ହାତୀର ହତ୍ୟା,ବନାଗ୍ନି, ରାସ୍ତା ନିର୍ମାଣ ନିମନ୍ତେ ଜଙ୍ଗଲକୁ ସଙ୍କୁଚିତ କରୁଛି ଫଳରେ ଅଭୟାରଣ୍ୟ ପରିବର୍ତ୍ତେ ଭୟର ଅରଣ୍ୟ ସୃଷ୍ଟି ହେଉଛି। ଖାଦ୍ୟ ଅନ୍ୱେଷଣ ଓ ଜଳ ସନ୍ଧାନ ନିମନ୍ତେ ଜନବସତି ମୁହାଁ ହେଉଛନ୍ତି ହାତୀ। ନିଜକୁ ସୁରକ୍ଷା ଦେବାକୁ ଯାଇ ହାତୀ - ମଣିଷ ମଧ୍ୟରେ ଅହରହ ଚାଲିଛି ସଙ୍ଘର୍ଷ। କେବେ ହାତୀ ବଳି ପଡୁଛି ତ କେବେ ମଣିଷ ବଳି ପଡୁଛି। ଏହି ସଙ୍ଘର୍ଷ ର ଫଳ ସ୍ୱରୂପ ଗତ ଦଶ ବର୍ଷ ମଧ୍ୟରେ ରାଜ୍ୟରେ ପାଖାପାଖି ୭୦୦ରୁ ଉର୍ଦ୍ଧ ମଣିଷ ଓ ସହସ୍ରାଧିକ ହାତୀଙ୍କର ପ୍ରାଣହାନୀ ଘଟିଛି। ବୟସାଧିକ କାରଣ କୁ ଛାଡ଼ିଦେଲେ ହାତୀ ମୃତ୍ୟୁର ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ। ସମୟ ଆସିଛି ଆମକୁ ସଜାଗ ହେବାକୁ ପଡିବ। ଅନୁଭବ କରିବାକୁ ପଡ଼ିବ ଘଟଣାଟିକୁ। ବିଲୁପ୍ତ ପଥେ ହାତୀବଂଶକୁ ସୁରକ୍ଷା ଦେବାକୁ ପଡ଼ିବ। ସରକାର, ଯୋଜନାକୁ କେବଳ କାଗଜ କଲମରେ ସୀମିତ ନରଖି ବାସ୍ତବିକତା ରୂପ ଦେବାକୁ ସାଧାରଣରେ ଆହ୍ୱାନ ହେଉଛି। କେନ୍ଦ୍ରସରକାର ମନକି ବାତ୍ କାର୍ଯ୍ୟ କ୍ରମରେ ହାତୀ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରୁଛନ୍ତି କିନ୍ତୁ ସାଧାରଣ ଲୋକଙ୍କର ସୁସ୍ଥ ମାନସିକତା ର ଅଭାବରୁ ଏଥିରୁ କୌଣସି ସୁଫଳ ଦେଖାଯାଉନାହିଁ। ହାତୀ ମାନଙ୍କର ବାସସ୍ଥାନର ସୁରକ୍ଷା,ଖାଦ୍ୟପଯୋଗୀ ବୃକ୍ଷରୋପଣ, ବ୍ୟାପକ ବନୀକରଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶ୍ରୟ, ବନାଗ୍ନିରୁ ରକ୍ଷା, ଶିକାର ନିରୋଧକ, ଜନସଚେତନତାର ବିଧିବ୍ୟବସ୍ଥା ଗ୍ରହଣ କରିବା ଉଚିତ ନଚେତ ହାତୀ ବଂଶ ନିଶ୍ଚିହ୍ନ ହୋଇଯିବ ଏଥିରେ ସନ୍ଦେହ ନାହିଁ।

*ଅଧ୍ୟାପକ, ବାଣିଜ୍ୟ ବିଭାଗ, କଟକ*

# ଓଡ଼ିଶା ବିଜେପିର ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ଚେହେରା-କନକବର୍ଦ୍ଧନ ସିଂହଦେଓ



ବାଦଲ ଭୂୟାଁ

ଆଗାମୀ ସାଧାରଣ ନିର୍ବାଚନ ଓ ରାଜ୍ୟ ବିଧାନ ସଭା ନିର୍ବାଚନ ପୂର୍ବରୁ ଓଡ଼ିଶା ବିଜେପି ତୃଣମୂଳ ସ୍ତରରୁ ସଶକ୍ତ ଓ ସଂଗଠିତ ହେଉଛି। ଇତିମଧ୍ୟରେ ନରମପନ୍ଥୀ କୁହାଯାଉଥିବା ସମୀର ମହାନ୍ତିଙ୍କୁ ବଦଳାଇ ସଂଗଠନ ସହ ଅଧିକ ଜଡ଼ିତ ଥିବା ମନମୋହନ ସାମଲଙ୍କୁ ରାଜ୍ୟ ବିଜେପିର କମାଣ ଦାୟିତ୍ୱ ଦିଆଯାଇଛି। ନୂଆ ସଭାପତି ମନମୋହନ ସାମଲ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରି ଆସନ୍ତା ନିର୍ବାଚନରେ କେନ୍ଦ୍ର ସହ ଓଡ଼ିଶାରେ ମଧ୍ୟ ଡବଲ ଇଞ୍ଜିନ ସରକାର ଭାବେ ବିଜେପି ସରକାରକୁ ଆସିବ ବୋଲି ଜୋରଦାର ଦମ୍ଭୋକ୍ତି ଦେଖାଇଛନ୍ତି। ତେବେ ଓଡ଼ିଶା ବିଜେପି ତୃଣମୂଳ ସ୍ତରରୁ ସଂଗଠିତ ହେବା ସହ ଜୟନାରାୟଣ ମିଶ୍ରଙ୍କ ପରି କଠୋରପନ୍ଥୀ ନେତାକୁ ବିଧାୟକ ଦଳର ନେତା ଦାୟିତ୍ୱ ଦିଆଯାଇଛି ଯାହାକି ବିଜେପିର କର୍ମୀ ଓ ଭୋଟରଙ୍କ ଭିତରେ ନୂଆ ଯୋଶ ବଢ଼ାଇଛି। ଓଡ଼ିଶା ବିଜେପିର ଦାୟିତ୍ୱରେ ଥିବା ସୁନୀଲ ବନସଲ ଜଣେ ନୀରବ ରଣନୀତିକାର। ଆତ୍ମ ପ୍ରଚାର ଓ ମିଡ଼ିଆ ସାମ୍ନାକୁ ନ ଆସି ପର୍ଦ୍ଦା ପଛର ନାୟକ ଭାବେ ସଂଗଠନ ସଜାଡ଼ିବାର ବେଶ ରଣକୌଶଳ ଓ ଦକ୍ଷତା ତାଙ୍କର ରହିଛି। ରାଜ୍ୟର ଏକୋଇଶଟି ଲୋକସଭା କ୍ଷେତ୍ର ପାଇଁ ସମ୍ଭାବ୍ୟ ପ୍ରାର୍ଥୀ ତାଲିକା ସେ ନୂଆଦିଲ୍ଲୀ ବିଜେପିର ମୁଖ୍ୟ କାର୍ଯ୍ୟାଳୟକୁ ପଠାଇଛନ୍ତି। ତେବେ ମନମୋହନ - ଜୟ ନାରାୟଣ ଓ ବନସଲ ରାଜ୍ୟ ଭାଜପାର ଭାଗ୍ୟ ବଦଳାଇ ପାରିବେ କି ? ଏହାକୁ ନେଇ ରାଜନୈତିକ ବିଶେଷଜ୍ଞମାନେ ଗଣିତ ଅଙ୍କ କଷୁଛନ୍ତି।

ଓଡ଼ିଶାରେ ବିଜେପି ତା ଆଚରଣ ଓ ଉଚ୍ଚାରଣ ବଦଳାଇ ସାରିଛି। ସବୁବେଳେ କୁହାଯାଉଥିଲା ଯେ କେନ୍ଦ୍ରର ମୋଦୀ ସରକାର ଅନେକ ବିଲ ପାରିତ ପ୍ରସଙ୍ଗ ହେଉ ବା ସହାୟତା କ୍ଷେତ୍ର। ନବୀନ ବାବୁଙ୍କ ସହିତ ଭିତିରିଆ ଦୋସ୍ତି ରଖିଛନ୍ତି। ଯାହାପାଇଁ ରାଜ୍ୟ ବିଜେପିକୁ ଅନେକ ମୂଲ୍ୟ ପରିଶୋଧ କରିବା ପାଇଁ ପଡ଼ିଛି। ଓଡ଼ିଶାରେ ବିଜେପିର ପ୍ରତିପକ୍ଷ ବିଜେଡ଼ି ତୃଣମୂଳ ସ୍ତରରୁ ଅତ୍ୟନ୍ତ ଶକ୍ତିଶାଳୀ। ବୁଥ ପରିଚାଳନା କ୍ଷେତ୍ରରେ ବିଜେଡ଼ି ମଧ୍ୟ ବେଶ ଟାଣୁଆ ସ୍ତରରେ ରହିଛି। ଏହାଛଡ଼ା ସରକାରୀ କଳର ସୁନ୍ଦର ଉପଯୋଗ କରି ରାଜନୈତିକ ଗୋଟି ଚାଳନା କରିବାରେ ବିଜେଡ଼ି ପାରଙ୍ଗମ। ତେବେ ଏସବୁ ଭିତରେ ପ୍ରଶ୍ନ ଉଠୁଛି ଓଡ଼ିଶାରେ ବିଜେପିର ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ଚେହେରା କିଏ ? ପ୍ରଥମରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବାବୁଙ୍କ ନାମ ଉଠୁଥିଲା କିନ୍ତୁ ଗୋପରେ ବଢୁଛି କଳାକହ୍ନେଇ ପରି ବିଜେପିର ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ଚେହେରା ଭାବେପ କେନ୍ଦ୍ର ବିଜେପି ଯାହାଙ୍କ ନାମ ସୁନିଶ୍ଚିତ କରିସାରିଛି ବୋଲି ଜାତୀୟ ଗଣମାଧ୍ୟମରେ ବ୍ୟାପକ ଖବର ପ୍ରକାଶ ପାଉଛି ସେ ହେଉଛନ୍ତି ଓଡ଼ିଶା ବିଜେପିର ପୋଷ୍ଟର ବୟ ଓ ଅନ୍ୟତମ ମାର୍ଗଦର୍ଶକ, ସୁଦକ୍ଷ ସଂଗଠକ, ଅମଳୀନ ଅମାୟିକ ବ୍ୟକ୍ତିତ୍ୱ କନକ ବର୍ଦ୍ଧନ ସିଂହଦେଓ। ରାଜ୍ୟର ତୃଣମୂଳ ସ୍ତରରେ ତାଙ୍କର ଢ଼େର ପ୍ରଶଂସକ ରହିଛନ୍ତି। ଓଡ଼ିଶାର ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ, କେନ୍ଦ୍ରାଞ୍ଚଳରୁ ଉପକୂଳ ଅଞ୍ଚଳ ସବୁଠି କନକ ବର୍ଦ୍ଧନ ସିଂହଦେଓଙ୍କ ଆଦରଣୀୟ ଗ୍ରହଣୀୟତା, ପତିଆରା ଓ ଦବ୍‌ଦବା ରହିଛି। ଓଡ଼ିଶାର ଅନେକ ସ୍ଥାନରେ ତାଙ୍କୁ ଭଲ ପାଉଥିବା ଅସଂଖ୍ୟ ଶୁଭେଚ୍ଛୁ, ସମର୍ଥକ, ଭୋଟର ରହିଛନ୍ତି। ରାଜ୍ୟ ବିଜେଡ଼ିକୁ ବିଧାନ ସଭାରେ ଅତି ଶାଣିତ ଢ଼ଙ୍ଗରେ ସତ୍ୟନିଷ୍ଠ ଭାବେ ସେ ଅନେକ ଥର ଅଡୁଆରେ ପକାଇଛନ୍ତି। ତାଙ୍କ ତଥ୍ୟଭିତ୍ତିକ ଅନେକ ପ୍ରସଙ୍ଗରେ ବିଜେଡ଼ି ସରକାର ଅଡୁଆ ଜାଲରେ ଛନ୍ଦି ହେଉଛନ୍ତି। ଓଡ଼ିଶାରେ ବିଜେଡ଼ି-ବିଜେପି ମେଣ୍ଟ ସରକାର ଥିବାବେଳେ ସେ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମଧ୍ୟ ଥିଲେ। ସମୀର ମହାନ୍ତି ବିଜେପି ସଭାପତି ଥିବାବେଳେ ଯେପରି ମନମୋହନ ସାମଲଙ୍କ ନାମ ଆଲୋଚନାକୁ ଆସୁନଥିଲା ସେହିଭଳି ସ୍ୱଭାବିକ ଭାବେ ପ୍ରଚାର ପ୍ରସାର ଠାରୁ ଦୂରେଇ ଦଳୀୟ କର୍ମୀଙ୍କ ଯୋଶ ବଢ଼ାଇବା ସହ ସଙ୍ଗଠନକୁ ତୃଣମୂଳରୁ ଆଗେଇ ନେଉଥିବା କନକ ବର୍ଦ୍ଧନ ସିଂହଦେଓଙ୍କ ଲୋକପ୍ରିୟତାର ଗ୍ରାଫ ବଢ଼ି ବଢ଼ି ଚାଲିଛି। ତାଙ୍କୁ ଯଥେଷ୍ଟ ପୂର୍ବରୁ ଭାରତର କୌଣସି ବଡ଼ରାଜ୍ୟର ରାଜ୍ୟପାଳ ଦାୟିତ୍ୱ ଦେବା ପାଇଁ କେନ୍ଦ୍ର ବିଜେପି ଚାହୁଁଥିଲେ କିନ୍ତୁ ନରେନ୍ଦ୍ର ମୋଦୀ ଅମିତ ଶାହାଙ୍କ ଚତୁର ଗୋଟି ଚାଳନାରେ ତାଙ୍କୁ ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ଚେହେରା ଭାବେ ପ୍ରୋଜେକ୍ଟ କରାଯାଉଥିବାରୁ ରାଜ୍ୟପାଳ ଦାୟିତ୍ୱକୁ କେନ୍ଦ୍ର ବିଜେପି ଅନୁମୋଦନ କଲାନାହିଁ। ଇତିମଧ୍ୟରେ ରାଜ୍ୟର ତମାମ ଜିଲ୍ଲା ଘନ ଘନ ଗସ୍ତକରି କନକବର୍ଦ୍ଧନ ବାବୁ ସଂଗଠନକୁ ଆଗେଇ ନେଉଛନ୍ତି। ତାଙ୍କ ଶାଣିତ ରଣନୀତି ନିଶ୍ଚିନ୍ତ ଭାବେ ବିଜେପିକୁ ଗାଦିସିନ କରିବ। ଓଡ଼ିଶା ବିଜେପି ଇତିମଧ୍ୟରେ ବେଶ ଶକ୍ତିଶାଳୀ ହେଲାଣି। ବିଜେଡ଼ି ପରି ବର୍ଷ ବର୍ଷ ଧରି ଗାଦିରେ ଥିବା ସରକାରକୁ ଅନେକ ଅଡୁଆ ଜାଲରେ ଛନ୍ଦି ସାରିଲେଣି। ଆସନ୍ତା ନିର୍ବାଚନରେ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ହେବାକୁ ଯାଉଛି ଏହା ସୁନିଶ୍ଚିତ। କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ଭାରତ ବର୍ଷର ଅନ୍ୟତମ ଲୋକପ୍ରିୟ ଓ ଦେଶର ଜନକଲ୍ୟାଣକାରୀ ସରକାର ଭାବେ ପ୍ରଶଂସିତ ଓ ଲୋକପ୍ରିୟତା ପାଉଛି। ନରେନ୍ଦ୍ର ମୋଦୀ କେବଳ ଭାରତର ନେତା ନୁହଁନ୍ତି। ବିଶ୍ୱ ନେତା ଭାବେ ଭାରତର ସୁନାମକୁ ଶୀର୍ଷରେ ପହଞ୍ଚାଇଲେଣି। ଓଡ଼ିଶା ବିଜେପିର ଗତି ଓ ସମ୍ଭାବ୍ୟ ଚେହେରାର ଅଙ୍କ କଷା ଭିତରେ ରାଜନୈତିକ ବିଶେଷଜ୍ଞମାନେ ଅନେକ ଗୁଡି ବି ଉଡାଉଛନ୍ତି। ଆଗକୁ ଓଡ଼ିଶା ବିଜେପିର ପ୍ରଭାବ ଓ ପତିଆରା କେଉଁ ସ୍ଥାନରେ ପହଞ୍ଚିବ ସେହି ସମୟକୁ ଅପେକ୍ଷା।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',*
*୪ଜି ପ୍ରତାପ ଆପାର୍ଟମେଣ୍ଟ, ୭*
*ଏକ୍ସଟେନସନ ରୋଡ଼, ପୁରୁଣା*
*ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ଛୋଟ ପିଲା ସ୍କୁଲ ଯାଉଥିଲେ



ତପସ୍ୱିନୀ ପଟ୍ଟନାୟକ

ସ୍କୁଲରୁ ହିଁ ପିଲାଙ୍କର ଉତ୍ତମ ଭବିଷ୍ୟତ ମୂଳଦୁଆ ପଡ଼ିଥାଏ। ଆଜିକାଲି ଛୋଟ ପିଲାଟିର ପାଠପଢ଼ା ଆରମ୍ଭ ହେଉଛି ପ୍ଲେ ସ୍କୁଲରୁ। ସେତେବେଳକୁ ପିଲାଟିକୁ ହୋଇଥାଏ ମାତ୍ର ଅଢ଼େଇ କିମ୍ବା ତିନି ବର୍ଷ। ଏତେ କମ୍ ବୟସରୁ ତାକୁ ସ୍କୁଲକୁ ନେଇ ସେଠାକାର ପରିବେଶ ସହିତ ଜଡ଼ିତ କରାଇବା କଷ୍ଟକର ହୋଇଥାଏ। ଅବଶ୍ୟ ପ୍ଲେ ସ୍କୁଲର ପରିବେଶ ଏପରି କରାଯାଇଥାଏ ଯେ ଜଣେ ନବାଗତ ପିଲା କିଛି ଦିନ ମଧ୍ୟରେ ନିଜକୁ ସ୍କୁଲ ସହ ଜଡ଼ିତ କରାଇ ନିଏ। କେତେକ ପିଲା ଏହି ସମୟରେ ସ୍କୁଲ ଯିବାକୁ ଅମଙ୍ଗ ହୋଇଥାଆନ୍ତି। ତେବେ ଏହି ସମୟରେ କେଉଁ ଦିଗ ପ୍ରତି ମୋ ବାପା ଧ୍ୟାନ ଦେବା ଦରକାର ଜାଣନ୍ତୁ ସେ ସମ୍ପର୍କରେ.....।

ଆତ୍ମବିଶ୍ୱାସ : କେବଳ ପ୍ଲେ ସ୍କୁଲ ଯାଉଥିବା ପିଲା ନୁହଁନ୍ତି ବରଂ ବଡ଼ ପିଲାମାନେ ମଧ୍ୟ ସ୍କୁଲ ଯିବାକୁ ରାଜି ନ ହୋଇ କାନ୍ଦିଥାନ୍ତି। ଯଦି ପିଲାଙ୍କୁ ପୂର୍ବରୁ ମାନସିକ ସ୍ତରରେ ପ୍ରସ୍ତୁତ କରାନଯାଏ ତେବେ ସ୍କୁଲର ନୂଆ ମାହୋଲରେ ସେମାନଙ୍କୁ ଆଡ଼ଜଷ୍ଟ କରିବାକୁ ଅସୁବିଧା ହୋଇନଥାଏ। ପିଲା ଯଦି ପ୍ରତିଦିନ ସ୍କୁଲ ଯିବା ପାଇଁ ଅମଙ୍ଗ ହୁଅନ୍ତି ତେବେ ମାଆବାପା ପ୍ରଥମେ ଏହାର କାରଣ କାରଣ ଜାଣିବା ଦରକାର। ଯଦି ସେ କୌଣସି ସମସ୍ୟା ଆପଣଙ୍କ ଆଗରେ କହୁଛି ତେବେ ତାକୁ ଅଣଦେଖା କରନ୍ତୁ ନାହିଁ। ପିଲା ଏବଂ ମା-ବାପାଙ୍କ ମଧ୍ୟରେ ବିଶ୍ୱାସ ଦୃଢ଼ ହେବା ଦରକାର। ସେମାନଙ୍କ ମନରେ ଏଭଳି ଆତ୍ମ ବିଶ୍ୱାସ ସୃଷ୍ଟି କରନ୍ତୁ ଯାହା ସେମାନଙ୍କୁ ଆପେ ଆପେ ସ୍କୁଲ ପ୍ରତି ଆକର୍ଷିତ କରିବ।

ସ୍କୁଲ ଯିବାକୁ ମନା କରିବାର କାରଣ : ସ୍କୁଲରେ ପିଲାମାନଙ୍କୁ ଘରଠାରୁ ସମ୍ପୂର୍ଣ୍ଣ ଅଲଗା ପ୍ରକାର ମାହୋଲରେ ରହିବାକୁ ପଡ଼ିଥାଏ। ସେଠାରେ ଅନୁଶାସିତ ଦିନଚର୍ଯ୍ୟା ପାଳନ କରିବାକୁ ପଡ଼ିଥାଏ। ତେଣୁ ସେମାନେ ସ୍କୁଲ ଯିବା ପାଇଁ ଅନିଚ୍ଛା ପ୍ରକାଶ କରିଥାନ୍ତି। ଏହା ବ୍ୟତୀତ ଅନ୍ୟ କିଛି କାରଣ ମଧ୍ୟ ରହିଛି ଯେପରି କ୍ଲାସରେ ଜଣେ ଅନ୍ୟ ଜଣଙ୍କୁ ହଇରାଣ କଲେ, ପାଠପଢ଼ା ନ ବୁଝି ପାରିଲେ, କୌଣସି ଶିକ୍ଷକ ରାଗିଥିଲେ, ବାରମ୍ବାର ସ୍କୁଲରେ ମାଡ଼ ବା ସିନିୟରମାନେ ଚିଡ଼ାଇଲେ ଇତ୍ୟାଦି।

କ'ଣ କରିବେ ଅଭିଭାବକ : ପିଲା ସ୍କୁଲ ଯିବାକୁ ରାଜି ନହେଲେ କେତେକ ମା-ବାପା ସେମାନଙ୍କ ଉପରେ ବିରକ୍ତ ହୋଇଥାଆନ୍ତି। ସେମାନଙ୍କର ରୁକ୍ଷ କଥାବାର୍ତ୍ତା ପିଲାଟିକୁ ମାନସିକ ସ୍ତରରେ ପ୍ରଭାବିତ କରିଥାଏ। ତେଣୁ ଏଭଳି ମାନସିକତାରୁ ପ୍ରଥମେ ନିଜକୁ ମୁକୁଳାଇବାକୁ ଚେଷ୍ଟା କରନ୍ତୁ। ପିଲା ସହ ଏଭଳି ଢ଼ଙ୍ଗରେ କଥା ହୁଅନ୍ତୁ ଯାହା ସେମାନଙ୍କ ମନୋବଳକୁ ଦୃଢ଼ କରିବ। ପିଲାଟି ସ୍କୁଲକୁ କାହିଁକି ଯିବାକୁ ଅମଙ୍ଗ ହେଉଛି ପ୍ରଥମେ ତାର କ୍ଲାସ ଟିଚରଙ୍କ ଠାରୁ ଏହାର ପ୍ରକୃତ କାରଣ ବୁଝନ୍ତୁ। ତାକୁ ସବୁବେଳେ ଆକଟ କରନ୍ତୁ ନାହିଁ। ସେ କ'ଣ କରିବାକୁ ଚାହୁଁଛି ଭଲ ଭାବରେ ବୁଝନ୍ତୁ, ତାପରେ ନିଜର ପ୍ରତିକ୍ରିୟା ପ୍ରକାଶ କରନ୍ତୁ। ସ୍କୁଲରୁ ଘରକୁ ଫେରିବା ପରେ ତାକୁ ସେଠାକାର ମାହୋଲ, ଶିକ୍ଷକ ଏବଂ କ୍ଲାସମେଟ୍‌ଙ୍କ ବିଷୟରେ ପଚାରି ବୁଝନ୍ତୁ। ଯଦି ପିଲା ଆପଣଙ୍କ ପାଖରେ ତାର କୌଣସି ସମସ୍ୟା କହୁଛି ତେବେ ଧୈର୍ଯ୍ୟପୂର୍ବକ ଏହାକୁ ଶୁଣି ସମାଧାନର ରାସ୍ତା ବାହାର କରନ୍ତୁ। ପ୍ରତିଦିନ ସ୍କୁଲ ନେବା ଏବଂ ଆଣିବା ସମୟରେ ଆପଣ ବସ୍‌ଷ୍ଟପ ପର୍ଯ୍ୟନ୍ତ ଯାଆନ୍ତୁ। ତାର ଖେଳିବା ପାଇଁ ସମୟ ଧାର୍ଯ୍ୟ କରନ୍ତୁ। କେବେ କେବେ ପାର୍କ ନିଅନ୍ତୁ ବା ଘରେ ତା ସହ ଖେଳନ୍ତୁ। ଯଦି ଆପଣ ବ୍ୟସ୍ତ ଅଛନ୍ତି ତେବେ ଟିଭି ବା ମୋବାଇଲ ବଦଳରେ କିଛି ଆଉଟ ଡୋର ଗେମ୍ ଦିଅନ୍ତୁ।

ଶିକ୍ଷକଙ୍କ ଧ୍ୟାନ ଜରୁରୀ : ପିଲା ସ୍କୁଲରେ ପହଞ୍ଚିବାମାତ୍ରେ ଦାୟିତ୍ୱ ଶିକ୍ଷକଙ୍କର। ସେଥିଲାଗି ଶିକ୍ଷକ ମଧ୍ୟ କିଛିଟା କଥାକୁ ଧ୍ୟାନ ଦେବା ଦରକାର। ଯଦି କୌଣସି ପିଲା ଚୁପ୍‌ଚାପ ରହୁଛି କାରଣ ଜାଣିବାକୁ ଚେଷ୍ଟା କରନ୍ତୁ। ତାକୁ ଅନ୍ୟ ପିଲାମାନଙ୍କ ସହ ମିଶି ଖେଳିବାକୁ କୁହନ୍ତୁ। ଯଦି ସେ କିଛି ଅଭିଯୋଗ କରୁଛି ତେବେ ଏହାକୁ ଶୁଣନ୍ତୁ। ପିଲା ଯଦି ଅନ୍ୟମାନଙ୍କ ସହ ଉତ୍ତମ ବ୍ୟବହାର କରୁଛି ତେବେ ତାର ପ୍ରଶଂସା କରନ୍ତୁ। ଏହାଦ୍ୱାରା ସେ ଖୁସି ହୋଇ ପ୍ରତିଦିନ ସ୍କୁଲ ଯିବା ପାଇଁ ଆଗ୍ରହ ପ୍ରକାଶ କରିବ।

*ଶିକ୍ଷାବିତ୍, ମହାନଦୀ ବିହାର, କଟକ*

## ଧାରାବାହିକ ଉପନ୍ୟାସ

### ବିଧ୍ୱମଞ୍ଜୁଳ ରାତି ଓ ନୀଳପରୀ



ଡ. ମୌସୁମୀ ପରିଡା

ଭାଗ-୫୩




*(ପୂର୍ବପ୍ରକାଶ ଉତ୍ତାରୁ)*

ଜେଜେମାଆର କଥାକୁ ବି ଅକ୍ଷରେ ଅକ୍ଷରେ ପାଳନ କରିଛନ୍ତି ଏ ଦୁର୍ଦ୍ଦିନରେ। ନହେଲେ ଏ ଅସମୟରେ କିଏ ବା କାହିଁକି ବିପଦ ମୁଣ୍ଡାଇଥାନ୍ତା ? ସତରେ ସେ ତାର ସମସ୍ତ ଋଣକୁ ପରିଶୋଧ କରିଦେଇଛନ୍ତି। ଆଉ କିଛି ଅବଶୋଷ ନାହିଁ ତା ମନତଳେ। ଖାଲି ତାଙ୍କରି ପାଇଁ ବଂଚିଛି ଓ ଆଗକୁ ବଂଚିବ ମଧ୍ୟ। ଜୀବନ ପ୍ରତି ମମତା ତ ନାହିଁ କେବେଠାରୁ। ଏବେ ସେ ଆଗଠାରୁ ଆଉରି ବେଶୀ ନୀରବ। ପଚାରିଲେ ଯାହା ଉତ୍ତର ମିଳେ। ନହେଲେ ନାଇଁ..। କେବେ କେମିତି ଆଗରୁ ଅନ୍ଧାରକୁ ଭୟ ଲାଗୁଥିଲା। ଏବେ ସେତକ ବି ନାହିଁ। ସେ ଡରିବ କାହାକୁ ? ଡରିଲେ ରହିବ କୋଉଠି ? କେବେଠାରୁ ଜେଜେମା' ତ ଆରପାରିରେ। ସେ ସବୁତକ ହସ ଖୁସି ତାର ଛଡେଇନେଇ ଚାଲିଯାଇଛି ବହୁଦୂରକୁ। ସମଗ୍ର ଅନ୍ଧକାର ତା ଦୁନିଆଁରେ ବ୍ୟାପିଯାଇଛି ଯେମିତି ! ସେ ଅଣନିଶ୍ୱାସୀ ହେଉଛି ବୁନ୍ଦିଏ ଆଲୋକ ପାଇଁ। ଅଥଚ ତା ପାଖକୁ ଆଲୋକକୁ ଆସିବା ମନା। କୋଉ ମାଲ୍ୟାଣୀ ପାଖରେ ବନ୍ଦୀ ତା ଆଲୋକର ଧାରା !

ଆଉ ତା ପୃଥିବୀରେ କେବେ ଦିନେ ସୂର୍ଯ୍ୟ ଉଇଁବେନି କିମ୍ବା ସକାଳ ହେବନି। ସେଇ ଅନ୍ଧକାର ଭିତରେ ଗୁମୁରି ଗୁମୁରି ସେ ଚାଲିଯିବ ସଂସାରରୁ। ଦେହର ବ୍ୟଥା ବଳିପଡୁଛି ବେଳକୁ ବେଳ। ଲାଗୁଛି ସେମାନେ ଛୁଇଁଥିବା ପ୍ରତିଟି ଅଂଶକୁ ସେ କାଟିକି ଫିଙ୍ଗିଦେଇ ପାରନ୍ତା ଯଦି ଯନ୍ତ୍ରଣାରୁ ମୁକ୍ତି ପାଆନ୍ତା ଅନ୍ତତଃ ! ଅଥଚ ସେ କାହାକୁ କାଟି ଅଲଗା କରିବ ତା ଦେହରୁ ? ସେମିତିରେ ତ ଆଉକିଛି ବି ବଳିବନି। ଗୋଟେ ସଦ୍ୟଫୁଟନ୍ତା ଫୁଲକୁ କେହି ପିଲା ଦଳିଚକଟି ଫିଙ୍ଗିଦେବାପରି ସେ ଆଜି ମକ୍‌ଚି ହୋଇଯାଇଛି।

ନିଜର ପ୍ରତିଛବିକୁ ବି ଘୃଣାକରୁଛି। ନିଜର ଛାଇକୁ ଦେଖି ଭୟଭୀତ ହେଉଛି। ନିଜ ଦେହ ପ୍ରତି ବୈରାଗ ଆସୁଛି। ଏ ଦେହର ସେ ଏତେ ଯତ୍ନ ନିଏ..ଯାହା ବଳିପଡିଗଲା ଏଇ ନରପିଶାଚମାନଙ୍କ କ୍ଷୁଧା ପ୍ରଶମିତ କରିବାକୁ ? ଶରୀରର ପ୍ରତିଟି ଅଂଗ ଆଜି ଜଡ ପାଲଟିଯାଇଛି। ମନ ବିଷେଇ ଉଠୁଛି। ସେଦିନ ଖୁବ୍ ଅସହ୍ୟ ଘୃଣାରେ କାଗଜ କଟା କଇଁଚିରେ କାଟିପକାଇଥିଲା ନିଜକୁ। ରକ୍ତରେ ବୁଡିଗଲା ଗୋଟାପଣେ। ଭାବିଲା ଏବେ ସେ ମରିଯିବ ! ଲୀନା ନାମକ ଅଶୁଭ ଗ୍ରହଟି କଟିଯିବ ସାନବାବୁଙ୍କ ମଥାଉପରୁ ! ସେ ତାଙ୍କ ମନଇଚ୍ଛା ବଂଚିପାରିବେ ! କୌଣସି ବାଧାନଥିବ। ସବୁ ସମାଧାନର ବାଟ ଖୋଲିଯିବ ! ହେଲେ ସେ ମଲାନାହିଁ।

ସାନବାବୁ ଯେମିତି ବି ହେଉ ତାକୁ ବଂଚାଇ ରଖିଲେ। ପୁଣି ଦ୍ୱିତୀୟ ଥର ପାଇଁ ତାକୁ ନୂଆ ଜନ୍ମଟିଏ ଦେଲେ। ହେଲେ ସବୁଠାରୁ ବେଶୀ କଷ୍ଟପାଇଲେ ସେ। ତାକୁ ହସ୍ପିଟାଲ୍ ନେବାଠାରୁ ଆରମ୍ଭ କରି ନିଜର ସମସ୍ତ କାମ ସେ ନିଜେନିଜେ କଲେ। ଯାହା ଲୀନାକୁ ଖୁବ୍ ବାଧିଲା। ପ୍ରକୃତରେ ଏଯାଏଁ ସାନବାବୁ ହିଁ ତା କଷ୍ଟକୁ ବରାବର ଭୋଗି ଆସିଛନ୍ତି, ବାଂଟି ଆସିଛନ୍ତି। ବରଂ ସେ ବେଶି ଭୋଗୁଛନ୍ତି ଦୁନିଆଁର ପ୍ରଶ୍ନିଳ ନଜରକୁ ସାମ୍ନାକରି ! ଅସଂଖ୍ୟ ପ୍ରଶ୍ନର ଉତ୍ତର କରି !! ଅଥଚ ସେ ନିଜ ଉପରେ ରାଗି ସାନବାବୁଙ୍କ ଉପରେ ସାରୁଛି ! ସେ ତ ଭୁଲ୍ ନାହାନ୍ତି। ତାକୁ ବଂଚାଇ ରଖିବା ଭୁଲ୍‌ର କଣ ସେ ପ୍ରାୟଶ୍ଚିତ କରୁଛନ୍ତି ଏପର୍ଯ୍ୟନ୍ତ ? ନା ନା ଏଭଳି କାମକରି ସେ ସାନବାବୁଙ୍କର ଗଳଗ୍ରହ ହେବ ନାହିଁ। ଜଗତ ଯାହା କହୁପଛେ ତାର କିଛି ଯାଏ ଆସେ ନାହିଁ। ସେ ତ ତା ଠାକୁରଂକ ପାଇଁ ବଂଚିଛି। ଆଉ ସେହି ନିଷ୍ଠାରେ ସେ ଚାଲିଯିବ ଦିନେ। ସେଥିରେ ଅବହେଳା କଲେ ତା ଭକ୍ତି ଓ ନିଷ୍କଳଙ୍କ ପ୍ରେମରେ ଦାଗ ବସିବନି ? ସେ କଣ ନିଜକୁ ଏଥିପାଇଁ କେବେ କ୍ଷମା କରିପାରିବ ଭବିଷ୍ୟତରେ ?

ସାନବାବୁ ତା ଦୁଃଖରେ ଦୁଃଖୀ। ହେଲେ ତାଙ୍କ ମନଟା କଣ ବିରକ୍ତିରେ ପୁରିଯାଉନଥିବ। ସେ କଣ ବିଡବିଡେଇ ଉଠୁନଥିବେ ଲୀନା ନାମକ ବୋଝଟି ବୋହୁବୋହୁ। ଭ୍ରୂକୁଞ୍ଚନ ହେଉନଥିବ ଲୀନାକୁ ଦେଖିଦେଲେ ? ତେବେ ସେ ଯାହାହେଉ ଲୀନାକୁ କିନ୍ତୁ ବଂଚିବାକୁ ହେବ ବିଶ୍ୱସ୍ତ ଭୃତ୍ୟଟିଏ ପରି। ସାନବାବୁଂକର ସେ ଆଗଠାରୁ ଆଉରି ବେଶୀ ଖିଆଲ ରଖିବ। କାରଣ ସେ ଜେଜେମା'ର ସବୁ ଋଣ ପରିଶୋଧ କରିସାରିଛନ୍ତି। ତା ସହିତ ତାକୁ ବି ଋଣୀ କରିଦେଇଛନ୍ତି ସାରା ଜୀବନ।

ଏ ଯେଉଁ ଜୀବନ ସେ ଜୀଉଁଛି ଆଜିକାଲି..ସେ ଜୀବନ ତ ସାନବାବୁଙ୍କ ଦାନ। ଆଉ ଏ ଜୀବନରେ କେବଳ ତାଙ୍କ ଅଧିକାର। ସେ ଯେବେ କହିବେ ଚାଲିଯାଆ ବୋଲି ସେବେ ବିନାବାକ୍ୟ ବ୍ୟୟରେ ସେ ଚାଲିଯିବ ତାଂକ ଆଗରୁ ସବୁଦିନ ପାଇଁ। ପ୍ରଶ୍ନଟିଏ ବି ପଚାରି ତାଙ୍କୁ ଅବମାନନା କରିବନି। ତଥାପି ସେଦିନ ସେ ଯନ୍ତ୍ରଣାକୁ ସେ ଆଜିଯାଏଁ ଭୁଲି ପାରୁନି। ତଂଟିରେ କଂଟାଭଳି ଲାଖି ରହି କଷ୍ଟରେ ବ୍ୟଞ୍ଜିତ କରୁଛନ୍ତି ପ୍ରତିଟି ମୁହୂର୍ତ୍ତ। ଆଉ ସେ ଯୁଝୁଛି ନିଜ ସହିତ। ସକାଳ, ସଂଧ୍ୟା ଓ ରାତି ସହିତ। ଲାଗୁଛି ମୁହୂର୍ତ୍ତମାନେ ତା ଲାଗି ଷଡଯନ୍ତ୍ର କରୁଛନ୍ତି ! ସେଦିନ ସାନବାବୁ ଗମ୍ଭୀର ସ୍ୱରରେ ପଚାରିଲେ-ତୁ ଖାଇସାରିଲୁଣି ତ !

ଲୀନା କ୍ଷୀଣ ସ୍ୱରରେ ହଁ ଭରିଲା।

ମୋ ପାଖରେ ରହି ମୋର ଓ ଏ ଘରର କେତେ ଜଂଜାଳ ବୋହୁଥିବୁ ? ମୁଁ ଭାବୁଛି ତୋ ବାହାଘର କରିଦେବି। ତୋର ମତ କଣ ?

*(କ୍ରମଶଃ)*

## ଜେମ୍‌ସ

### ଲିପ୍ସା ପଟେଲ



ପିଲାଦିନର ଅନେକ କଥା ମନ ମସ୍ତିଷ୍କରେ ଏମିତି ଛାପ ଛାଡିଯାଏ ଯାହା କେବଳ ବର୍ତ୍ତମାନର ଏକ ସ୍ମୃତି ହୋଇ ଓଠରେ ହସ ଧାରେ ଖେଳାଇ ଦିଏ ଅବା ଦୁଇବୁନ୍ଦା ଲୁହ ନିଗାଡି ଦିଏ। ସେମିତି ଗୋଟିଏ ଅନୁଭୂତି ହେଲା ଜେମସ୍। ଏଇ ନାଁରୁ ଯିଏ ଯାହା ବୁଝୁ, କିନ୍ତୁ ଆମ ଘର ମୁରବୀ ମୋ ଜେଜେମାକୁ ଏଇ ନାଁ ଶୁଣିଲେ ହିଁ ଅଇ ଉଠାଏ। ଏତେ ବିତୃଷ୍ଣା, ଏତେ ଘୃଣା କାହା ପାଇଁ ଆଉ କ'ଣ ପାଇଁ ହୁଏତ ତା'ର ଉତ୍ତର ଆପଣମାନେ ଧିରେ ଧିରେ ପାଇଯିବେ।

ଜେଜେମା ଆମ ଘରର ମୁରବୀ। ଜେଜେ ଥିଲା ବେଳେ ବି ଆଉ ତାଙ୍କ ଅବର୍ତ୍ତମାନରେ ବି ସେ ହିଁ ସର୍ବେସର୍ବା। ତା' ଅନୁମତି ବିନା ମା' ରୋଷେଇ କରେନି କି ବାପା କୌଣସି କାମ ଆରମ୍ଭ କରନ୍ତିନି, ଏମିତିକି ତା' ଅନୁମତିକ୍ରମେ ହିଁ ମା' ପାଇଁ ଖଣ୍ଡେ ଶାଢୀ କିଣା ହୋଇ ଆସେ। ମୁଁ କିନ୍ତୁ ତା'ର ଅଳିଅଳ, ଗଣ୍ଠିଧନ କାରଣ ତା' ବଂଶର ମୁଁ ହିଁ ନାଉରୀ। କେତେ ବ୍ରତ ଉପବାସ କରି କରେଇ ମୋର ଜନ୍ମ। ତେଣୁ ମୋ ପାଇଁ ଜେଜେମାର ଅନୁମତି ଲୋଡା ନଥାଏ ବରଂ ମୋର ଭୁଲ୍ ତ୍ରୁଟିକୁ ପୁଅପିଲା କଥା କହି କହି ସେ ଘଷ୍ଟ ଘୋଡେଇ ଦିଏ। ଏଥର କିନ୍ତୁ କ'ଣ ହେଲା କେଜାଣି ସେ ଖୁବ୍ ବିଗିଡିଗଲା ଆଉ ତା'ର ଏକମାତ୍ର କାରଣ ଥିଲା ଜେମସ୍।

ଟି.ଭିରେ ଓ ସ୍କୁଲରେ ସାଙ୍ଗମାନଙ୍କଠାରୁ ଦେଖି ଶୁଣି ମୁଁ ସେଦିନ ବାପାଙ୍କୁ ଜେମସ୍ ଚକୋଲେଟ୍ ଆଣିବା ପାଇଁ କହିଥିଲି। ବାପା ଘରେ ପହଞ୍ଚି ପ୍ୟାକେଟଟା ଦେଖାଇଲା ବେଳେ ମୁଁ ଖୁସିରେ ଜେମସ୍ ଜେମସ୍ ପାଟି କଲି ଆଉ ଜେଜେମା ଚିହିକି ଉଠିଲା। କାହୁଁ ଆସିଲା ଏଇ ବାଡିପୋଡା, ଛତରଖିଆ ଏମିତି ଗାଳି କରି କରି ସେ ନିଜ କୋଠରୀ ଭିତରକୁ ଚାଲିଗଲା। ପଛକୁ ଚାହିଁବ କ'ଣ ରାତିର ଖାଇବା ବେଳ ପର୍ଯ୍ୟନ୍ତ କବାଟ କିଳି ବସିଲା। ମା' ଏପଟେ ଡରି ମରି କବାଟ ବାଡେଇ ଜେଜେମାକୁ ଖାଇବା ପାଇଁ ଡାକିଲା। ସେ କିନ୍ତୁ କୋଠରୀ ଭିତରୁ କହୁଥିଲା, ଆଗ ଯାଇ ଗାଧୋଇ ପାଧୋଇ ଘରସାରା ଗଙ୍ଗାଜଳ ଛିଞ୍ଚେ, ତା'ପରେ ମୋ ପାଇଁ ରୋଷେଇ କରିବୁ। ଜାତି, କୁଳ, ଗୋତ୍ର ସବୁ ଭୁଲି ଯାଇ ବିଧର୍ମୀ ହୋଇଯାଅ।






ମୋର କିନ୍ତୁ ନର୍କ ଭୋଗ କରିବାର ନାହିଁ। ମା'ର ବ୍ୟସ୍ତତା ଦେଖି ବାପା ବି ଜେଜେମାକୁ ଖାଇବା ପାଇଁ ଡାକ ଦେଲେ। ସେ କିନ୍ତୁ ତା'ର ସେଇ ଏକା ଜିଦରେ ବସିଥାଏ। ବାରମ୍ବାର କହୁଥାଏ, ମୋତେ ବିଧର୍ମୀ ହେବାର ନାହିଁ।

ଜେଜେମା'ର ଜିଦ୍ ପାଇଁ ସେଇ ରାତି ସମସ୍ତେ ଭୋକରେ ରହିଲେ। ମା' ମୋତେ ଖୁଆଇ ଦେଇ ଶୁଆଇ ଦେଲା। ଏପଟେ ଜେମସ୍ ଚକୋଲେଟ୍ ପାଇ ମୋର ଆନନ୍ଦ କହିଲେ ନ ସରେ। ସକାଳେ ଜେଜେମା'ର ସ୍ୱର ଶୁଣାନଯିବାରୁ ବାପା ବାଧ ହୋଇ କବାଟ ଭାଙ୍ଗିଲେ। ଜେଜେମା ଚେତା ହରାଇ ପଡିଥିଲା। ପାଣି ଛାଟିଲେ ବି ଚେତା ଫେରିଲାନି। ତେଣୁ ସେ ଡାକ୍ତରଖାନା ବୁହାହେଲା। ଏପଟେ ମା, ବାପା ଦୁହେଁ ଅଯଥାରେ ହଇରାଣ ହେଲେ। ଡାକ୍ତରଖାନାରେ ଅର୍ଦ୍ଧଚେତନ ଅବସ୍ଥାରେ ବି ଅସ୍ପଷ୍ଟ ଭାବେ ଜେମସକୁ ହିଁ ଗାଳି ଦେଉଥିଲା। ମା' ତା' ମୁଣ୍ଡରେ ହାତ ଫେରାଇ ସବୁ ଠିକ୍ ଅଛି କହି କହି ଆଶ୍ୱାସନା ଦେଉଥିଲା। ସେଦିନ ମୋର ସ୍କୁଲ୍ ଯିବା ଆଉ ହେଇପାରିଲାନି କାରଣ ମା, ବାପା ଦୁହେଁ ଡାକ୍ତରଖାନାରେ ଆଉ ମୋତେ ପ୍ରସ୍ତୁତ କରି ଛାଡିବ କିଏ ? ତେଣୁ ମୋ ମନ ବି ଟିକେ ଆମ୍ବିଳା ହୋଇଗଲା। ଅନ୍ତତଃ ସ୍କୁଲ୍ ଯାଇଥିଲେ ମୁଁ ମୋ ପକେଟରୁ ଜେମସ ଦେଖାଇ ମୋ ସାଙ୍ଗମାନଙ୍କୁ ଲୋଭଗ୍ରସ୍ତ କରିପାରିଥାନ୍ତି ଠିକ୍ ଯେମିତି ସେମାନେ ମୋତେ କରୁଥିଲେ। କିନ୍ତୁ ଏଇ ଜେଜେମା ପାଇଁ ସବୁ ଓଲଟପାଲଟ ହୋଇଗଲା। ପରଦିନ ଡାକ୍ତରଖାନାରୁ ଘରକୁ ଫେରିଲେ ସୁଦ୍ଧା ଘର ଭିତରକୁ ଯିବା ପାଇଁ ଜେଜେମା ମଙ୍ଗିଲାନି। ତା' ସର୍ତ୍ତ ମୁତାବକ ମା' ଏତେ ଥକିହାରି ପୁଣି ଘରଦ୍ୱାର ସଫା କଲା ଆଉ ଗଙ୍ଗାଜଳ ଛିଞ୍ଚିଲା। ତାକୁ ଗ୍ଲୁକୋଜ୍ ପାଣି ଦେଲା ବେଳେ ମୁଁ ଜେଜେମା ପାଟିରେ ଗୋଟିଏ ଜେମସ୍ ଚକୋଲେଟ୍ ପକାଇଦେଲି। ସେ ବଢିଆ ଲାଗୁଛି କହି ଖାଇଦେଲା। ତା'ପରେ ବାପା କହିଲେ, ଏଇ ଚକୋଲେଟ୍ ପାଇଁ ତ ଏତେ ନାଟ ହେଲା ଆଉ ଦିନେ ଏଇଟା ଆଣିବା ପାଇଁ କହିବୁନି। ଜେଜେମା କ'ଣ ବୁଝିଲା କେଜାଣି ମୋତେ କୋଳେଇ ନେଇ ବାପାଙ୍କୁ କହୁଥିଲା, ପିଲାଲୋକ ଚକୋଲେଟ୍ ଖାଇବନି ତ କ'ଣ ତୁ ଖାଇବୁ ?

ମୁଁ ଚକୋଲେଟ୍ ପ୍ୟାକେଟଟା ଦେଖାଇ ତା'ର ବନାନ୍ ପଢିଦେଲି। ସେ ଆଖି ଜଳକା କରି ମୋପଟେ ଅନାଇଥିଲା। ଏଇଟା ସେଇ ଅଲକ୍ଷଣା ଯିଏ ମୋତେ ଏତେ କଷ୍ଟ ଦେଲା ! ଏଇ ନାଁଟା ହିଁ ଅମଙ୍ଗଳିଆ। ସେଦିନ ମୋ ଡାକ ଶୁଣି ଜେଜେମା ନ ବୁଝି ନ ଶୁଝି ଭାବିନେଇଥିଲା ଯେ ଜେମସ୍ ମାନେ ସାଆନ୍ତ ଘର କୁକୁର ଆମ ଘର ଭିତରକୁ ପଶିଆସିଲା। ତା'ପ୍ରତି ଏତେ ଘୃଣାର କାରଣ ହେଲା ସେ ଜେଜେମାକୁ ଫୁଲ ଚୋରି କଲାବେଳେ କାମୁଡି ଦେଇଥିଲା ଆଉ ସେଥିପାଇଁ ସେ କେତେ ଇଞ୍ଜେକସନ ନେଇଛି, ଡାକ୍ତରଖାନା ଦୌଡିଛି। ସେଦିନଠାରୁ ଜେମସ୍ କହିଲେ ତା'ର ଭାରି ରାଗ।

*ଭବାନୀପାଟଣା*

## ନୀରିକ୍ଷଣ କବିତା



### ପେଟେରା

#### ପୂର୍ଣ୍ଣଚନ୍ଦ୍ର ମହାରଣା



ବୋଉ ଗୋଟେ
ବେତ ପେଟେରାକୁ
କୋଳପ ପକେଇ
ଭାଡିପଟା ଉପରେ
ରଖିଥାଏ,
ଏମିତି ଜାଗାରେ ଲୁଚେଇ
ଦେଇଥାଏ ଯେ କୋଳପ କଞ୍ଚି
ଯେତେ ଖୋଜ ମୋଟେ ପାଇବନି !

ବେଳେ ବେଳେ ମୁଁ ଭାବେ
ଏମିତି କି ଅପୂର୍ବ ଚିଜ ବୋଉ
ରଖିଚି ସେ ପେଟେରା
ଭିତରେ ଯେ
କାହାକୁ କଞ୍ଚି ଦଉନି
କି କୋଉଦିନ ପେଟେରା
ଫିଟଉନି !

ଦିନେ ଖୋଜୁ ଖୋଜୁ
ପାଇଗଲି ପେଟେରା କଞ୍ଚି
କୁନ୍ଦାଖଟ ପଟା ସନ୍ଦିରୁ,

ବୋଉ ନଈ କି
ଗାଧେଇ ଗଲା ବେଳେ
ପେଟେରା ଖୋଲି ଦେଖିଲି
ପୁଳାଏ ଆଲୁକୁଚି ମାଲୁକୁଚି
ଜିନିଷ !

ଗୋଟେ ପିତଳ କରାଟ,
ତମ୍ବାଡିବି, କଂସା ଖିପିଦାନି
ରଙ୍ଗ ବେରଙ୍ଗ ସୂତାରେ ବୁଣା
ଚାଖେଣ୍ଡେ ଲମ୍ବର ଗାଞ୍ଜିଆ,
ଫୁଲୁରି କଉଡ଼ି, କାଇଁଚ ମାଳି
ରୂପାଖଡୁ, ବାଲା, ବଟଫଳ, ତାଇତ
ଅଣ୍ଟାବିଛା,
ପାହାବାଜ, ପାଉଁଜି,
ଚାନ୍ଦିଝୁଣ୍ଟିଆ, ଗୋଡମୁଦି
ଖଣ୍ଡେ ପାଟଶାଢୀ
ଚାରି ଚଉତା
ହବ ବୋଧେ ତା
ବାହାଘର ବେଳର !

ପାଟଶାଢୀ ଭିତରେ ଗୋଟେ
ହାତଲେଖା ଚିଠି ଅକ୍ଷର ସବୁ
ଝାପ୍ସା ଦିଶୁଚି ପଢି ହଉନି !

ଖୁବ୍ କଷ୍ଟରେ ଶେଷ ଧାଡି ପଢିଲି,
ଲେଖାଅଛି,
ଏ ଚିଠି ତମେ କାହାକୁ ଦେଖେଇବନି
ବାହାଘର ନ ହଉଣୁ
ବାର୍ତ୍ତାନୀ ହାତରେ ଦଉଚି
ଇତି ତମର ମୁଁ !
କିଛି ଦିନି ପରେ
କଥା ପଡୁପଡୁ ବୋଉକୁ କହିଲି
ସେ ପେଟେରା ଭିତରେ
କଣ ତୁ ରଖିଚୁ ମୁଁ ଦେଖିଚି ବା
ଦେଖିଚୁ ନା ପଢି ଦେଇଚୁ ?
ବୋଉ ଡିମାଡିମା ଆଖିରେ
ମତେ ଅନେଇଲା
ସେତେବେଳେ ମାଇସଂଜ
ଆସିବ ଆସିବ ହଉଚି ହେଲେ
ଆସିନି ଯାହା !

*ବାଳକାଟି, ଭୁବନେଶ୍ୱର*
*ଦୂରଭାଷ : ୯୯୩୭୭୭୭୬୫୨*

### ଚିରା ଲୁଗା

#### ସ୍ନିଗ୍ଧା ପଣ୍ଡା



ମୟୁର କଣ୍ଠିଆ ରେଶମି ଜରିରେ
ଧଡି ଯା'ର ଦିଶେ ସୁନ୍ଦର,
ଲୋଭର ଖରାରେ ଶୁଖେଇ ସାଇତି
ରଖିଥିଲି ଦେଇ କର୍ପୂର।

ଦେଖେଇ ହେବାକୁ ଘାଟର ଈଶ୍ୱରୀ
ବେହରଣ କରି ଆସିଲି,
କେମିତି କେମିତି ଆଖିରେ ଚାହିଁଲେ
ଘରକୁ ଲେଉଟି ଦେଖିଲି।

ଆତ୍ମାର, ଦେହର ପାପ ପୁଣ୍ୟ ମୋର
ଯାହା ଦେଇ ଥିଲି ଲୁଚେଇ,
ଚିରା ଲୁଗା ବୋଲି ଜାଣିଲା ପରେ ବି
ପାରିଲିନି ଡାଳି ପକେଇ।

ସୁନେଲି ରୁପେଲି ମଖମଲି ସୂତା
ଯୋଡେଇଲି ଅତି ଯତ୍ନରେ
କେବେ ଯୋଡେଇରୁ କେବେ ଟିକେ
ଦୂରୁଁ ଚିରିଲା ସେ ପ୍ରତି କ୍ଷଣରେ।

କେବେ ସୂତା ଛିଣ୍ଡେ ସେଇଠି ଯୋଉଠି
ଯୋଡିଦେଲି ବୋଲି ଭାବିଲି,
ପାପ ଯାକ ମୋର ଉକୁଟି ଦିଶିଲା
ଯେତେ ପୁଣ୍ୟ ତା'ଠି ଲେପିଲି।
ଚିରା ହେଉ ପଛେ ନୂଆ ଆୟୋଜନ
ନିତି ନିତି କଲା ବେଳକୁ,
ଅମଳାନ ଭାବି ସଜାଡିହେଲି ମୁଁ
ଅସନା ଦିଶିଲା ଆନକୁ।

ଚିରା ଲୁଗାର ତ ମୋହ ତୁଟୁନାହିଁ
ପାଇଲା ପରେ ତା' ପରଶ,
ଆଉ ଗୋଟେ ଲୁଗା କାହିଁକି ଖୋଜିବି
ଶେଷ ପାହାଚରେ ଆୟୁଷ।

*ଦୂରଭାଷ : ୯୮୬୧୩୨୩୬୫୦*

## ସ୍ୱପ୍ନ ଓ ସଂକଳ୍ପର ଅନୁରଣନ : ଉତ୍କଳ ପ୍ରଦେଶ



### ଡକ୍ଟର ମନୋରଞ୍ଜନ ବିଷୋୟୀ

ପୁରୁଷାନୁକ୍ରମେ ଧାରାବାହିକ ଭାବରେ ମାନବ ଗୋଟିଏ ଗୋଷ୍ଠୀର ଅଂଶ ଭାବରେ ସାଉଁଟି ନେଇଥିବା ଅନୁଭୂତି ଓ ଅଭିଜ୍ଞତାର ପୁଞ୍ଜିକୁ ଆଧାର କରି ପରମ୍ପରା 'ସଂସ୍କୃତି' ଭାବରେ ପରିଚିତ ହୁଏ । ପ୍ରତ୍ୟେକ ମାନବ ଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ଆଚରଣ ବିଧି ରହିଥାଏ । ଜନ୍ମ ପରବର୍ତ୍ତୀ ସମୟରେ ମାନବ ଏହାକୁ ଅନୁକରଣ କରିବା ନିମନ୍ତେ ବାଧ୍ୟ ହୁଏ । ଏହାର ପରିସର ମଧ୍ୟ ପରିବ୍ୟାପ୍ତ । ଯଥାର୍ଥରେ ଧାରାବାହିକ ନିତ୍ୟ ଆଚରଣର ପରିମାର୍ଜିତ ପରିଭାଷାକୁ ସଂସ୍କୃତି କୁହାଯାଇଥାଏ । କାରଣ ମାନବୀୟ ଆଚରଣ ଓ ଉଚ୍ଚାରଣ ଆଧାରରେ ଗଢ଼ି ଉଠିଥାଏ ପରମ୍ପରା ଓ ପରମ୍ପରାର ସଜୀକରଣରେ ଜନ୍ମନିଏ ସଂସ୍କୃତି । ତେଣୁ ସଂସ୍କୃତି ହେଉଛି ଏକ ପ୍ରେରଣା । ବ୍ୟକ୍ତିଗତ ଓ ସାମୂହିକ ଆତ୍ମ ଆବିଷ୍କାରର ପ୍ରେରଣା ।

ଏ ପରିପ୍ରେକ୍ଷୀରେ କହିରଖେ ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁଚିନ୍ତା, ବହୁ ବିଶ୍ୱାସ ଓ ବହୁ ଆଚରଣର ସମନ୍ୱୟ ଭିତରେ; ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ । ଏହି ଧାରାରେ ମହାଭାରତୀୟତାର ଅଭିନ୍ନ ଅଂଶ ଭାବରେ ଉତ୍କଳୀୟ ସଂସ୍କୃତିକୁ ଗ୍ରହଣ କରାଯାଇଥାଏ । କପିଳ ସଂହିତା କହେ- "ବର୍ଷଣାମ୍ ଭାରତ ଶ୍ରେଷ୍ଠ, ଦେଶାନାଂ ମୁକ୍ଳଶ୍ରୁତ୍ୟ / ଉତ୍କଳସ୍ୟ ସମୋଦେଶ, ଦେଶୋନାସ୍ତି ମହୀତଳେ ।" ବାସ୍ତବିକ କହିବାକୁ ଗଲେ; ମହାଭାରତୀୟ ମୌଳିକ ଦୃଷ୍ଟିଭଙ୍ଗୀକୁ ଅକ୍ଷୁଣ୍ଣ ରଖି ଉତ୍କଳୀୟ ସଂସ୍କୃତି ଆପଣାର ମହନୀୟତାରେ ଦୀପ୍ତିମାନ । ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳକୁ ନେଇ ଆର୍ଯ୍ୟ, ଦ୍ରାବିଡ଼ ଓ ଆରଣ୍ୟକ ସଂସ୍କୃତିର ସମନ୍ୱୟ ଭିତରେ ବିଶ୍ୱବକ୍ଷରେ ଆଙ୍କିଛି ଆପଣାର ସ୍ୱତନ୍ତ୍ର ପରିଚୟ । ଏଠାରେ ବହୁ ଧର୍ମର ପ୍ରଭାବ ପରିଲକ୍ଷିତ ହୋଇଥିଲେ ମଧ୍ୟ ଉତ୍କଳର ରାଷ୍ଟ୍ରଦେବତା ଭାବରେ ଶ୍ରୀଜଗନ୍ନାଥ ପ୍ରତିଷ୍ଠା ଲାଭ କରିଛନ୍ତି । ସେ ହେଉଛନ୍ତି ସର୍ବଧର୍ମର ସମନ୍ୱୟ । ଆନନ୍ଦ ବଜାରରେ ଭକ୍ତ ଜଗନ୍ନାଥଙ୍କ ମହାପ୍ରସାଦକୁ ବିନା ବାଛ ବିଚାରରେ ଗ୍ରହଣ କରନ୍ତି। ଦେବତା ହୋଇବି ତାଙ୍କ ଠାରେ ମାନବ ରୂପ ପ୍ରକାଶ ପାଏ । ସେ ମଧ୍ୟ ପତ୍ନୀ ସହ କଳହ କରନ୍ତି, ଭାଇ ଭଉଣୀଙ୍କୁ ନେଇ ମାଉସୀ ଘର ବୁଲି ଯାଆନ୍ତି । ପ୍ରତ୍ୟେହ ଦୈନନ୍ଦିନ କର୍ମ ସହ ସେ ମଧ୍ୟ ରୋଗର ଶିକାର ହୁଅନ୍ତି । ତାଙ୍କର ବି ନବକଳେବର ହୁଏ। ଏଭଳି ଅନେକ କଥା, କିମ୍ବଦନ୍ତୀ ଓ ବିଶ୍ୱାସବୋଧ ଭିତରେ ଓଡ଼ିଆ ଜାତିର ମହତ୍ତ୍ୱ ପ୍ରକଟିତ ହୋଇଆସିଛି । ଏ ଜାତିର କଥା ଓ ଗାଥା; ଉଡ୍ର, ଉତ୍କଳ, କଳିଙ୍ଗ, କଙ୍ଗୋଦ ଆଦି ନାମରେ ପ୍ରାଚୀନ ଭାରତୀୟ ଭୂଖଣ୍ଡରେ ସ୍ୱୀକୃତି ଲାଭ କରିଅଛି । ପରିବ୍ରାଜକ ହୁଏନ୍‌ସାଂ (ଖ୍ରୀ.ଅ. ୬୨୯)ଙ୍କ ଉ-ଚ (ଉଡ୍ର), କଙ୍ଗ- ଉଦୋ (କଙ୍ଗୋଦ), କ-ଲିଂଗ (କଳିଙ୍ଗ) ଏହି ଜାତିର ପ୍ରାଚୀନତାକୁ ପ୍ରମାଣିତ କରିଆସୁଥିବା ସ୍ଥଳେ ଅନେକେ ବୈଦିକ ଯୁଗଠାରୁ ଆରମ୍ଭ କରି ବୌଦ୍ଧଶାସ୍ତ୍ରର ଓକ୍‌ଳ ବା ଉଜ୍ଜ୍ୱକ ମାନଙ୍କ ଭିତରେ କଳିଙ୍ଗ ବା ଉଡ୍ର ଜାତିର ଅତୀତକୁ ଖୋଜିଥାନ୍ତି । ଏପରିକି ସମ୍ରାଟ ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲିପି, ସମ୍ରାଟ ଖାରବେଳଙ୍କ ହାତୀଗୁମ୍ଫା ଶିଳାଲିପି ଆଜି ଏ ଜାତିର ପ୍ରାଚୀନତାକୁ ପ୍ରମାଣିତ କରି ଆସିଛି । ଭୌମ ବଂଶ, କେଶରୀ ବଂଶ, ଗଙ୍ଗବଂଶ ଓ ସୂର୍ଯ୍ୟବଂଶ ଆଦିଙ୍କ ଶାସନ କାଳରେ ଏକ ସମୃଦ୍ଧ ଜନପଦର ଗୌରବ ଲାଭ କରିଥିବା ଏ ଜାତି କମେ ନିଷ୍ପ୍ରଭ ହୋଇଉଠେ। ୧୫୬୮ରୁ କ୍ରମେ ଆଫ୍‌ଗାନ୍, ମୋଗଲ ଓ ମରହଟ୍ଟା ଅଧୀନ ଓଡ଼ିଆ ହରାଇବସେ ଆପଣାର ପରିଚୟ ।

୧୮୦୩ ମସିହା ବେଳକୁ ବ୍ରିଟିଶ୍ ସାମ୍ରାଜ୍ୟର ଆଧିପତ୍ୟ ଓଡ଼ିଶା ଉପରେ ବିସ୍ତାରଲାଭ କରେ । ଓଡ଼ିଶା ଅଧିକାର ପରେ ନୂତନ ଶିକ୍ଷା ନୀତି ପ୍ରଣୟନ, ମୁଦ୍ରଣ ଶିଳ୍ପର ବିକାଶ, ପତ୍ରପତ୍ରିକା ପ୍ରକାଶନ, ଡାକ ଓ ରେଳ ବ୍ୟବସ୍ଥା ଓଡ଼ିଶାକୁ ଅଭ୍ୟୁଦୟ ପଥରେ ଅବସ୍ଥାପିତ କରିଥିଲା । କିନ୍ତୁ ଇଂରେଜମାନଙ୍କ ଦ୍ୱୈତ ଶାସନ ନୀତି, ଆର୍ଥନୀତିକ ଶୋଷଣ, ନୂତନ ଜମିଜମା ବନ୍ଦୋବସ୍ତ ସୃଷ୍ଟି କରିଥିଲା ଘୋର ଜନ ଅସନ୍ତୋଷ । ୧୮୬୬ ମସିହା ପ୍ରଳୟଙ୍କରୀ 'ନ'ଅଙ୍କ ଦୁର୍ଭିକ୍ଷ' ସମୟରେ ଶାସକ ଗୋଷ୍ଠୀର ଅନୁଦାର ମନୋବୃତ୍ତି ଏ ଜାତିକୁ ପୁନଃ ସଂଗଠିତ ହେବା ଦିଗରେ ଅନୁପ୍ରେରିତ କରିଥିଲା । ଦୈବୀ ଅପେକ୍ଷା ମାନବକୃତ ଅବହେଳା ଫଳରେ ଓଡ଼ିଶାର ଜନଜୀବନ କ୍ରମେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ପରିଣତି ସ୍ୱରୂପ ଓଡ଼ିଶାର ଜାତୀୟ ଜୀବନରେ ସଂଗଠିତ ଭାବରେ ବିଦ୍ରୋହ କରିବା ମନୋବୃତ୍ତି କ୍ରମେ ଉଗ୍ରରୂପ ଧାରଣ କରିଥିଲା । 'ସିପାହୀ ବିଦ୍ରୋହ'ର ଚାଳିଶ ବର୍ଷ ପୂର୍ବରୁ 'ପାଇକ ବିଦ୍ରୋହ' ଆରମ୍ଭ ହୋଇଥିଲା । ବ୍ରିଟିଶ୍‌ମାନଙ୍କ ଶୋଷଣ ନୀତି ଓ ଅସାଧୁ କର୍ମଚାରୀଙ୍କ ଅତ୍ୟାଚାରରେ ଓଡ଼ିଶା ତଳିତଳାନ୍ତ ହୋଇ ଯାଇଥିଲା । ଏପରିକି ନୂତନ ଶାସନ ବ୍ୟବସ୍ଥା ସଂପର୍କରେ ଅନଭିଜ୍ଞ ଓଡ଼ିଶାର ଜମିଦାର ଶ୍ରେଣୀ ସୂର୍ଯ୍ୟାସ୍ତ ଆଇନ ବଳରେ ହରାଇଥିଲେ ସେମାନଙ୍କ ପ୍ରତିଷ୍ଠା । କଲିକତାର ଫୋର୍ଟ ଉଇଲିୟମ୍ ଦୁର୍ଗଠାରେ ସ୍ୱଳ୍ପ ମୂଲ୍ୟରେ ନିଲାମ ହୋଇଥିଲା ଓଡ଼ିଶାର ଜମିଦାରୀ। ଅବଶ୍ୟ ଇଂରେଜମାନଙ୍କ କୂଟନୀତି ଓ ହୀନ ଚକ୍ରାନ୍ତ ବିରୁଦ୍ଧରେ ୧୮୦୫ ମସିହାରେ ବିପ୍ଳବୀ ଜୟୀ ରାଜଗୁରୁ, ୧୮୧୭ ମସିହାରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଖୋର୍ଦ୍ଧା 'ପାଇକ ବିଦ୍ରୋହ' ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିଥିଲେ । ଏହି ବିପ୍ଳବର ବହ୍ନି କ୍ରମେ ବାଣପୁରର ବିପ୍ଳବୀ ନେତା କୃତ୍ତିବାସ ପାଟଶାଣୀ, ଘୁମୁସରର ଚକରା ବିଷୋୟୀ ଓ ଦୋହରା ବିଷୋୟୀ ଏବଂ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏଙ୍କ ମାଧ୍ୟମରେ ପରିବ୍ୟାପ୍ତ ହୋଇଥିଲା କିନ୍ତୁ ରଣ କୌଶଳ ଓ ଅସ୍ତ୍ରଶସ୍ତ୍ରରେ ଇଂରେଜମାନେ ଥିଲେ ଅଧିକ ଶକ୍ତିଶାଳୀ । ଫଳତଃ ଅଚିରେ ଏ ବିଦ୍ରୋହ ପ୍ରଶମିତ ହୋଇଥିଲା। କିନ୍ତୁ ୧୮୬୬ ମସିହାରେ ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଆ ଜନଜୀବନ ନିମନ୍ତେ ଥିଲା ଦାରୁଣ ଦୁଃସ୍ୱପ୍ନ । ଶାସକ ଗୋଷ୍ଠୀର ଅପାରଗତା କାରଣରୁ ଏକ ବିଶାଳ ଜାତି ଚରମ ଦୁଃଖ, ଦୁର୍ଦ୍ଦଶା ଭୋଗ କରିଥିଲା । ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଚ୍ୟ ଜଗତର ପ୍ରାଚୁର୍ଯ୍ୟ ଲୁଣ୍ଠନ ନିମନ୍ତେ ବ୍ରିଟିଶ୍ ଇଷ୍ଟ ଇଣ୍ଡିଆ କମ୍ପାନୀ ଏ ଦିଗରେ ଆରମ୍ଭ କରିଥିଲା ଅଭିଯାନ । ଧର୍ମ ପ୍ରଚାର ଓ ବାଣିଜ୍ୟିକ ସଂପର୍କ ସ୍ଥାପନ ଧାରାରୁ ଇଂରେଜମାନେ ବିଚ୍ୟୁତ ହୋଇ ଦେଶ ଲୁଣ୍ଠନ ଦିଗରେ ହୋଇ ଉଠିଥିଲେ ଅଧିକ ତତ୍ପର । ଏପରିକି ଆମ ଆର୍ଥିକ ଓ ସାଂସ୍କୃତିକ ବିକାଶ ଦିଗରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଆଦୌ ଯତ୍ନଶୀଳ ନଥିଲେ ।୧୮୫୭ ବିଦ୍ରୋହ ପରେ ବ୍ରିଟିଶ୍ ପାର୍ଲାମେଣ୍ଟ୍ ଅଧୀନକୁ ଯିବା ସତ୍ତ୍ୱେ ଓଡ଼ିଶାର ବିକାଶ ଦିଗରେ ଯାହା ଯଥେଷ୍ଟ ହୁଏନାହିଁ । ଏହି ସମୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ୫ ଭାଗରେ ବିଭକ୍ତ ହୋଇଥିବା ଦେଖିବାକୁ ମିଳେ । ଯଥା-୧. ବେଙ୍ଗଲ-ଓଡ଼ିଶା ଡିଭିଜନ୍, ୨. ଛୋଟନାଗପୁର ଡିଭିଜନ୍, ୩. ସେଣ୍ଟ୍ରାଲ୍ ପ୍ରଭିନ୍ସ, ୪. ମାଡ୍ରାସ୍ ପ୍ରେସିଡେନ୍ସି, ୫. ଗଡ଼ଜାତ ଅଞ୍ଚଳ । ପ୍ରଶାସନିକ ସୁବିଧା ଦୃଷ୍ଟିରୁ ଉପକୂଳ ଓ ଗଡ଼ଜାତ ରାଜ୍ୟଗୁଡ଼ିକୁ ବଙ୍ଗ ପ୍ରଦେଶ, ଗଞ୍ଜାମ ଓ କୋରାପୁଟ ଅଞ୍ଚଳକୁ ମାଡ୍ରାଜ ଓ ସମ୍ବଲପୁର -ପାଟଣା ଅଞ୍ଚଳକୁ କେନ୍ଦ୍ର ବା ସେଣ୍ଟ୍ରାଲ୍ ପ୍ରଭିନ୍ସ ସହ ସଂଯୋଜିତ କରାଯାଇଥିଲା । ଏପରିକି ବଙ୍ଗଳା, ତେଲୁଗୁ ଓ ହିନ୍ଦୀ ଭାଷାଭାଷୀ ଲୋକଙ୍କ ଭିତରେ ଅସ୍ତିତ୍ୱ ହରାଇବାକୁ ଆରମ୍ଭ କରେ ଓଡ଼ିଆ ଜାତି । ସମୟାନୁକ୍ରମେ ଉନବିଂଶ ଶତାବ୍ଦୀର ବିଭିନ୍ନ ସମୟରେ ପ୍ରାଚୀନ ଓଡ଼ିଶାର ଅଙ୍ଗଚ୍ଛେଦ ସଂଗେ ସଂଗେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟ ଲୋପ ଦିଗରେ ସୁଚିନ୍ତିତ ଉଦ୍ୟମ କରାଯାଇଥିବା ଲକ୍ଷ୍ୟ କରିହୁଏ । ଇତିହାସ କହେ ଓଡ଼ିଆ ଭାଷା ସଂକଟ ୧୮୪୮-୪୯ରେ ସରକାରୀ ଦପ୍ତର ଓ ଅଦାଲତରେ ବଂଗଭାଷାର ବ୍ୟବହାର ଆଦେଶନାମାରୁ ମୁଣ୍ଡ ଟେକିଥିଲା । ରାଜେନ୍ଦ୍ରଲାଲ ମିତ୍ରଙ୍କ ଓଡ଼ିଆ ଓ ବଙ୍ଗଳ ଭାଷା ସଂପର୍କିତ ମନ୍ତବ୍ୟ ଜାତୀୟ ଜୀବନରେ ସୃଷ୍ଟି କରିଥିଲା ଘୋର ପ୍ରତିକ୍ରିୟା । ବିଦ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗଳା ଭାଷା ପ୍ରଚଳନ ନିମନ୍ତେ ବଙ୍ଗବାସୀଙ୍କ ପକ୍ଷରୁ ଉଦ୍ୟମ ତଥା କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ 'ଓଡ଼ିଆ ଏକ୍‌ଟା ସ୍ୱତନ୍ତ୍ର ଭାଷା ନୟ' ଆନ୍ଦୋଳନ ଏ ଜାତିକୁ ଆତ୍ମଜାଗୃତି ଦିଗରେ ପ୍ରରୋଚିତ କରିଥିଲା । ଓଡ଼ିଆ ମାନଙ୍କ ଏହି ସଂକଟରୁ ମୁକ୍ତି ପାଇବା ନିମନ୍ତେ ଆରମ୍ଭ ହୋଇଥିଲା ସାମୂହିକ ଉଦ୍ୟମ । ଗୌରୀଶଙ୍କର ରାୟ, ବୈକୁଣ୍ଠନାଥ ଦେ, ପ୍ୟାରିମୋହନ ଆଚାର୍ଯ୍ୟ, ରାମଶଙ୍କର ରାୟ, ଫକୀରମୋହନ ସେନାପତି ଓ ରାଧାନାଥ ରାୟ ଆଦିଙ୍କ ଉଦ୍ୟମରେ ବିଧିବଦ୍ଧ ଭାବେ ଓଡ଼ିଆ ଜାତି ଓ ଭାଷାର ଅଭ୍ୟୁଦୟର ବାର୍ତ୍ତା ପ୍ରଚାରିତ ହୋଇଥିଲା । ଏପରିକି ସରକାରଙ୍କ ଠାରୁ ତିନିଶହ ଟଙ୍କାର ଅନୁଦାନ ରାଶି ପାଇ ପ୍ୟାରୀମୋହନ ରଚନା କରିଥିଲେ ଓଡ଼ିଆ ଭାଷାରେ ଇତିହାସ ପୁସ୍ତକ (୧୮୭୮) । 'ଉତ୍କଳ ଦୀପିକା' ମାଧ୍ୟମରେ ଓଡ଼ିଆଙ୍କ ସମସ୍ୟା ଜାତୀୟ ସ୍ତରରେ ଉପସ୍ଥାପିତ ହୋଇଥିଲା । ଏପରିକି ଫକୀରମୋହନଙ୍କ 'ସମ୍ବାଦ ବାହିକା', 'ଉତ୍କଳ ଦର୍ପଣ' ଆଦି ଓଡ଼ିଆ ଅସ୍ମିତାର କଥା କହିଥିଲା । ଏ କ୍ଷେତ୍ରରେ ବାମଣ୍ଡାର ରାଜା ସାର୍ ବାସୁଦେବ ସୁଢ଼ଳଦେବଙ୍କ ପୃଷ୍ଠପୋଷକତାରେ ପ୍ରକାଶିତ 'ସମ୍ବଲପୁର ହିତୈଷିଣୀ' ଥିଲା ଅନ୍ୟ ଏକ ସ୍ମରଣୀୟ ଉଦ୍ୟମ । ପାରଳାଖେମୁଣ୍ଡିରୁ ଶ୍ୟାମସୁନ୍ଦର ରାଜଗୁରୁ ଓ ଆପନ୍ନା ପରିଚ୍ଛାଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା 'ଉତ୍କଳ ହିତୈଷିଣୀ ସମାଜ' । ଜନ୍ମ ହୋଇଥିଲା 'ଗଞ୍ଜାମ ନିଉଜ୍' । ସେହିପରି ଓଡ଼ିଆଙ୍କ ଅଭାବ ଅସୁବିଧାକୁ ନେଇ ପ୍ରକାଶ ପାଇଥିଲା ବ୍ରହ୍ମପୁରରୁ ୧୮୬୭ରେ 'ସ୍ୱଦେଶୀ' । ଠିକ୍ ସେହିପରି ୧୮୭୧ ବେଳକୁ ଭାଷା ସାହିତ୍ୟର ବିକାଶ ନିମନ୍ତେ ରମେଶ ଚନ୍ଦ୍ର ଦତ୍ତଙ୍କ ଆବାହକତ୍ୱରେ 'ଉତ୍କଳ ସଭା' ଗଢ଼ି ଉଠିଥିଲା । ୧୮୮୫ରେ ଏହାର ସଂପାଦକ ଦାୟିତ୍ୱ ମଧୁସୂଦନ ଦାସ ଗ୍ରହଣ କରିବା ସହ ଏହି 'ଉତ୍କଳ ସଭା' ଓଡ଼ିଆଙ୍କ ସମସ୍ୟାର ପ୍ରତିନିଧି ହୋଇ ଉଠିଥିଲା । ଏପରିକି ସର୍ବଭାରତୀୟ ସ୍ତରରେ ଓଡ଼ିଆ ଜାତିର ସମସ୍ୟା ଉପସ୍ଥାପିତ କରିବା ନିମନ୍ତେ ଉଦ୍ୟମ ୧୯୦୨ ମସିହାରେ ହରିହର ମର୍ଦ୍ଦରାଜଙ୍କ ଦ୍ୱାରା ରମ୍ଭା ବଂଗଳାରେ ଆୟୋଜିତ ରାମଚନ୍ଦ୍ର ମର୍ଦ୍ଦରାଜ ଜନ୍ମୋତ୍ସବ ଅବସରରେ ମୁଣ୍ଡ ଟେକିଥିଲା । ଖଲ୍ଲିକୋଟ ଇଷ୍ଟେଟ୍ ପ୍ରେସ୍ ନାମରେ ରମ୍ଭା ଠାରେ ଏକ ମୁଦ୍ରାଣାଳୟ ସ୍ଥାପନ କରାଯାଇ ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ୧୯୦୨ ଜୁନ୍ ମାସରେ 'ପ୍ରଜାବନ୍ଧୁ' ପ୍ରକାଶ ପାଇଥିଲା । ଏ ପରିପ୍ରେକ୍ଷୀରେ କହିରଖେ ଏକତ୍ରୀକରଣର ଅଭିପ୍ରାୟ ନେଇ ୧୯୦୩ ଏପ୍ରିଲ ୧୧-୧୨ ତାରିଖ ଗଂଜାମ ସମ୍ମିଳନୀ ବ୍ରହ୍ମପୁରଠାରେ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା । ମଧୁସୂଦନ ଦାସ, ରାଧାନାଥ ରାୟ, ବିଶ୍ୱନାଥ କର, ନନ୍ଦକିଶୋର ବଳ, ଗୋପାଳ ଚନ୍ଦ୍ର ପ୍ରହରାଜ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ ଆଦି ଏହି ସମ୍ମିଳନୀରେ ଯୋଗଦେଇ ଉତ୍କଳ ସମ୍ମିଳନୀର ନକ୍‌ସା ପ୍ରସ୍ତୁତ କରିଥିଲେ । ଏପରିକି ଗଞ୍ଜାମ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ପରେ ମଧୁବାବୁଙ୍କ ଉଦ୍ୟମରେ ୧୯୦୩ ଡିସେମ୍ବର ୩୦-୩୧ ଦୁଇଦିନ ଧରି କଟକ ଇଦ୍‌ଗା ପଡ଼ିଆରେ ମୟୂରଭଂଜ ରାଜା ରାମଚନ୍ଦ୍ର ଭଞ୍ଜଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ।

ସେହିପରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ବାସ୍ତବିକ ଅବିସ୍ମରଣୀୟ । ଇଷ୍ଟେଟ୍ ବନ୍ଧା ପକାଇ ଗୋଲଟେବୁଲ୍ ବୈଠକରେ ଯୋଗଦେବା ଓ ଦୃଢ଼ କଣ୍ଠରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିମନ୍ତେ ଦାବି ଉପସ୍ଥାପନା କରିବା ଥିଲା ବେଶ୍ ସ୍ମରଣୀୟ । ଏଭଳି ଯୋଗଜନ୍ମାମାନଙ୍କ ଉଦ୍ୟମର ଫଳସ୍ୱରୂପ ଆତ୍ମପ୍ରତ୍ୟୟ ହରାଇ ବସିଥିବା ଓଡ଼ିଆ ନବଜାଗୃତିର ସ୍ୱପ୍ନ ଦେଖିଛି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଆରମ୍ଭ ହୋଇଛି ବହୁ ଉଦ୍ୟମ । ଏହି ଉଦ୍ୟମର ସମୟରେ ଏ ଜାତିର କର୍ଣ୍ଣଧାର ସାଜିଛନ୍ତି ବହୁ ପୁଣ୍ୟାତ୍ମା ପୁରୁଷ । ତେଣୁ ମହାଭାରତୀୟ ମୁକ୍ତିଯୁଦ୍ଧ ଏବଂ ସେହି ଧାରାରେ ଉତ୍କଳୀୟତାର ପୁନଃ ସଂସ୍ଥାପନ ସହ ସ୍ୱତନ୍ତ୍ର ପ୍ରଦେଶ ଗଠନ ଏଠାରେ ସୃଷ୍ଟି କରିଛି ନବ ଉତ୍କଳୀୟ ଅସ୍ମିତା । ବିଂଶ ଶତକର ପଞ୍ଚମ ଦଶକ ବେଳକୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ୱପ୍ନ ସାର୍ଥକ ହୋଇଥିଲା । ତଥାପି ଏବେବି ଏକ ପୂର୍ଣ୍ଣାଙ୍ଗ ଉତ୍କଳର ସ୍ୱପ୍ନ ରାଜନୀତିକ ପଶାପାଳିରେ ସଫଳ ହୋଇନାହିଁ । ତଥାପି ଖୁସିର କଥା ଓଡ଼ିଆ ଭାଷା ଆଧୁନିକ ଭାରତୀୟ ଆର୍ଯ୍ୟଭାଷା ପରିବାର ମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି । ହେଲେ ସ୍ୱତନ୍ତ୍ର ପ୍ରଦେଶ ଓ ଭାଷାର ଉନ୍ନତି କଳ୍ପେ ଯେଉଁ ସ୍ୱପ୍ନ ଦିନେ ଆମ ପୂର୍ବପୁରୁଷମାନେ ଦେଖିଥିଲେ ଓ ସେ ଦିଗରେ ବହୁ ଉଦ୍ୟମ କରିଥିଲେ, ତାକୁ ବଜାୟ ରଖିବା ଦିଗରେ ଆମେ କେତେଦୂର ସଫଳ ହୋଇଛେ ତାକୁ ଅନୁଧ୍ୟାନ କରିବାର ବେଳ ଆସିଛି ।

**ବନ୍ଦେ ଉତ୍କଳ ଜନନୀ ।**

*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ*
*ସଂପର୍କ: ୮୮୯୫୧୪୧୭୨୭*






# ‘ନୂତନ ଓଡିଶା ଗଠନରେ ସାମିଲ ହେବା ପାଇଁ ସଂକଳ୍ପ ନିଅନ୍ତୁ ରାଜ୍ୟବାସୀ’



**ଭୁବନେଶ୍ୱର :** ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ପ୍ରଥମ ଭାଷା ଭିତିକ ରାଜ୍ୟ ଭାବେ ଓଡିଶା ରାଜ୍ୟକୁ ମାନ୍ୟତା ମିଳିଥିଲା । ଭାଷାର ବ୍ୟବହାର ବିନା ରାଜ୍ୟର ବିକାଶ ଅସମ୍ଭବ । ଭାଷା ଦ୍ୱାରା ହିଁ ଗୋଟିଏ ଜାତିର ଇତିହାସ, ସଂସ୍କୃତି ଓ ଐତିହ୍ୟ ସଂପର୍କରେ ଜଣାପଡେ । ଓଡିଆ ଜାତିର ସ୍ୱତନ୍ତ୍ର ପରିଚୟ ରହିଛି । ଆଜି ଦେଶ ତଥା ବିଶ୍ୱର କୋଣ ଅନୁକୋଣରେ ଓଡିଆମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଆମ ସମସ୍ତଙ୍କୁ ଗୌରବାନ୍ୱିତ କରୁଛନ୍ତି । ୮୭ତମ ଉତ୍କଳ ଦିବସ ପାଳନ ଅବସରରେ ଓଡିଆ ଭାଷା, ସଂସ୍କୃତି ଏବଂ ପରଂପରାକୁ ବଜାୟ ରଖିବା ସଙ୍ଗେସଙ୍ଗେ ଯୁବପିଢିଙ୍କୁ ନୂତନ ଓଡିଶା ଗଠନରେ ସାମିଲ ହେବା ପାଇଁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି । ରାଜ୍ୟରେ ଦିନକୁ ଦିନ ଓଡିଆ ଭାଷା ପ୍ରତି ସମ୍ମାନ ଏବଂ ଆନ୍ତରିକତା କମିବା, ରାଜ୍ୟକୁ ଏକ ବିପଦପୂର୍ଣ୍ଣ ଭବିଷ୍ୟତ ଆଡକୁ ନେଇ ଯାଉଛି । ଓଡିଆ ଭାଷାକୁ ରାଜ୍ୟସରକାର ଯଥେଷ୍ଟ ସମ୍ମାନ ଦେଉନଥିବା କାରଣରୁ ଓଡିଆ ଭାଷା ଓ ସଂସ୍କୃତି ଆଜି ସଂକଟରେ । ରାଜ୍ୟ ସରକାରଙ୍କ ଅପାରଗତା ଓ ନେତୃତ୍ୱ ଅଭାବ କାରଣରୁ ଓଡିଶାର ସୀମା ଆଜି ଅସୁରକ୍ଷିତ । ଆଜିର ଦିନରେ ଯୁବପିଢୀମାନେ ଓଡିଆର ଭାଷା ସାହିତ୍ୟ, ସଂସ୍କୃତି ଓ ମହାପୁରୁଷମାନଙ୍କର ବୀରତ୍ୱର ଗାଥା ମନେପକାଇବା ସହ ଓଡିଆ ଭାଷାକୁ ଭାଷାଭାବରେ ପରିଗଣିତ କରିବା ପାଇଁ ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଉତ୍କଳ ଦିବସ ପାଳନ ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସମେତ ବହୁ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ପ୍ରମୁଖ ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଓଡିଆ ଭାଷାର ସୁରକ୍ଷା ସହ ସ୍ୱତନ୍ତ୍ର ଓଡିଶା ଗଠନରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୂରଭଞ୍ଜ ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ, ବାମଣ୍ଡା ରାଜା ସୁଢଳ ଦେବ ପ୍ରମୁଖ ଓଡିଶାର ବରପୁତ୍ରମାନଙ୍କ ଯଶକୁ ଏହି ଅବସରରେ ସ୍ମରଣ କରାଯାଇଥିଲା । ଖଣ୍ଡବିଖଣ୍ଡିତ ରାଜ୍ୟକୁ ଏକତ୍ରିତ କରିଥିବା ଉଦ୍ଦେଶ୍ୟରେ ଓଡିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତିକୁ ବଂଚାଇ ରଖିବା ପାଇଁ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଂଜ, ବଳରାମ ଦାସ, ଜଗନ୍ନାଥ ଦାସ, ପୁରୁଷୋତମ ଦେବ, ଶାରଳା ଦାସ, ସନ୍ଥ କବି ଭୀମ ଭୋଇ, ସ୍ୱଭାବ କବି ଗଙ୍ଗାଧର ମେହେର, ବ୍ୟାସ କବି ଫକୀର ମୋହନ ସେନାପତି, ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରିଶ ମିଶ୍ର, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ରାଧାନାଥ ରାୟ, ଗୌରୀଶଙ୍କର ରାୟ, କବିସୂର୍ଯ୍ୟ ବଳଭଦ୍ର ରଥଙ୍କ ସମେତ ଅନେକ କବି ଓ ଲେଖକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେମାନଙ୍କ ଭୂମିକା ଇତିହାସରେ ଲିପିବଦ୍ଧ ହୋଇ ଚିର କାଳ ପାଇଁ ରହିଯାଇଛି ବୋଲି ଏହି ଅବସରରେ ବକ୍ତାମାନେ ଯୋଗ ଦେଇ କହିଛନ୍ତି । ଉତ୍କଳ ସମ୍ମିଳନୀର ପ୍ରତିନିଧି ଡ.ରାଧାନାଥ ପ୍ରହରାଜ ଉପସ୍ଥିତ ରହି ଓଡିଶା ଏବଂ ଓଡିଆ ଭାଷାର ମହତ୍ୱ ସଂପର୍କରେ ମତ ରଖିଥିଲେ । ରାଜ୍ୟ ସଭାପତି ଶ୍ରୀ ସାମଲ ରାଜଭବନ ଛକଠାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଛକଠାରେ ଗୋପବନ୍ଧୁ ଦାସ, ଏଜି ଛକ ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପାଣ୍ଠଶାଳା ହାଉସ ଛକ ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ, କଳିଙ୍ଗ ହସ୍ପିଟାଲ ଛକସ୍ଥିତ ପ୍ରକୃତି କବି ଗଙ୍ଗାଧର ମେହେର ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ସୁରମା ପାଢ଼ୀ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀ, ବିଧାୟକ ଚୁଧାନ ମୁର୍ମୁ, ପ୍ରକାଶ ସୋରେନ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ, ରାଜେନ୍ଦ୍ର ପଣ୍ଡା, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ, ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରଶ୍ମୀରଂଜନ କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ । ସଭା ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭୁବନେଶ୍ୱରରୁ ...

କାମ ଆସନ୍ତା ଅଗଷ୍ଟ ୧୫ ତାରିଖ ଠାରୁ ଆରମ୍ଭ ହୋଇପାରେ । ଏଥିପାଇଁ ଭୁବନେଶ୍ୱର ବିମାନବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ୫-ଟି ସଚିବ ଭିକେ ପାଣ୍ଡିଆନ, ଉନ୍ନୟନ କମିସନର, ଅନୁ ଗର୍ଗ ସମୀକ୍ଷା କରିଛନ୍ତି । ସମୀକ୍ଷା ବେଳେ ପରିବହନ ସଚିବ ଉଷା ପାଢୀ, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥ୍ୟୁ ଭାଥନମ, ଆଇଟି ପ୍ରମୁଖ ସଚିବ ମନୋଜ ମିଶ୍ର ଓ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ ଉପସ୍ଥିତ ଥିଲେ । କେଉଁ କେଉଁ ରୁଟ୍ ଦେଇ ମେଟ୍ରୋ ଟ୍ରେନ୍ ଯିବ, ଟ୍ରାଫିକ ବ୍ୟବସ୍ଥାଠୁ ଆରମ୍ଭ କରି ପାର୍କିଂ ଓ ସମସ୍ତ ଦିଗ ଉପରେ ସମୀକ୍ଷା କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଦିବସ ଅବସରରେ ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସ୍ୱତନ୍ତ୍ର ଓଡ଼ିଶା ପାଇଁ ଆମର ବହୁଦିନର ସ୍ୱପ୍ନ ଆଜିର ଦିନରେ ସାକାର ହୋଇଥିଲା ବୋଲି କହିଛନ୍ତି । ଏହି ଦିବସ ସବୁ ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ଏହି ପବିତ୍ର ଦିନ ଅବସରରେ ଆମର ବରପୁତ୍ରମାନଙ୍କୁ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସ୍ୱତନ୍ତ୍ର ଓ ସମୃଦ୍ଧ ଓଡ଼ିଶା ପାଇଁ କାମ କରିଯାଇଥିବା ବରପୁତ୍ରମାନଙ୍କର ମାର୍ଗ ଦର୍ଶନରେ ଓଡ଼ିଶା ଆଜି ଆଗକୁ ବଢ଼ିଛି ବୋଲି କହିଛନ୍ତି ।

### କୋଟିଆ ...

ଆଜିର ଦିନ ବାଦ ବିବାଦର ଦିନ ନୁହେଁ ବରଂ ସାଢେ ୪ କୋଟି ଓଡ଼ିଆଙ୍କ ଏକାଠି ହେବାର ଦିନ । ଓଡ଼ିଶାକୁ ବଡ଼ କରିବା ଏବଂ ଓଡ଼ିଶା ପାଇଁ ବଡ ସ୍ୱପ୍ନ ଦେଖିବାର ଦିନ । ଗଣତନ୍ତ୍ରରେ ମତ ଓ ବାଦ ବିବାଦ ଭିନ୍ନ ରହିବ । ମାତ୍ର ଉତ୍କଳ ଦିବସ ପରି ଦିନରେ ଆମେ ସମସ୍ତେ ଦଳୀୟ ପ୍ରସଙ୍ଗ ଭିତ୍ତିରେ ନୁହେଁ ବରଂ ରଥଯାତ୍ରାରେ ମହାପ୍ରଭୁଙ୍କ ରଥ ଟାଣିବା ଭଳି ସମସ୍ତେ ଏକାଠି ହେବାର ଦିନ । ଆନ୍ଧ୍ର ଯଦି ଆମର ମାଟି ମାଆ ଓଡ଼ିଶାର ସୀମାବର୍ତ୍ତୀ ଅଞ୍ଚଳରେ ଲୋଲୁପ ଦୃଷ୍ଟି ପକାଇବାକୁ ଚାହିଁବ ତେବେ ଆମେ ଆମେ ଏହାର ବିରୋଧ କରିବା । ସ୍ୱତନ୍ତ୍ର ପ୍ରଦେଶ ଗଠନର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ବ୍ୟାସକବି ଫକୀର ମୋହନ ସେନାପତି, କବିବର ରାଧାନାଥ ରାୟ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ଅନେକ ମହାପୁରୁଷଙ୍କ ବଳିଦାନକୁ ବ୍ୟର୍ଥ ହେବାକୁ ଦେବା ନାହିଁ । ଆମ ରାଜ୍ୟର ସୀମାକୁ ଭୌଗଳିକ ଓ ସାଂସ୍କୃତିକ ରୂପେ ସୁରକ୍ଷିତ ରଖିବାର ସଂକଳ୍ପ ନେଇ ସେ ୨୦୧୮ ମସିହାରେ କୋଟିଆ ଆସିଥିଲେ । ଏ ବିବାଦ ନେଇ ପୂର୍ବରୁ ନେଇ ଆନ୍ଧ୍ର ଓ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖାଯାଇଛି ଏବଂ ଆଗକୁ ମଧ ଏ ବିଷୟରେ ଅବଗତ କରାଯିବ । ଆନ୍ଧ୍ରର ପ୍ରଶାସନିକ ଅଧିକାରୀମାନେ କୌଣସି ସୀମାବର୍ତ୍ତୀ ଅଞ୍ଚଳକୁ ଆସି ଭୁଲ କାମ କରୁଛନ୍ତି । ଓଡ଼ିଶାର ସୀମାକୁ ଯିବାକୁ କୌଣସି କାରଣ ନାହିଁ । ସଂଘୀୟ ବ୍ୟବସ୍ଥାରେ ପରସ୍ପର ଭୌଗୋଳିକ ସୀମାକୁ ସମ୍ମାନ ଦେବାର ଆବଶ୍ୟକତା ରହିଛି । ଆଜି ସାଢେ ୪ କୋଟି ଓଡିଆମାନେ ଏଥିପାଇଁ ଏକାଠି ହେବା ଦରକାର । ଆଜି ଓଡ଼ିଶା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବରେ ମାନ୍ୟତା ପାଇବାର ୮୭ ବର୍ଷ ପୂର୍ତ୍ତି ହୋଇଛି । ଆଗାମୀ ପ୍ରାୟ ୧୩ ବର୍ଷ ପରେ ୨୦୩୬ରେ ଆମ ପ୍ରଦେଶ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ଏହି ସମୟରେ ଆମର ଦାୟିତ୍ୱ, ଆମେ ସମସ୍ତେ ମିଳିତ ଭାବରେ ଓଡ଼ିଆ ଅସ୍ମିତାର ସୁରକ୍ଷା କରିବା । କୋଟିଆର ଫାଟୁସିନେରି ଥିବା ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିବା ବେଳେ ସେମାନଙ୍କ ମନରେ ଡାକ୍ତର ଏବଂ ଅଫିସର ହୋଇ ଲୋକଙ୍କ ସେବା କରିବାର ସ୍ୱପ୍ନ ଅଛି । ଆମର ଦାୟିତ୍ୱ ସେମାନଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ କଳ୍ପନା କରିବା ଏବଂ ଆମର ସୀମା ଓ ଭାଷାକୁ ସୁରକ୍ଷିତ ରଖିବା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ନୂଆ ଜାତୀୟ ଶିକ୍ଷା ନୀତି ଅଣାଯାଇଛି । ଶିକ୍ଷା ନୀତିରେ ମାତୃଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଆଗାମୀ ଦିନରେ କୋଟିଆ ଅଞ୍ଚଳର ସ୍ଥାନୀୟ କୁଇ ଭାଷା ସମେତ କୋରାପୁଟର ସ୍ଥାନୀୟ ଭାଷାରେ ପିଲାଙ୍କୁ ପାଠ ପଢାଇବା ପାଇଁ ଉଦ୍ୟମ କରାଯିବ । ଅପାର ସମ୍ଭାବନାର ଅଞ୍ଚଳ କୋରାପୁଟର ଆମ୍ବ, ପଣସ, ମାଣ୍ଡିଆ, ଚାଉଳ ଏବଂ କୁନ୍ଦୁଲି ହାଟରେ ମିଳୁଥିବା ପନିପରିବା ଏବଂ ଡାଲିର ସ୍ୱାଦ ଅନନ୍ୟ । ଏହିଭଳି କୃଷିଜାତ ସାମଗ୍ରୀର ପ୍ରଚାର ପ୍ରସାର କରିବା ଆମର ଦାୟିତ୍ୱ ହେଉ । ଉଲ୍ଲେଖନୀୟ ଯେ ଶ୍ରୀ ପ୍ରଧାନ କୋଟିଆ ଗ୍ରାମ ପଞ୍ଚାୟତର ଫାଟୁସିନେରି ଗସ୍ତ କରିବା ସହ ସାଧାରଣ ନାଗରିକଙ୍କ ସହ ମୌଳିକ ସମସ୍ୟା ନେଇ ଆଲୋଚନା କରିଥିଲେ । ଫାଟୁସିନେରି ଠାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବରପୁତ୍ର ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେମିଳିଗୁଡା ବ୍ଲକ କୁନ୍ଦୁଲି ସ୍ଥିତ ଆଦିମ ଗୁରୁକୁଳ ଆଶ୍ରମ ଏବଂ କୋଟିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଭେଟିଥିଲେ । ଦାମନଯୋଡି ସ୍ଥିତ ହନୁମାନ ମନ୍ଦିର ଓ କୋଟିଆ ସ୍ଥିତ ଜଗନ୍ନାଥ ମନ୍ଦିରରେ ଦର୍ଶନ କରିଥିଲେ । ଦାମନଯୋଡି ଷ୍ଟେସନ ସମେତ ପଟାଙ୍ଗୀ, ସିମିଳିଗୁଡ଼ା ଓ କୁନ୍ଦୁଲି ଠାରେ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀଙ୍କ ସହ ବ୍ରହ୍ମଗିରି ବିଧାୟକ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ବଡସାହି ବିଧାୟକ ସନାତନ ବିଜୁଳି ଏବଂ ଧାମନଗରର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ସାମିଲ ହୋଇଥିଲେ ।

### ୧.୨୦ ଲକ୍ଷ କୋଟି ...

ଋଣ ୫୩୯୭୭.୨୪କୋଟି ଟଙ୍କା ଥିବା ବେଳେ ଭାରତ ସରକାରଙ୍କଠୁ ଅଣାଯାଇଥିବା ଋଣ ଓ ଅଗ୍ରୀମ ପରିମାଣ ୧୮୫୦୭.୮୨କୋଟି ଟଙ୍କା ଥିଲା । ଏହି ସରକାରୀ ଋଣ ବ୍ୟତୀତ ରାଜ୍ୟ ସରକାରଙ୍କ ଉପରେ ଅତିରିକ୍ତ ୪୭,୬୫୪କୋଟି ଟଙ୍କାର ଆର୍ଥିକ ବୋଝ ରହିଛି । ଏହି ସମସ୍ତ ଋଣବୋଝ ଓ ଆର୍ଥିକ ବୋଝକୁ ମିଶାଇଲେ ଓଡ଼ିଶା ସରକାରଙ୍କ ଉପରେ ୨୦୨୧-୨୨ ମାର୍ଚ୍ଚ ଶେଷ ସୁଦ୍ଧା ୧ଲକ୍ଷ ୨୦ହଜାର ୧୩୯କୋଟି ଟଙ୍କା ଆର୍ଥିକ ବୋଝ ରହିଛି । ଯାହାକି ରାଜ୍ୟର ମୋଟ ଘରୋଇ ଉତ୍ପାଦର ୧୯ ପ୍ରତିଶତ । ଅବଶ୍ୟ ୨୦୨୦-୨୧ରେ ଏହି ପରିମାଣ ଘରୋଇ ଉତ୍ପାଦର ୨୩ ପ୍ରତିଶତ ଥିଲା । ବିଗତ ୨୦୨୦-୨୧ ତୁଳନାରେ ୨୦୨୧-୨୨ରେ ସରକାରୀ ଋଣ ଓ ଅନ୍ୟାନ୍ୟ ଆର୍ଥିକ ବୋଝର ନିଟ ହ୍ରାସ ୩୧୯୬କୋଟି ଟଙ୍କା ଅର୍ଥାତ ୪ ପ୍ରତିଶତ ହ୍ରାସ ପାଇଛି । ୨୦୨୦-୨୧ରେ ଆଭ୍ୟନ୍ତରୀଣ ଋଣ ବୋଝ ୬୭,୫୨୧କୋଟି ଟଙ୍କା ଓ କେନ୍ଦ୍ର ସରକାରଙ୍କ ଋଣ ୧୧୯୮୨କୋଟି ଟଙ୍କାକୁ ମିଶାଇଲେ ମୋଟ ୭୯,୫୦୩କୋଟି ଟଙ୍କା ସରକାରୀ ଋଣ ରହିଥିଲାବେଳେ ରାଜ୍ୟ ସରକାରଙ୍କ ଉପରେ ମୋଟ ଆର୍ଥିକ ବୋଝ ୧ଲକ୍ଷ ୧୮ହଜାର ୯୫୧କୋଟି ଟଙ୍କା ରହିଛି । ସେହିପରି ସିଏଜି ଦର୍ଶାଇଛନ୍ତି ଯେ ୨୦୨୨ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ମୋଟ ୨୭୪୨୩କୋଟି ଟଙ୍କାର ବିନିଯୋଗ ପତ୍ର ବକେୟା ରହିଛି । ୨୦୨୧-୨୨ ମଧ୍ୟରେ ଆସିଥିବା ମୋଟ ୨୫୯୩୦.୯୭କୋଟି ଟଙ୍କାର ପ୍ରମାଣପତ୍ର ମଧ୍ୟରୁ ୭୮୨୬.୮୨କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ୨୦୨୨ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଦାଖଲ ହୋଇପାରିଥିଲା । ସିଏଜି ରିପୋର୍ଟରେ ଦର୍ଶାଯାଇଛି ଯେ, ଗୃହ ବିଭାଗ ନିଜ ପାଖରେ ରଖିଥିବା ୯୩୦.୨୦କୋଟି ଟଙ୍କା ଖର୍ଚ୍ଚ ନକରି ପାରି ସେଥିରୁ ୯୨୫.୧୧କୋଟି ଯଙ୍କା ଫେରସ୍ତ କରିଥିଲା । ଯଦିଓ ଏହି ୯୩୦କୋଟି ଟଙ୍କା ଥାଇ ମଧ ଗୃହ ବିଭାଗ ଅନାବଶ୍ୟକ ଭାବେ ୩୯୨.୨୫କୋଟି ଟଙ୍କାର ବଜେଟ୍ ଖର୍ଚ୍ଚଦାବି ୨୦୨୧ ଡିସେମ୍ବର ମାସରେ ଅତିରିକ୍ତ ବଜେଟରେ ଦାବି କରିଥିଲା । ଗୃହ ବିଭାଗ ବିଭିନ୍ନ କ୍ଷେତ୍ର ପାଇଁ ବଜେଟରେ ବ୍ୟୟବରାଦ କରିଥିଲେ ମଧ ସେଗୁଡ଼ିକ ଖର୍ଚ୍ଚ କରିବାରେ ସକ୍ଷମ ହୋଇନଥିବା ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ।

### ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ...

ଆଶା ୨୦୪୧ ମସିହା ପର୍ଯ୍ୟନ୍ତ ନାହିଁ ବୋଲି କହିଥିଲେ । ଆଜି ମୁଖ୍ୟମନ୍ତ୍ରୀଙ୍କ ମେଟ୍ରୋ ରେଲ୍ ଘୋଷଣା ସନ୍ଦେହରେ ପକାଉଛି । ସାଂସଦ ଅପରାଜିତା ଷଡ଼ଙ୍ଗୀ ୨୦୨୨ ସେପ୍ଟେମ୍ବର ୨୬ତାରିଖରେ କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀ ହରଦୀପ ସିଂଙ୍କୁ ଭେଟି ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ଦାବି କରିଥିଲେ ବୋଲି ଶ୍ରୀ ମିଶ୍ର କହିଛନ୍ତି । ତେଣୁ ମେଟ୍ରୋ ଟ୍ରେନ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଘୋଷଣା କରିଛନ୍ତି ତାହା ରାଜ୍ୟବାସୀଙ୍କ ପାଇଁ ‘ଏପ୍ରିଲ ଫୁଲ’ ନହେଉ ବୋଲି ଶ୍ରୀ ମିଶ୍ର ଆଶା ବ୍ୟକ୍ତ କରିଛନ୍ତି ।

### ସୃଷ୍ଟି ହେବ ...

ବିନିଯୋଗରେ ଏକ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ଏଥିରେ ୩୫୦୦ ଟି ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ସେହିପରି ସୁପର ସ୍ମେଲଟର୍ସ ପକ୍ଷରୁ ୫୪୩୬ କୋଟି ଟଙ୍କା ବିନିଯୋଗରେ କେନ୍ଦୁଝରଠାରେ ଏକ ଷ୍ଟିଲପ୍ଲାଣ୍ଟ ପ୍ରତିଷ୍ଠା କରାଯିବ । ଏଥିରେ ୧୯୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟିହେବ । ଅନ୍ୟପକ୍ଷରେ ଧନୁସେରି ପେଟ୍ରୋକେମିକାଲ୍ସ କମ୍ପାନି ପକ୍ଷରୁ ପାରାଦୀପଠାରେ ଏକ ୧୫୦୦ କୋଟି ଟଙ୍କାର ଏକ ବଟଲ ଗ୍ରେଡ୍ ପେଟ୍ ରେଜିନ କାରଖାନା ପ୍ରତିଷ୍ଠା କରାଯିବ ।

### ଘରେ ନେଉଳ ...

ସେହିପରି ଶଙ୍ଖଚିଲ, ଛଞ୍ଚାଣ ମଧ ଏଥିରେ ସାମିଲ ହୋଇଛନ୍ତି । ପାର୍ଟ-ସି’ରେ ସାପଙ୍କୁ ରଖାଯାଇଛି । ପୂର୍ବରୁ ଓଡ଼ିଶାରେ ଦେଖାଯାଉଥିବା ଅଜଗର ଏହି ବର୍ଗରେ ଥିବା ବେଳେ ସଂଶୋଧିତ ଆଇନ୍‌ରେ ନାଗ, ତମ୍ପ, ଧମଣା, ଧଣ୍ଡ, ଚନ୍ଦନ ବୋଡ଼ା, ଅହିରାଜ ଆଦିକୁ ଏହି ବର୍ଗରେ ସାମିଲ୍ କରାଯାଇଛି । ପାର୍ଟ-ଡି’ରେ ଉଭୟଚର ପ୍ରାଣୀ ଭାବେ ବେଙ୍ଗ ପାର୍ଟ-ଇ’ରେ ସାର୍କ ଓ ସାଙ୍କୁଚ ଭଳି ପ୍ରାଣୀଙ୍କୁ ରଖାଯାଇଛି । ପାର୍ଟ-ଜି’ରେ ଗେଣ୍ଡା ଓ ଶାମୁକାଙ୍କୁ ସାମିଲ କରାଯାଇଛି । ଏମିତିକି ୯୬ ପ୍ରକାରର ପ୍ରଜାପତିଙ୍କୁ ସିଡ୍ୟୁଲ୍-୧ରେ ରଖାଯାଇଛି । ପାର୍ଟ-କେ’ରେ ୧୨ ପ୍ରଜାତିର ସାମୁଦ୍ରିକ ଜୀବଙ୍କୁ ସାମିଲ କରାଯାଇଛି । ସିଡ୍ୟୁଲ୍-୧ରେ ଥିବା ପ୍ରାଣୀଙ୍କ କ୍ଷେତ୍ରରେ ଯଦି କୌଣସି ଲୋକ ନିୟମ ଉଲ୍ଲଙ୍ଘନ କରନ୍ତି ତେବେ ସେମାନଙ୍କ ପାଇଁ ସର୍ବାଧିକ ଦଣ୍ଡବିଧାନ ୩-୭ ବର୍ଷ ପର୍ଯ୍ୟନ୍ତ ରହିଛି । ସିଡ୍ୟୁଲ୍-୨ରେ ହରିଣ, ଠେକୁଆ, ବାର୍‌ହା, ଭାରତୀୟ ବାଦୁଡ଼ି, ଗୁଣ୍ଡୁଚିମୁଷା ଆଦି ସ୍ଥାନ ପାଇଥିବା ବେଳେ ବୁଲବୁଲ୍ ଚଢ଼େଇ, ଶୁଆ, ପାଣି କୁଆ, କାଉ ଓ କୋଇଲି ଇତ୍ୟାଦିଙ୍କୁ ଏଥିରେ ସାମିଲ କରାଯାଇଛି । ପୂର୍ବରୁ ବନ୍ୟପ୍ରାଣୀ ସମ୍ପର୍କିତ ଅପରାଧ ପାଇଁ ଯେଉଁ କ୍ଷେତ୍ରରେ ଜରିମାନା ୨୫ ହଜାର ଥିଲା ତାହାକୁ ୧ ଲକ୍ଷ ଟଙ୍କା କରାଯାଇଛି । ୧୦ ହଜାର ଜରିମାନା ପରିମାଣକୁ ବୃଦ୍ଧି କରାଯାଇ ୨୫ ହଜାର କରାଯାଇଛି । ଏଣିକି ଅଭୟାରଣ୍ୟ ଅଞ୍ଚଳର ୧୦ କିଲୋମିଟର ପରିମିତ ଅଞ୍ଚଳରେ ବନ୍ଧୁକ ଲାଇସେନ୍ସ ଦିଆଯିବ ନାହିଁ । ଏଥିପାଇଁ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ ଅନୁମତି ଆବଶ୍ୟକ ପଡ଼ିବ । ଏମିତି କି ଯେଉଁମାନେ ବନ୍ଧୁକ ଲାଇସେନ୍ସ ପାଇଛନ୍ତି, ସେମାନଙ୍କୁ ନବୀକରଣ ପାଇଁ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କଠାରୁ ଅନୁମତି ଆଣିବାକୁ ପଡ଼ିବ ବୋଲି ସଂଶୋଧିତ ଆଇନ୍‌ରେ ଦର୍ଶାଯାଇଛି ।

### ୪୯ଟି ମାନଦଣ୍ଡର ...

କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ କୁମାର ପାଢ଼ୀଙ୍କୁ ରାୟଗଡ଼ା ଜିଲ୍ଲାର ଇନଚାର୍ଜ ଭାବେ ଦାୟିତ୍ୱ ନ୍ୟସ୍ତ ହୋଇଛି । ସମ୍ପୃକ୍ତ ଅଫିସରମାନେ ନିୟମିତ ଜିଲ୍ଲା ଗସ୍ତ କରି ଏସବୁ ଜିଲ୍ଲାର ବିଭିନ୍ନ ମାନଦଣ୍ଡର ନିୟମିତ ସମୀକ୍ଷା କରିବେ । ସମ୍ପୃକ୍ତ ଜିଲ୍ଲାରେ ସବୁଦିନିଆ ରାସ୍ତା, ସବୁ ଘରକୁ ଶୌଚାଳୟ, ପିଇବା ପାଣି, ବିଦ୍ୟୁତ ସଂଯୋଗ, ଛାତ ଘର, ପଞ୍ଚାୟତକୁ ଇଣ୍ଟରନେଟ୍ ସୁବିଧା ଆଦି ଭଳି ମୌଳିକ ସୁବିଧା ସହ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା, ବିଭିନ୍ନ ସରକାରୀ ଯୋଜନାରେ ସାଧାରଣ ଲୋକଙ୍କୁ ସାମିଲ ଆଦିର ମଧ ତଦାରଖ ଏହି ଅଫିସରମାନେ ନିୟମିତ ଭାବେ କରିବେ । ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ମୋଟ ୪୯ଟି ଦିଗ ଉପରେ ନିୟମିତ ପ୍ରଦର୍ଶନକୁ ତଦାରଖ କରିବା ପାଇଁ ଏହି ଅଫିସରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ରାଜ୍ୟରେ ଜି-୨୦ ...

ଲୋକ ଏଥିରେ ସାମିଲ ହୋଇଥିଲେ । ଅନ୍ୟପଟେ ଭୁବନେଶ୍ୱରସ୍ଥିତ ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କୋଣାର୍କର ଚନ୍ଦ୍ରଭାଗା ବେଳାଭୂମିରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହିତ କୋଣାର୍କସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ଠାରେ ଜି-୨୦ ଜନଭାଗିଦାରୀ ବିଷୟବସ୍ତୁ ଉପରେ ଆଧାରିତ ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୋଣାର୍କ ଜବାହର ନବୋଦୟ ବିଦ୍ୟାଳୟର ସବୁ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ଭୁବନେଶ୍ୱରରେ ଆୟୋଜନ କରାଯିବାକୁ ଥିବା ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସଚେତନ କରାଯାଇଥିଲା । ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ପ୍ରାୟ ୮୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେହିପରି ଭୁବନେଶ୍ୱର ସ୍ଥିତ ବିଆଇଆଇଟିଏମ ପକ୍ଷରୁ ଜି-୨୦ ଜନ ଭାଗିଦାରୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ଜି୨୦ ପୋଷ୍ଟର ଉନ୍ମୋଚନ କରାଯିବା ସହିତ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ଟି-ସାର୍ଟ ଓ ଟୋପି ବିତରଣ କରାଯାଇଥିଲା । ବିଆଇଆଇଟିଏମ ଦ୍ୱାରା ଡିଏଲଏଫ ସାଇବର ସିଟୀ ଦିଗରେ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା ଯେଉଁଥିରେ ଛାତ୍ରଛାତ୍ରୀ, ପ୍ରାଧ୍ୟାପକ, କର୍ମଚାରୀମାନେ ହାତରେ ପୋଷ୍ଟର, ବ୍ୟାନର ଧରି ଜି-୨୦ ଶିକ୍ଷା କାର୍ଯ୍ୟ ଗୋଷ୍ଠୀ ବୈଠକ ଏବଂ ଜନ-ଭାଗିଦାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ । ଅନୁରୂପ ଭାବେ ଇସ୍ପାତ ନଗରୀ ରାଉରକେଲା ଠାରେ ଏନଆଇଟି ରାଉରକେଲା ପକ୍ଷରୁ ଉତ୍କଳ ଦିବସ ଉପଲକ୍ଷେ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ଜନଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାକୁ ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଉଦଘାଟନ କରିଥିଲେ । ଭାରତର ଜି-୨୦ ଅଧ୍ୟକ୍ଷତା ଏବଂ ଏଥିରେ ଜନସାଧାରଣଙ୍କ ସହଭାଗିତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ୧୦ଟି ପ୍ରମୁଖ ଶିକ୍ଷାନୁଷ୍ଠାନ ମଧ୍ୟରେ ଏନଆଇଟି ରାଉରକେଲାକୁ ଚୟନ କରାଯାଇଛି ।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ



**ଜଗତସିଂହପୁର :** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ପ୍ରଶାସନ ଓ ବୈଧମାପ ନିର୍ଦ୍ଧାରିତ ବିଜ୍ଞାନ ପକ୍ଷରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଯୋଗଦେଇ କହିଥିଲେ ଯେ ଖାଉଟି ସବୁବେଳେ ଅବହେଳିତ ହୋଇଆସୁଛନ୍ତି । ସ୍ୱେଚ୍ଛାସେବୀ ସଂଗଠନମାନେ ସାଧାରଣ ଲୋକଙ୍କୁ ସଚେତନ କରାଇବା ପାଇଁ ଯୋଜନା କରିବାକୁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ପଞ୍ଚାୟତ ଓ ବ୍ଲକ ସ୍ତରରେ ବହୁତ ଲୋକ ଖାଉଟିମାନଙ୍କର ଅଧିକାର ସମ୍ପର୍କରେ ସଚେତନ ହୋଇପାରନ୍ତେ । ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ସାହୁ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦ୍‌ଘାଟନ କରି କହିଥିଲେ ଯେ ଆମର ଯେତିକି ବିକ୍ରେତା ସେତିକି କ୍ରେତା ବି ଅଛନ୍ତି । ସାମଗ୍ରୀ ଗୁଡିକର ପରିମାଣ, ଗୁଣବତ୍ତା, ବୈଧ ସମୟର ଶେଷ ତାରିଖ ଇତ୍ୟାଦି ପ୍ୟାକେଟ୍ ମାନଙ୍କରେ ଲେଖାଯିବା ଆବଶ୍ୟକ । ସରକାର ସୂଚନା ଅଧିକାର ଆଇନ ଓ ଉପଭୋକ୍ତା ସୁରକ୍ଷା ଅଧିକାର ଆଇନ ପ୍ରଣୟନ କରିବା ଦ୍ୱାରା ଦୁର୍ନିତି ମୂଳକ କାର୍ଯ୍ୟ ଏବେ କମିବାରେ ଲାଗିଛି । ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ଯୋଗଦେଇ କହିଥିଲେ ଯେ ମଣିଷର ସର୍ବନିମ୍ନ ଆବଶ୍ୟକ ହେଉଛି ଖାଦ୍ୟ, ବସ୍ତ୍ର ଓ ବାସଗୃହ । ଯଦି ଏଥିରେ କୌଣସି ପ୍ରକାର ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ମାନଙ୍କରେ ଗୁଣାତ୍ମକ ମାନ ଓ ଓଜନରେ ତ୍ରୁଟି ପରିଲକ୍ଷିତ ହେଲେ ୧୯୬୭ ନମ୍ବରରେ ଅଭିଯୋଗ କରିପାରିବେ । ଏହି ଉତ୍ସବରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ପ୍ରଭାତ କୁମାର ପାଢୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖାଉଟିମାନେ ଇଫାଇଲ ମାଧ୍ୟମରେ ସିଧାସଳଖ ଫାଇଲ କରିପାରିବେ ବୋଲି ପ୍ରକାଶ କରିଥିଲେ । ଚଳିତ ବର୍ଷ ୪୩୩ ଟି କେସ୍ ଏବେ ସୁଦ୍ଧା ଦାଖଲ ହୋଇଛି । ଏହି ବୈଠକରେ ବୈଧ ମାପ ବିଜ୍ଞାନର ଯୁଗ୍ମ ନିୟନ୍ତ୍ରକ ଗୌରାଙ୍ଗ ଚନ୍ଦ୍ର ଜେନା ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଉପରେ ଆଲୋଚନା କରି ପରିବେଶ ପ୍ରଦୂଷଣ ହେଉଛି ଏବେକାର ମୁଖ୍ୟ ସମସ୍ୟା । ତେଣୁ ସୌରଚାଳିତ ଶକ୍ତି, ବାୟୁ ଚାଳିତ ଶକ୍ତି, ଜୁଆର ଚଳିତ ଶକ୍ତି ଇତ୍ୟାଦି ବ୍ୟବହୃତ କରାଗଲେ ପ୍ରଦୂଷଣ ତାପମାତ୍ରା କମିବାରେ ସଫଳ ହୋଇପାରନ୍ତା । ଏହି ବୈଠକରେ ପୂର୍ବତନ ସଭାପତି ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ମଞ୍ଚ ସୁରେନ୍ଦ୍ରନାଥ ମିଶ୍ର, ସମ୍ପାଦକ ନିରଞ୍ଜନ ବାରିକ, ଜାତୀୟ କାର୍ଯ୍ୟନିର୍ବାହୀ ସଦସ୍ୟା ବିଜୟ ଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗଦେଇ ଉପଭୋକ୍ତା ଅଧିକାର ଓ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ନବରଙ୍ଗପୁରରେ ଅନ୍ତର୍ଜାତୀୟ କିନ୍ନର ଦିବସ ପାଳିତ

**ନବରଙ୍ଗପୁର :** ଅନ୍ତର୍ଜାତୀୟ କିନ୍ନର ଦିବସ ପାଳନ ଅବସରରେ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୋଜନାରେ ଜିଲ୍ଲାର କିନ୍ନର ମାନେ ନିଜକୁ ସାମିଲ ହେବାକୁ ପରାମର୍ଶ ଦେବା ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଯୋଗ ଦେଇ କିନ୍ନର ମାନଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ ।ସେହିପରି ଜିଲ୍ଲା କିନ୍ନର ସଙ୍ଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ କିନ୍ନର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ କିନ୍ନର ସଙ୍ଘର ପ୍ରଜେକ୍ଟ ଲିଡ଼ର ଏମ.ବାଲାକୃଷ୍ଣ ରାଓ ସମେତ ସଙ୍ଘର ସଭାପତି କାଜଲ କିନ୍ନର, ସମ୍ପାଦକ ଚୁମିକି କିନ୍ନର, ସହ ସମ୍ପାଦକ ପ୍ରୀତି କିନ୍ନର, କାର୍ଯ୍ୟ ନିର୍ବାହୀ ସଭ୍ୟ କୃଷ୍ଣ ପ୍ରସାଦ ରଥ, ସଂଜୀବ ସିଂ ସମେତ ଜିଲ୍ଲାର ସମସ୍ତ ବ୍ଲକର କିନ୍ନର ମାନେ ଯୋଗ ଦେଇଥିଲେ । ରାୟଗଡା ର ମା ମାଝୀ ଗୌରୀ ସଂସ୍ଥା ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିବା ବେଳେ ସୁଶାନ୍ତ ଗୋରଡା ସହଯୋଗ କରିଥିଲେ ।ଶେଷରେ କିନ୍ନର ମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ବାଲିଦୋକାନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

**କୋଣାର୍କ :** କାକଟପୁର ବ୍ଲକ୍ ଅନ୍ତର୍ଗତ କୁରୁଜଙ୍ଗ ଗ୍ରାମପଞ୍ଚାୟତର ଅଗ୍ରଣୀ ସ୍ୱାସ୍ଥ୍ୟ କେନ୍ଦ୍ର ବାଲିଦୋକାନ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ସ୍ୱାସ୍ଥ୍ୟ ଓ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ଦ୍ୱିତୀୟ ଥର ପାଇଁ କାୟାକଳ୍ପ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି । ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରୋଗୀ କଲ୍ୟାଣ ସମିତିକୁ କ୍ରିୟାଶୀଳ କରିବା, ରୋଗୀଙ୍କୁ ଉନ୍ନତ ମାନର ଚିକିତ୍ସା ସେବା ପ୍ରଦାନ, ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ କର୍ମଚାରୀଙ୍କ କର୍ତ୍ତବ୍ୟ ବୋଧତା, ଉନ୍ନତ ଟୀକାକରଣ ସମେତ ସ୍ୱାସ୍ଥ୍ୟ କ୍ଷେତ୍ରରେ ବହୁବିଧ ବିକାଶ ଯୋଗୁଁ ବାଲିଦୋକାନ ସ୍ୱାସ୍ଥ୍ୟ କେନ୍ଦ୍ର ଏହି ମର୍ଯ୍ୟାଦା ଜନକ ପୁରସ୍କାର ପାଇଁ ମନୋନୀତ ହୋଇଛି ।



ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଆୟୁଷ ଚିକିତ୍ସାଧିକାରୀ ସୌମ୍ୟକାନ୍ତ ପଣ୍ଡାଙ୍କ କହିବା ଅନୁଯାୟୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଆଶିଷ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ବାଲିଦୋକାନର ଚିକିତ୍ସାଧିକାରୀ ଡାକ୍ତର ସ୍ୱରୂପ ମହାପାତ୍ର, ଫାର୍ମାସିଷ୍ଟ ସ୍ୱାଗତିକା ମହାପାତ୍ର ଏବଂ ଅନ୍ୟ ସମସ୍ତ କର୍ମଚାରୀଙ୍କ ପ୍ରଚେଷ୍ଟା ବଳରେ ଏହା ସମ୍ଭବ ହୋଇପାରିଛି ।

# ଏରସମା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର



**ଜଗତସିଂହପୁର :** ଜିଲ୍ଲା ପ୍ରଶାସନ ପକ୍ଷରୁ ଏରସମା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣି ଶିବିରରେ ଜିଲ୍ଲାପାଳ ପାରୁଲ ପଟୱାରୀ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରି ୩୩ ଅଭିଯୋଗର ତତ୍‌କାଳୀଣ ଫଇସଲା କରାଯାଇଥିଲା । ଏହି ଜନଶୁଣାଣି ଶିବିରରେ ମୋଟ୍ ୧୦୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୯୪ଟି ଥିଲା । ଆବାସ ଯୋଜନା ନିମନ୍ତେ ୫ଟି, ରାସନକାର୍ଡ ପାଇଁ ୧୪ଟି, ଜମିଜମା ସମ୍ପର୍କିତ ୨୨ଟି, ଭତ୍ତା ସମ୍ପର୍କିତ ୭ଟି, ରେଡକ୍ରସ ପାଣ୍ଠିରୁ ସହାୟତା ନିମନ୍ତେ ୧ଟି, ପୋଲିସ ସହାୟତା ନିମନ୍ତେ ୧ଟି, ଥିବା ବେଳେ ଅନ୍ୟାନ୍ୟ ଅସୁବିଧା ନିମନ୍ତେ ୧୧ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏହି ଜନଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ପଣ୍ଡା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ତିର୍ତ୍ତୋଲ ପ୍ରଶାନ୍ତ କୁମାର ମାଝି, ଏରସମା ବିଡିଓ କୈଳାଶ ଚନ୍ଦ୍ର ବେହେରା, ତହସିଲଦାର ନବପ୍ରସାଦ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମିପ୍ରିୟା ମହାପାତ୍ର ଓ ବ୍ଲକ ସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ରହି ଜନଶୁଣାଣିରେ ସହଯୋଗ କରିଥିଲେ ।

# ଶ୍ରୀରାମଃ ଶରଣଂ ସମସ୍ତ ଜଗତାଂ ରାମଂ...



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ନବମୀ ତିଥିରେ ପୁନର୍ବସୁ ନକ୍ଷତ୍ର ଯୋଗରେ ଶ୍ରୀରାମ ନବମୀ ପଡ଼ିଥାଏ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ପୁଣ୍ୟ ପ୍ରକଟନ ଦିବସ ହେଉଛି ପବିତ୍ର ଶ୍ରୀରାମ ନବମୀ। ମହାପ୍ରଭୁ ଶ୍ରୀରାମଙ୍କ ରାମରାଜ୍ୟ ଓ ରାମାୟଣର କଥନିକା କେବଳ ହିନ୍ଦୁ ଧର୍ମ ନୁହେଁ ପୃଥିବୀର ସବୁ ଧର୍ମ ଓ ସମ୍ପ୍ରଦାୟର ପାଇଁ ଆଧ୍ୟାତ୍ମିକତାର ବାର୍ତ୍ତା ଯୁଗେ ଯୁଗେ ପ୍ରବାହମାନ ହୋଇଛି। ଭଗବାନ ଶ୍ରୀରାମଙ୍କ କଥା ପ୍ରସଙ୍ଗରେ ଦୁଷ୍ଟମାନଙ୍କର ନିଧନ ସହିତ ସମଗ୍ର ଋଷିକୂଳକୁ ରକ୍ଷା କରିଥିଲେ। ଶାସ୍ତ୍ରରେ ଲେଖା ରହିଛି - ଦେବତାମାନଙ୍କର ସେହି ଆକୁଳ ସ୍ତବ ଓ ପ୍ରାର୍ଥନା ଶ୍ରବଣ କରି ଅଖିଳ ଜଗତର ସ୍ରଷ୍ଟା ଭଗବାନ ବିଷ୍ଣୁ ଆଶ୍ୱାସନା ପ୍ରଦାନ କରି କହିଲେ - ସମବେତ ଦେବଗଣ, ତୁମ୍ଭମାନଙ୍କର କଲ୍ୟାଣ ସାଧନ ନିମନ୍ତେ ତ୍ରିଭୁବନର ପରମ ଶତ୍ରୁ ରାକ୍ଷସ ରାବଣକୁ ପୁତ୍ର, ପୌତ୍ର, ଜ୍ଞାତି, ବନ୍ଧୁ ଓ ଅନୁଚର ବର୍ଗଙ୍କ ସହ ମୁଁ ସମୂଳେ ସଂହାର କରିବି ଏବଂ ସେଥି ନିମନ୍ତେ ମୁଁ ମର୍ତ୍ତ୍ୟରେ ମନୁଷ୍ୟ ରୂପରେ ଅବତାର ଗ୍ରହଣ କରିବି ଓ ଦୀର୍ଘ ଏଗାର ହଜାର ବର୍ଷ କାଳ ମର୍ତ୍ତ୍ୟରେ ଅବସ୍ଥାନ କରି ପୃଥିବୀକୁ ପାଳନ କରିବି।ତେଣୁ ତୁମ୍ଭେମାନେ ନିର୍ଭୟ ଚିତ୍ତରେ ବାସ କରେ।



ବିଭିନ୍ନ ଯୁଗର ତାତ୍ପର୍ଯ୍ୟ ସମ୍ବନ୍ଧରେ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସତ୍ୟଯୁଗର ଆଉ ଏକ ନାମ କୃତଯୁଗ - କ୍ରିୟାନ୍ୱିତ ଯୁଗ ସକ୍ରିୟ ନରହିଲେ ଅସ୍ତିତ୍ୱ ଦୀପ୍ତ ହୋଇଉଠେ ନାହିଁ। ସତ୍ୟଯୁଗ ହେଉଛି ବଞ୍ଚିବା ଓ ବଢ଼ିବାର ଯୁଗ। ସତ୍ୟ ଯୁଗରେ ଧର୍ମ ଚାରିପାଦ ଅର୍ଥାତ୍ ଷୋହଳଅଣା। ସତ୍ତା ସେତେବେଳେ ପୂର୍ଣ୍ଣତମ ତେଜରେ ଚାଲେ। ବଞ୍ଚିବା ଓ ବଢ଼ିବାର ଅନ୍ତରାୟୀ ପ୍ରବୃତ୍ତି ପରାୟଣତା ସେତେବେଳେ ସଂଯତ ଓ ସୁନିୟନ୍ତ୍ରିତ, ତ୍ରେତୟାରେ ମର୍ଯ୍ୟଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଅବତରଣ। ସେତେବେଳେ ଧର୍ମ ତିନିପାଦ ଓ ଅଧର୍ମ ଏକପାଦ। ସେତେବେଳେ ମଧ୍ୟ ବଞ୍ଚିବା ଓ ବଢ଼ିବାମୁଖୀ ଚଳନର ପ୍ରାଧାନ୍ୟ ଦେଖାଯାଏ। ଦ୍ୱାପରରେ ଭଗବାନ ଶ୍ରୀକୃଷ୍ଣଙ୍କର ଅବତରଣ, ସେତେବେଳେ ଧର୍ମ ଦୁଇପାଦ ଓ ଅଧର୍ମ ମଧ୍ୟ ଦୁଇପାଦ। ସତ୍ତା ଓ ପ୍ରବୃତ୍ତି ଏହି ଦୁଇ ଦିଗରେ ମନୁଷ୍ୟର ସମାନ ଝୁଙ୍କ। ପ୍ରବୃତ୍ତି ପରାମୃଷ୍ଟତା ପାଇଁ ସତ୍ତାର ଜ୍ୟୋତି କ୍ଷୀଣ। ଆଉ କଳିରେ ଧର୍ମ ଏକପାଦ ଓ ଅଧର୍ମ ତିନିପାଦ। ପ୍ରବୃତ୍ତି ଚରିତାର୍ଥତାର ଚାହିଦା ପ୍ରବଳ, ବିହିତ କରଣୀୟ ନକରି ପାଇବା ଓ ଉପଭୋଗର ଦୂରନ୍ତ ଲାଳସା ଆଉ ଏହାର ନମୁନା ବର୍ତ୍ତମାନ ଚର୍ତୁଦିଗରେ ଦେଖାଯାଉଛି। ତ୍ରେତୟା ଯୁଗରେ ମର୍ଯ୍ୟଦାପୁରୁଷୋତ୍ତମ ଶ୍ରୀରାମଙ୍କ ପାଦସ୍ପର୍ଶରେ ପାଷାଣୀ ଅହଲ୍ୟା ଉଦ୍ଧାର ପାଇଥିଲେ। ଏହି ପ୍ରସଙ୍ଗରେ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଭଗବାନ ରାମଚନ୍ଦ୍ରଙ୍କର ଚରଣ ସ୍ପର୍ଶରେ ଅର୍ଥାତ୍ ଚଳନ ସ୍ପର୍ଶରେ ମାତା ଅହଲ୍ୟାଙ୍କର ପାପାଚରଣଜନିତ ବୋଧର ଅସାଡ଼ତା ଦୂରୀଭୂତ ହୋଇଥିଲା। ସତ୍ୟକାର ଭକ୍ତି ସମ୍ବନ୍ଧରେ ଆଲୋଚନା ପ୍ରସଙ୍ଗରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ପ୍ରକାଶ କଲେ - ଭକ୍ତ ପ୍ରବର ହନୁମାନଜୀ ସଦାସର୍ବଦା ପ୍ରଭୁ ରାମଚନ୍ଦ୍ରଙ୍କୁ ବହନ କରିଚାଲୁଥିଲେ। ଭକ୍ତ ହନୁମାନ ପ୍ରଭୁ ରାମଚନ୍ଦ୍ରଙ୍କୁ ପ୍ରତିଷ୍ଠା କରିବାକୁ ଯାଇ କୃତକାର୍ଯ୍ୟ ହୋଇଥିଲେ ଓ ଅମର ମଧ୍ୟ ହେଲେ। ଭକ୍ତ ପ୍ରବର ହନୁମାନ ଯୁଦ୍ଧ କରିଛନ୍ତି, ରାଜନୀତି କରିଛନ୍ତି, ପ୍ରଭୁ ରାମଚନ୍ଦ୍ରଙ୍କ ସେବା କରିଛନ୍ତି, ଲଙ୍କାପୁରୀ ଜଳାଇ ଦେଇଛନ୍ତି, କେତେ କ'ଣ କାଣ୍ଡ କରିଛନ୍ତି କିନ୍ତୁ ସବୁକିଛି ପ୍ରଭୁ ରାମଚନ୍ଦ୍ରଙ୍କର ପ୍ରୀତି ଉଦ୍ଦିଷ୍ଟ। ପ୍ରୀତି ପାଗଳ ଭକ୍ତ ତାଙ୍କର ପ୍ରିୟତମ ନିମିତ୍ତ ସବୁକିଛି କରନ୍ତି - ଏହା ସହିତ ଅଛି କ୍ଲେଶସୁଖପ୍ରିୟତା। ପ୍ରଭୁ ରାମଚନ୍ଦ୍ର ରାବଣଙ୍କୁ କ୍ଷମା କରିବାକୁ ପାଇଁ ଚାହୁଁଥିଲେ କିନ୍ତୁ ଭକ୍ତକୂଳ ତିଳକ ହୁନମାନ କେବେ ରାବଣଙ୍କୁ କ୍ଷମା କରିନାହାନ୍ତି। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଏକ ଶକ୍ତିମାନ ଦଳ ଥିଲା ପ୍ରେରିତ ପୁରୁଷଙ୍କର ପରିଷଦ ସମ୍ବନ୍ଧରେ ଆଲୋଚନା ଛଳରେ ବର୍ତ୍ତମାନର ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ବ୍ୟକ୍ତ କଲେ - ହନୁମାନ, ସୁଗ୍ରୀବ, ଜାମ୍ବୁବାନ, ଅଙ୍ଗଦ, ନଳ, ନୀଳ ଏମାନେ ସମସ୍ତେ ଥିଲେ ପ୍ରଭୁଙ୍କର ଏକ ଶକ୍ତିମାନ ଗୁଚ୍ଛ। ପ୍ରଭୁଙ୍କ ସହିତ ସଦାସର୍ବଦା ଏମାନଙ୍କ ଭିତରୁ ଜଣେ ନା ଜଣେ ଜଗି ରହୁଥିଲେ। ଏକ ସମୟରେ ରାକ୍ଷସ ରାଜା ରାବଣର ଭାଇ ବିଭୀଷଣଙ୍କୁ ଲକ୍ଷ୍ମଣ ସନ୍ଦେହ କରିଥିଲେ। ସେଥିରେ ବିଭୀଷଣ କହିଥିଲେ - ମୁଁ ଜାଣେ ତୁମ୍ଭେମାନେ ମୋତେ ସନ୍ଦେହ କରିବ କାରଣ ମୁଁ ଲଙ୍କାଧୀଶ ରାବଣର ଭାଇ। ମୁଁ ଭାଇ ହୋଇ ଭାଇ ବିରୁଦ୍ଧରେ ବିଶ୍ୱାସଘାତକତା କରିଛି କିନ୍ତୁ ଏହା କିରିଛି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ସନ୍ତୋଷ ନିମିତ୍ତ। ବିଭୀଷଣ ପ୍ରଭୁ ରାମଙ୍କୁ ବହୁତ ଭଲ ପାଉଥିଲେ। ଏପରିକି ନିଜର ପୁତ୍ର ତରଣୀସେନ ମଧ୍ୟ ଏହି ଭକ୍ତି ଓ ପ୍ରୀତି ପାଖରେ ତୁଚ୍ଛ ହୋଇଯାଇଥିଲା। ବାଇବେଲରେ ମହାପ୍ରଭୁ ଯୀଶୁ କହିଛନ୍ତି - ଯିଏ ମୋ ପଥରେ ଚାଲେନାହିଁ ସେ ମୋ ବିରୁଦ୍ଧରେ ରହେ। ଏହା ହିଁ ବିଭୀଷଣଙ୍କ ଚରିତ୍ରରେ ଘଟିଥିଲା। ମା'ଜାନକୀ ହନୁମାନଙ୍କୁ ମୁକ୍ତାର ମାଳା ଦେଇଥିଲେ। ଭକ୍ତକୂଳତିଳକ ହନୁମାନ ତାକୁ ନେଇ ଦାନ୍ତରେ ଛିଡ଼ାଇ ଦେଲେ କାରଣ ସେଥିରେ ରାମ ନାମ ନଥିଲା। ଅନୁଜ ଲକ୍ଷ୍ମଣଙ୍କର ପ୍ରଶ୍ନରେ ହନୁମାନ ଉତ୍ତର ଦେଇଥିଲେ ଏହି ମାଳାରେ ରାମ ନାମ ନାହିଁ। ସେତେବେଳେ ଲକ୍ଷ୍ମଣ କହିଲେ ତୁମ ଶରୀରରେ ମଧ୍ୟ ରାମ ନାମ ଲେଖାନାହିଁ ତେଣୁ ତାକୁ ଫିଙ୍ଗି ଦିଅ ସେତେବେଳେ ହନୁମାନ ନିଜର ବକ୍ଷ ବିଦାରଣ କରି ଦେଖାଇଥିଲେ ଯେ ତାଙ୍କ ହୃଦୟରେ ରାମ ନାମ ସଦାସର୍ବଦା ରହିଛି। ଏହି ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ପ୍ରକାଶ କରିଛନ୍ତି - ଏହାର ତାତ୍ପର୍ଯ୍ୟ ହେଉଛି ମାଳା ମଧ୍ୟରେ ପ୍ରଭୁ ରାମଚନ୍ଦ୍ରଙ୍କର କାର୍ଯ୍ୟରେ ଲାଗିବାର କିଛି ନାହିଁ ଆଉ ମୋ ମଧ୍ୟରେ ପ୍ରଭୁଙ୍କର ଉପଯୋଗୀ ଯାହା ତା' ଛଡ଼ା ଆଉ କିଛି ନାହିଁ। ଏହି ଉପରୋକ୍ତ ବର୍ଣ୍ଣନା ହେଉଛି ଏକ ଉପମା। ଯୁଗାବତାର ଶ୍ରୀ ଶ୍ରୀ ଠାକୁରଙ୍କୁ ଜନୈକ ଭକ୍ତ ହନୁମାନର ସମୁଦ୍ର ଲଙ୍ଘନ ବିଷୟରେ ପ୍ରଶ୍ନ କଲେ। ଏହି ପ୍ରସଙ୍ଗରେ ଜଗତ୍‌ଗୁରୁ ଶ୍ରୀ ଶ୍ରୀ ଠାକୁର କହିଲେ - ଏହା ମଧ୍ୟରେ ସତ୍ୟ ଅଛି। ଭାରତ ଓ ସିଂହଳ (ଶ୍ରୀଲଙ୍କା) ମଧ୍ୟରେ କେତେଗୁଡ଼ିଏ ଛୋଟ ଛୋଟ ଦ୍ୱୀପ ଥିଲା। ହନୁମାନ ବୋଧହୁଏ ପହଁରି ପହଁରି ଗୋଟିଏ ଦ୍ୱୀପରୁ ଆଉ ଗୋଟିଏ ଦ୍ୱୀପକୁ ଯାଇ ଶ୍ରୀଲଙ୍କାରେ ପହଞ୍ଚିଥିଲେ। ରାମାୟଣରେ ଇଷ୍ଟ ନିଷ୍ଠାର ଚରମ ପ୍ରକାଶ ବର୍ଣ୍ଣିତ ହୋଇଛି। ଏହା ମାଧ୍ୟମରେ ମର୍ଯ୍ୟଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଜନସାଧାରଣଙ୍କୁ ଆଦର୍ଶ ପିତା, ଆଦର୍ଶ ପୁତ୍ର, ଆଦର୍ଶ ରାଜା, ଆଦର୍ଶ ଭ୍ରାତାର ଯେଉଁ ବର୍ଣ୍ଣନା ହୋଇଛି ତାହା ମାନବ ଜାତି ନିମିତ୍ତ ଚିର ଅନୁସରଣୀୟ।





*ସହ-ପ୍ରତିରତ୍ନିକ ଓ ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୪୩୭୦୫୧୯୫୭*

# ଧର୍ମର ବିଗ୍ରହ ଶ୍ରୀରାମ



ଗଙ୍ଗାଧର ସାମଲ

ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସ କହିଛନ୍ତି - 'କବନ ସୋ କାଜ କଠିନ ଜ୍ ମାହିଁ। ଜୋ ନାହିଁ ହୋଇ ତାତ ତୁମହ ପାହିଁ।' ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହା ତୁମ ଦ୍ୱାରା ସମ୍ଭବ ହୋଇନପାରିବ। ହନୁମାନ ଏହି ଚୌପାୟୀ ମାଧ୍ୟମରେ ନିଜର ଶକ୍ତି ଜଗାଇବା ଲାଗି ପ୍ରୟାସ କରିଥିଲେ, କିନ୍ତୁ ଏଥିରେ ପ୍ରତ୍ୟେକ ରାମଭକ୍ତ ପାଇଁ ବିଶେଷ ବାର୍ତ୍ତା ରହିଛି। ଆମେ ସମସ୍ତେ ଜାଣିଛୁ ଯେ ପ୍ରତ୍ୟେକ କୋଣରେ ରାମ ଅଛନ୍ତି। ଆମ ଭିତରେ ମଧ୍ୟ ଶ୍ରୀରାମ ଅନ୍ତର୍ମନର ଶକ୍ତି ରୂପରେ ଉପସ୍ଥିତ ଅଛନ୍ତି। ନିଜ ଜୀବନର ଲକ୍ଷ୍ୟକୁ ପାଇବା ଲାଗି ଆମେ ସମସ୍ତେ ଦୌଡ଼ୁଛୁ। ବେଳେ ବେଳେ ଲକ୍ଷ୍ୟ ପ୍ରାପ୍ତି ନହେଲେ ଆମେ ବିଷାଦଗ୍ରସ୍ତ ହୋଇପଡୁ। ନିରାଶା ଆମକୁ ଚାରିଦିଗରୁ ଘେରିଯାଏ। ଏପରି ସ୍ଥିତିରେ ଆମକୁ ନିଜ ଅନ୍ତରରେ ରାମ ଅର୍ଥାତ୍ ଅନ୍ତର୍ମନର ଶକ୍ତିକୁ ଜାଗ୍ରତ କରିବା ଲାଗି ପ୍ରୟାସ କରିବା ଆବଶ୍ୟକ। ହନୁମାନ ଯେତେବେଳେ ନିଜ ଅନ୍ତର୍ମନର ଶକ୍ତି ବିଷୟରେ ଅବଗତ ହୋଇପାରିଥିଲେ, ସେତେବେଳେ ସେ ଭାବିଲେ ଯେ ଏ ଜଗତରେ ଏମିତି କିଛି କାର୍ଯ୍ୟ ନାହିଁ ଯାହାକୁ ସେ କରିନପାରିବେ। ତାଙ୍କର ଜନ୍ମ ରାମଙ୍କ କାର୍ଯ୍ୟ କରିବା ଲାଗି ହୋଇଥିଲା। ଆତ୍ମବିଶ୍ୱାସ ଜାଗ୍ରତ ହେବା କ୍ଷଣି ହନୁମାନଙ୍କ ଶରୀର ପର୍ବତ ଭଳି ବିଶାଳକାୟ ହୋଇଯାଇଥିଲା। ସାଧାରଣ ମନୁଷ୍ୟ ହନୁମାନଙ୍କ ଭଳି ମଧ୍ୟ ସବୁ କାର୍ଯ୍ୟ କରିବା ଲାଗି ସକ୍ଷମ, ଯାହା ହୁଏତ ପ୍ରଥମ ଦୃଷ୍ଟିରେ ଅସମ୍ଭବ ଲାଗିପାରେ।

ଆତ୍ମା ହିଁ ପରମାତ୍ମା। ସୋଅହମ। ଏହି ଶବ୍ଦ ସଃ ଏବଂ ଅହମ୍‌ର ସନ୍ଧିରୁ ସୃଷ୍ଟି ହୋଇଛି। ଯାହାରଅର୍ଥ ମୁଁ ହିଁ ସେହି। ମୁଁ ହିଁ ଭଗବାନ। ଏହାର ଆଧାରରେ ଏହା କୁହାଯାଇପାରିବ ଯେ ମନୁଷ୍ୟ ହିଁ ଈଶ୍ୱର ଅଟେ, ମନୁଷ୍ୟ ହିଁ ରାମ ଅଟେ। ପ୍ରତ୍ୟେକ ଜୀବ ପରମାତ୍ମାଙ୍କ ଅଂଶ ଅଟେ। ଯଦି ସେ କୌଣସି କାର୍ଯ୍ୟ କରିଥାଏ, ଏହାର ସିଧା ଅର୍ଥ ହେଉଛି ଯେ ସେ ଏହା ଈଶ୍ୱରଙ୍କ ନିର୍ଦ୍ଦେଶରେ ହିଁ କରୁଛି। ଶ୍ରୀରାମ ମଧ୍ୟ ଏପରି ଲୋକର ସହାୟତା କରୁଥାନ୍ତି, ଯିଏ ବିପଦରେ ପଡ଼ିଥିଲେ ମଧ୍ୟ ବ୍ୟତିବ୍ୟସ୍ତ ହୁଏନାହିଁ। ଧୈର୍ଯ୍ୟର ସହିତ ସଂଘର୍ଷ କରିଥାଏ। ସେଥିପାଇଁ ରାମଚରିତମାନସରେ କୁହାଯାଇଛି - ରାଜୀବ ନୟନ ଧରେଁ ଧନୁ ସାୟକ। ଭଗତ ବିପତି ଭଞ୍ଜନ ସୁଖଦାୟକ। ଯଦି ମନୁଷ୍ୟ କଠିନ ପରିସ୍ଥିତି ସହିତ ଲଢ଼ିବା ଲାଗି ଆଗକୁ ବଢ଼ିଥାଏ, ତାହେଲେ ପଦ୍ମ ସମାନ ନେତ୍ରଧାରୀ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ତାର ରକ୍ଷା କରିବେ। ଶ୍ରୀରାମ ଭକ୍ତର ଆଧିଦୈବିକ, ଆଧିଭୌତିକ ଏବଂ ଆଧିଦୈହିକ ବିପତ୍ତିର ନାଶ କରି ସୁଖ ପ୍ରଦାନ କରିବା ଲାଗି ତତ୍ପର ହେବେ। ଆମ ଭିତରେ ଅପାର ଶକ୍ତି ରହିଛି। ଶ୍ରୀରାମ ଏବଂ ରାବଣ ମଧ୍ୟରେ ଯୁଦ୍ଧ ଭଲ ଏବଂ ମନ୍ଦ ମଧ୍ୟରେ ଯୁଦ୍ଧ ଭଳି ଥିଲା। ନର ରୂପରେ ନାରାୟଣ, ଶ୍ରୀରାମ ଯେତେବେଳେ ରାବଣର ଗୋଟିଏ ମୁଣ୍ଡ କାଟୁଥିଲେ, ତାର ଆଉ ଏକ ମୁଣ୍ଡ ପ୍ରକଟ ହୋଇଯାଉଥିଲା। ଏଥିରେ ବିବ୍ରତ ନ ହୋଇ ଶ୍ରୀରାମ ସ୍ଥିରଚିତ୍ତରେ ଯୁଦ୍ଧ କରିଥିଲେ। ସେ ନିଜ ଶକ୍ତିକୁ ଚିହ୍ନିଲେ ଏବଂ ରାବଣର ନାଭିକୁ କେନ୍ଦ୍ରକରି ଶର ଚଳାଇଲେ। ଫଳରେ ତାର ସବୁଦିନ ପାଇଁ ଅନ୍ତ ହୋଇଗଲା। ଅଧର୍ମ ବିରୋଧରେ ଧର୍ମର ଜୟ ହୋଇଥିଲା। ସନ୍ଥ କବୀର କହିଛନ୍ତି କସ୍ତୁରୀ କୁଣ୍ଡଳ ବସୈ, ମୃଗ ଢୁଂଢ଼େ ବନ ମାହି। ଏସେ ଘଟ ଘଟ ରାମ ହୈ ଦୁନିଆ ଦେଖେ ନାହିଁ। ଯେପରି ମୃଗର ନାଭିରେ କସ୍ତୁରି ରହିଥାଏ କିନ୍ତୁ ସେ ତାକୁ ଜଙ୍ଗଲରେ ଖୋଜିଥାଏ। ଠିକ୍ ସେହିପରି ଈଶ୍ୱର ଅର୍ଥାତ୍ ପ୍ରକୃତ ଶକ୍ତି ଆମ ଭିତରେ ହିଁ ରହିଛି, କିନ୍ତୁ ଆମେ ତାର ସାମର୍ଥ୍ୟକୁ ଚିହ୍ନିପାରିନଥାଉ। ପବିତ୍ର ବାଇବେଲରେ ମଧ୍ୟ କୁହାଯାଇଛି ନିଜ ଭିତରକୁ ଦେଖ - ନିଜକୁ ଜାଣ। ଶ୍ରୀରାମଚରିତମାନସରେ ଆଉ ଏକ ଚୌପାୟୀରେ ଗୋସ୍ୱାମୀ ବର୍ଣ୍ଣନା କରିଛନ୍ତି 'ଜାନତ ତୁମହିଁ ତୁମହିଁ ହୋଇ ଜାଇ'। ଅର୍ଥାତ୍ ଯିଏ ଈଶ୍ୱରଙ୍କୁ ଜାଣିନେଇଛି, ସେ ନିଜେ ଈଶ୍ୱର ହୋଇଯାଇଛି।

ଆମ ଭିତରେ ଅସୀମ ଶକ୍ତି ରହିଛି। ଏହାକୁ ସକ୍ରିୟ ରଖିବା କରିବା ଲାଗି ଏକାଗ୍ର ହେବ ଅତ୍ୟନ୍ତ ଜରୁରୀ। ଯଦି ଆମେ ଏକାଗ୍ରଚିତ୍ତ ହୋଇ କୌଣସି କାର୍ଯ୍ୟକରୁ, ତାହେଲେ ଆମ ଶକ୍ତି ସୁପ୍ତ ହେବନାହିଁ। ଶ୍ରୀରାମ ଗୁରୁ ବଶିଷ୍ଠ ଏବଂ ଗୁରୁ ବିଶ୍ୱାମିତ୍ରଙ୍କ ଆଶ୍ରମରେ ରହି କେବଳ ଯୋଗ ଧ୍ୟାନ ନୁହେଁ ବରଂ ସନ୍ଧ୍ୟାବନ୍ଦନା ଏବଂ ଗାୟତ୍ରୀ ମନ୍ତ୍ର ଜପକୁ ମଧ୍ୟ ନଜ ଦିନଚର୍ଯ୍ୟାରେ ସାମିଲ କରିଥିଲେ। ଏହାଦ୍ୱାରା ସେ ନିଜ ଭିତରେ ଥିବା ଶକ୍ତିକୁ ଜାଗ୍ରତ କରିଥିଲେ। ପ୍ରକୃତରେ ମନୁଷ୍ୟର ମସ୍ତିଷ୍କ ଶକ୍ତିର କୌଣସି ସୀମା ନାହିଁ। ଯଦି ଆମ ନିଜ ଭିତରର ଶକ୍ତିକୁ ଜାଗ୍ରତ କରିବାର ଅଛି, ତାହେଲେ ମସ୍ତିଷ୍କକୁ ଏକାଗ୍ରତାର ଚରମ ସୀମାକୁ ନେଇଯିବାର ଅଛି। ନକାରାତ୍ମକ ବିଚାର ଆମର ଅନ୍ତରୀଣ ଶକ୍ତିକୁ ଆଚ୍ଛାଦିତ କରି ରଖିଥାଏ। ଯେଉଁ କାରଣରୁ ଏହାର ଆଲୋକ ବାହାରକୁ ଆସିପାରିନଥାଏ। ଉଦାହରଣ ସ୍ୱରୂପ ଯଦି ମନୁଷ୍ୟ ଥକା ଅନୁଭବ କରିଥାଏ, ତାହେଲେ ସର୍ବପ୍ରଥମେ ସେ ଏହା ଭାବିଥାଏ ଯେ ସେ ଥକିଯାଇଛି। ଯାହାର ଫଳସ୍ୱରୂପ ଅନ୍ତରୀଣ ଶକ୍ତିର ଆଲୋକ ମଧ୍ୟ ଦୁର୍ବଳ ହୋଇଯାଏ। ଅନ୍ୟପଟେ ଯଦି ମସ୍ତିଷ୍କରେ ସକାରାତ୍ମକ ବିଚାର ଉତ୍ପନ୍ନ ହୋଇଥାଏ, ତାହେଲେ ଅନ୍ତରୀଣ ଶକ୍ତି ମଧ୍ୟ ସକ୍ରିୟ ହୋଇଯାଏ। ଶ୍ରୀରାମ ହେଉଛନ୍ତି ସତ୍ୟ ଏବଂ ଲକ୍ଷ୍ମଣ ସମର୍ପଣର ପ୍ରତୀକ। ଯେଉଁମାନଙ୍କ ଜୀବନରେ ସତ୍ୟ ଏବଂ ସମର୍ପଣ ରହିବ, ତାଙ୍କର ସମସ୍ତ ଅନୁଷ୍ଠାନ ପୂରଣ ହେବ। ଶ୍ରୀରାମ ମଧ୍ୟ କେବେହେଲେ ଧର୍ମକୁ କର୍ମକାଣ୍ଡ ମଧ୍ୟରେ ସୀମିତ ରଖିନଥିଲେ। ଗରିବ, ଦୁଃଖୀ, ବଞ୍ଚିତ, ପୀଡ଼ିତଙ୍କ ସହାୟତାକୁ ହିଁ ସେ ଧର୍ମ ବୋଲି ଗ୍ରହଣ କରିନେଇଥିଲେ। ସଫଳତା ମିଳିଯିବା ପରେ ଅର୍ଥାତ୍ ଅଯୋଧ୍ୟାର ରାଜା ହେବା ପରେ ମଧ୍ୟ ସେ ସଂଯମ ବଜାୟ ରଖିଥିଲେ। ଅନ୍ତର୍ମନର ଯାତ୍ରା ଲାଗି ସଂଯମ ସହିତ ସଦାଚାରର ମଧ୍ୟ ଆବଶ୍ୟକତା ରହିଛି। ଜୀବନରେ ଆପଣଙ୍କ ପରିଚୟ ଅନ୍ତର୍ମନ ସହିତ ହେଲେ, ବ୍ୟକ୍ତିତ୍ୱରେ ଶୁଦ୍ଧତା ଏବଂ ସୌମ୍ୟତା ଆସିଥାଏ। ଭେଦଭାବରୁ ବଞ୍ଚିତ ଶ୍ରୀରାମଙ୍କ ପାଇଁ ଛୁଆଁ-ଅଛୁଆଁ, ଧନୀ-ଗରିବ, ଉଚ୍ଚ-ନୀଚ ମଧ୍ୟରେ କୌଣସି ଭେଦଭାବ ନଥିଲା। ତେଣୁ ଶ୍ରୀରାମଙ୍କୁ ସାକ୍ଷାତ ଧର୍ମର ବିଗ୍ରହ ବୋଲି କୁହାଯାଇଛି - ରାମୋ ବିଗ୍ରହବାନ ଧର୍ମଃ। ଶ୍ରୀରାମଙ୍କ ସତ୍ୟନିଷ୍ଠା ବିଷୟରେ ମହର୍ଷି ବାଲ୍ମିକୀ ଲେଖିଛନ୍ତି 'ରାମଃ ଦ୍ୱିର୍ନ ଭୋ' - ରାମ ଦୁଇ ଥର କହନ୍ତି ନାହିଁ। ଆଚରଣ କଥା କହିଲେ - ଶୂର୍ପଣଖା ପରମ ରୂପବତୀ ହୋଇ ଶ୍ରୀରାମଙ୍କ ସମ୍ମୁଖରେ ପ୍ରକଟ ହୋଇଥିଲା। ଏହି ପତ୍ନୀ ବ୍ରତ ଏବଂ ସଦାଚାରୀ ରାମ ତାକୁ ନାକଚ କରିଦେଇଥିଲେ। ଯଦି ରାମଙ୍କ ଭଳି ଏହି ଗୁଣକୁ ଆମେ ନିଜ ଭିତରେ ସମାହିତ କରିଦେବୁ, ତାହେଲେ ଅନ୍ତର୍ମନର ଶକ୍ତିକୁ ସହଜରେ ଜାଗ୍ରତ କରାଯାଇପାରିବ।






*ମାଣିକପାଟଣା, ଆଳି, କେନ୍ଦ୍ରାପଡ଼ା*
*ଦୂରଭାଷ : ୯୪୩୭୨୨୬୬୪୭*

ବଦଳିବ ମିଲର୍ ଆବଣ୍ଟନ ଓ ସିକ୍ୟୁରିଟି ଅର୍ଥ ଦାଖଲ ନିୟମ

# ଆହୁରି ସରଳ ହେବ ଧାନ ସଂଗ୍ରହ ପ୍ରକ୍ରିୟା

**ଭୁବନେଶ୍ୱର :** ଧାନ ସଂଗ୍ରହ ପ୍ରକ୍ରିୟାକୁ ଆହୁରି ସରଳ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଟୋକନ୍ ଆଧାରରେ ହେଉଥିବା ଧାନ ସଂଗ୍ରହ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ କରିବାକୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ସମ୍ପ୍ରତି ରାଜ୍ୟରେ ଧାନ ସଂଗ୍ରହକୁ ସରକାର ଟୋକନ୍ ବ୍ୟବସ୍ଥାରେ ସରଳୀକରଣ କରିଥିଲେ ମଧ୍ୟ କିଛି ସ୍ଥାନରେ ମିଲରମାନେ ସଠିକ୍ ସମୟରେ ସିକ୍ୟୁରିଟି ଅର୍ଥ ଦାଖଲ କରୁ ନ ଥିବା ହେତୁ ଧାନ ସଂଗ୍ରହ ପାଇଁ ଅଯୋଗ୍ୟ ବିବେଚିତ ହେଉଛନ୍ତି। ଫଳରେ ଧାନ ମଣ୍ଡିରେ ପଡ଼ି ରହୁଛି। ତେବେ ଆସନ୍ତା ରବି ଧାନ ସଂଗ୍ରହରେ ମିଲରଙ୍କ ଦ୍ୱାରା ଦାଖଲ ହେଉଥିବା ସିକ୍ୟୁରିଟି ଅର୍ଥ ସମ୍ପର୍କିତ ସମସ୍ୟାର ସମାଧାନ କରିବାକୁ ସରକାର ଚେଷ୍ଟା ଚଳାଇଛନ୍ତି। ତେଣୁ ମିଲର୍ ଆବଣ୍ଟନ ଓ ସିକ୍ୟୁରିଟି ଅର୍ଥ ଦାଖଲ ବ୍ୟବସ୍ଥାର ସୁଧାର ଦିଗରେ ନୀତିଗତ ନିଷ୍ପତ୍ତି ନେବାକୁ ରାଜ୍ୟ ଯୋଗାଣ ଓ ସମବାୟ ବିଭାଗ ଯୋଜନା ପ୍ରସ୍ତୁତ କରିଛନ୍ତି। ସାମ୍ପ୍ରତିକ ବ୍ୟବସ୍ଥାରେ ଧାନ ସଂଗ୍ରହ ପାଇଁ



ଜିଲାୱାରୀ ମିଲର୍ ଟ୍ୟାଗିଂ ବେଳେ ମିଲର୍ମାନେ ସିକ୍ୟୁରିଟି ବାବଦ ଅର୍ଥ ଦାଖଲ କରନ୍ତି। ଯୋଗାଣ ବିଭାଗର ନିୟମ ଅନୁଯାୟୀ, ମିଲର୍ମାନେ ଧାନ ସଂଗ୍ରହ ପୂର୍ବରୁ ଯେଉଁ ପରିମାଣର ଅର୍ଥ ଦାଖଲ କରିବେ, ତାହାର ସର୍ବାଧିକ ୧୦ଗୁଣା ମୂଲ୍ୟର ଧାନ ସଂଗ୍ରହ କରିପାରିବେ। ୧୦ଗୁଣାରୁ ଅଧିକ ଧାନ ସଂଗ୍ରହ କରିବାକୁ ହେଲେ ସାନି ସିକ୍ୟୁରିଟି ଅର୍ଥ ଦାଖଲ କରିବାକୁ ପଡ଼ିବ। ନୂଆ ବ୍ୟବସ୍ଥାରେ ଚାଷୀଙ୍କୁ ବଣ୍ଟା ଯାଉଥିବା ଟୋକନ୍ ପରିମାଣକୁ ଦୃଷ୍ଟିରେ ରଖି ସିକ୍ୟୁରିଟି ଅର୍ଥ ଏକକାଳୀନ ଅଥବା ଟୋକନ୍ ପରିମାଣର ୭୫ ପ୍ରତିଶତ ଅର୍ଥ ଆଦାୟ କରିବାକୁ ସରକାର ଯୋଜନା କରୁଥିବା ଜଣାପଡ଼ିଛି। ଅର୍ଥାତ୍, ଗୋଟିଏ ସମବାୟ ଅଧୀନରେ ଚାଷୀଙ୍କଠାରୁ ୫୦ଟନ୍ ଧାନ ସଂଗ୍ରହ ପାଇଁ ଟୋକନ୍ ପ୍ରଦାନ ହୋଇଥିଲେ, ମିଲର୍ମାନଙ୍କଠାରୁ ଏହାର ୧୦ ପ୍ରତିଶତ ମୂଲ୍ୟ ଏକକାଳୀନ ନିଆଯିବ। କିଛି କ୍ଷେତ୍ରରେ ଉକ୍ତ ୧୦ ପ୍ରତିଶତର ୭୫ ପ୍ରତିଶତ ମୂଲ୍ୟକୁ ମଧ୍ୟ ସିକ୍ୟୁରିଟି ଅର୍ଥ ଭାବେ ଗ୍ରହଣ କରାଯାଇପାରିବ। ମାତ୍ର ତାହାଠାରୁ କମ୍ ମୂଲ୍ୟରେ ମିଲର ଟ୍ୟାଗିଂ ହୋଇପାରିବ ନାହିଁ। ଏଭଳି ହେବା ଦ୍ୱାରା ସମସ୍ତ ଚାଷୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇପାରିବେ ବୋଲି ଯୋଗାଣ ବିଭାଗର ଜନୈକ ଅଧିକାରୀ କହିଛନ୍ତି। ଧାନ ସଂଗ୍ରହ ସ୍ୱୟଂଚାଳିତ ବ୍ୟବସ୍ଥା (ପିପିଏଏସ)ରେ ମଧ୍ୟ ତଦନୁଯାୟୀ ପରିବର୍ତ୍ତନ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ରାଜ୍ୟରେ ଧାନ ସଂଗ୍ରହ ଅନୁପାତରେ ମିଲରଙ୍କ ସଂଖ୍ୟା ସନ୍ତୋଷଜନକ ରହିଥିଲେ ହେଁ ଜିଲ୍ଲାୱାରୀ ମିଲର୍ ଆବଣ୍ଟନରେ ସମସ୍ୟା ରହିଛି। ଯୋଗାଣ ବିଭାଗ ଏହାକୁ ବ୍ୟବସ୍ଥିତ କରିବା ଦିଗରେ ଧ୍ୟାନ କେନ୍ଦ୍ରୀଭୂତ କରୁଛି। ଜିଲ୍ଲାରେ ଚାଷୀଙ୍କ ପରିମାଣକୁ ଦେଖି ମିଲରଙ୍କ ପରିମାଣ ନିର୍ଦ୍ଧାରିତ ହେବ। ଅନେକ ଜିଲ୍ଲାରେ ଆବଶ୍ୟକତାଠାରୁ ଅଧିକ ମିଲର୍ ରହିଥିବା ବେଳେ କିଛି ଜିଲ୍ଲାରେ ଆବଶ୍ୟକତାଠାରୁ କମ୍ ସଂଖ୍ୟକ ରହିଛନ୍ତି। ଯଦିଓ ଜିଲ୍ଲା ଜିଲ୍ଲା ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଗାଣ ବିଭାଗ ମିଲରଙ୍କୁ ଅନ୍ୟ ଜିଲ୍ଲାକୁ ପଠାଇ ଧାନ ସଂଗ୍ରହ କରି ନେଉଛି; ତଥାପି କିଛି କିଛି ମଣ୍ଡିରେ ମିଲର୍ ଅଭାବରୁ ଧାନ ପଡ଼ିରହୁଛି। ଯେପରିକି ଗଞ୍ଜାମ ଜିଲ୍ଲାରେ ଆବଶ୍ୟକତାଠାରୁ ଅଧିକ ମିଲର୍ ରହିଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ୫ରୁ କମ୍ ମିଲର ରହିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ବିଭାଗ ମିଲର ଆବଣ୍ଟନ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବାକୁ ନିଷ୍ପତ୍ତି ନେଉଛି। ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଯୋଗାଣ ବିଭାଗ ୧୭ ଜିଲ୍ଲାରୁ ୧୪ ଲକ୍ଷ ମେଟ୍ରିକ୍ ଟନ୍ ରବି ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ଖରିଫ୍ ଧାନ ତୁଳନାରେ ରବି ଧାନର ପରିମାଣ ଯଥେଷ୍ଟ କମ୍ ହୋଇଥିବା ହେତୁ ନୂଆ ନୀତି ଆଧାରରେ ଧାନ ସଂଗ୍ରହ ବ୍ୟବସ୍ଥା ଲାଗୁ କରିବା ସହଜ ହେବ। ଏନେଇ ଉଚ୍ଚସ୍ତରୀୟ ବୈଠକ ଶେଷ ହୋଇଥିବା ବେଳେ ସମ୍ପ୍ରତି ଏହାର କାର୍ଯ୍ୟାନ୍ୱୟନ ପାଇଁ କ୍ଷେତ୍ର ପ୍ରସ୍ତୁତ ହେଉଛି।

## ବାଲେଶ୍ୱର ସୀମାବର୍ତ୍ତି ପଶ୍ଚିମବଙ୍ଗ ଅଞ୍ଚଳରେ ବ୍ୟାପୁଛି ଆଡେନୋ ଭୁତାଣୁ ସଂକ୍ରମଣ

**ବାଲେଶ୍ୱର :** ଆଡେନୋ ଭୁତାଣୁ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ଆତଙ୍କ ଖେଳାଉଛି। ଏହି ଭୁତାଣୁର ସଂକ୍ରମଣ ବାଲେଶ୍ୱର ଜିଲ୍ଲାର ପଶ୍ଚିମବଙ୍ଗ ସୀମାବର୍ତ୍ତି ଅଞ୍ଚଳରେ ବ୍ୟାପିବାରେ ଲାଗିଛି। ପ୍ରାୟ ଦଶ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଏହି ଭୁତାଣୁ ଅଧିକ ସଂକ୍ରମିତ କରୁଥିବା ଜଣାଯାଇଛି।ତେବେ ପଡୋଶୀ ରାଜ୍ୟର ସୀମାବର୍ତ୍ତି ଅଞ୍ଚଳରେ ଏହାର ସଂକ୍ରମଣ ବୃଦ୍ଧି ପାଉଥିବା ଯୋଗୁଁ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସଚେତନ ଓ ପ୍ରସ୍ତୁତ ରହିଥିବା ଜଣାଯାଇଛି। ଆଡେନୋ ଭୁତାଣୁ ସଂକ୍ରମିତ ରୋଗୀଙ୍କୁ ଚିକିତ୍ସା କରିବାରେ ଅସୁବିଧା କିଛି ନାହିଁ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ବିଇଓଙ୍କ ସାମ୍ନାରେ ଅଭିଯୋଗକାରୀଙ୍କୁ ଗାଳି ଦେଇ କ୍ଷମା ମାଗିଲେ ସିଆରସିସି

**ଭଦ୍ରକ :** ଜିଲ୍ଲାର ଦୁଇଟି ସ୍କୁଲରେ ମଧ୍ୟାହ୍ନ ଭୋଜନରେ ବ୍ୟାପକ ଦୁର୍ନୀତି ନେଇ ଅଭିଯୋଗକାରୀ ସୂଚନା ଅଧିକାର କର୍ମୀ ବିକାଶ କୁମାର ଧଳଙ୍କୁ ବିଇଓଙ୍କ ଉପସ୍ଥିତିରେ ଗାଳି ଦେଇଥିଲେ ସିଆରସିସି। ଘଟଣାରୁ ଯାହା ଜଣାପଡେ ବିକାଶଙ୍କ ଅଭିଯୋଗ ଆଧାରରେ ବିଇଓ ମହୋଦୟ ଘଟଣାର ତଦନ୍ତ କରିବାକୁ ଯାଇଥିଲା ବେଳେ ତାଙ୍କ ସହ ସିଆରସିସି ମଧ୍ୟ ଯାଇଥିଲେ। ହେଲେ ତଦନ୍ତକାରୀ ଅଫିସରଙ୍କ ବଦଳରେ ସିଆରସିସି ଶିକ୍ଷକମାନଙ୍କୁ କହିଲେ ଯେ, ମୁଁ ଯାହା ଡାକୁଛି ତାହା ଲେଖ। ଶିକ୍ଷକମାନେ ଡରିହରି ସିଆରସିସିଙ୍କ କଥା ମାନି ଦୁର୍ନୀତି ହୋଇନଥିବା ଲେଖିବାରୁ ଏହାକୁ ବିରୋଧ କରିଥିଲେ ବିକାଶ। ଯାହାଫଳରେ ସିଆରସିସି ଭୟଙ୍କର ଭାବେ ରାଗିଯାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଘଟଣାଟି ବିଇଓଙ୍କ ସାମ୍ନାରେ ଘଟିବାରୁ ବିଇଓଙ୍କ ନିକଟରେ ଗୁହାରି କଲେ ବିକାଶ। ପରେ ସିଆରସିସି ନିଜ ଭୁଲ ବୁଝିପାରି ଲିଖିତ ଭାବେ କ୍ଷମାପ୍ରାର୍ଥନା କରିବା ସହିତ ଆଉ ଏଭଳି ହେବନି କହିଥିଲେ। କିନ୍ତୁ ଘଟଣାକୁ ନେଇ ବିକାଶ ଥାନାରେ ମଧ୍ୟ ଏତେଲା ଦେଇଥିଲେ। ଏହା ଜାଣିବା ପରେ ସିଆରସିସି ଥାନାରେ ଯାଇ ମଧ୍ୟ କ୍ଷମାପ୍ରାର୍ଥନା କରିଥିଲେ। ସୂଚନାଯୋଗ୍ୟ, ଏହି ସିଆରସିସି ଦୁଇ ଜାଗାର ଦାୟିତ୍ୱରେ ଥିଲେ ସୁଦ୍ଧା ନିଜ ଦାୟିତ୍ୱ ସଠିକ୍ ନ ତୁଲାଇ କାର୍ଯ୍ୟାଳୟରେ ଆଟାଚ ହୋଇ କାର୍ଯ୍ୟ କରୁଛନ୍ତି। ହେଲେ ତାଙ୍କର ଆଚରଣ ଆଦୌ ଭଲ ନୁହେଁ ବୋଲି ସବୁଠି ଚର୍ଚ୍ଚା।

ମିଲେଟ୍ ପରେ ମସଲା ମିଶନ

## ଦେଶ ବିଦେଶରେ ନୂଆ ପରିଚୟ ପାଇବ ଓଡ଼ିଶା ମସଲା

**ଭୁବନେଶ୍ୱର :** ପ୍ୟାରିସ୍, ଲଣ୍ଡନ, ସିଙ୍ଗାପୁରରେ ଓଡ଼ିଶାର ମା'ମାନେ ପୁଣି ନୂଆ ପରିଚୟ ପାଇବେ। ମିଲେଟ୍ ମିଶନର ସଫଳତା ପରେ ରାଜ୍ୟ ସରକାର ମସଲା ମିଶନ ଆରମ୍ଭ କରିଛନ୍ତି। ମସଲା ମିଶନ ପାଇଁ ଗତ ବର୍ଷ ୮୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିଲା। ଏଥର ୧୮୫ କୋଟିର ବ୍ୟବସ୍ଥା କରାଯାଇଛି। ଉଦ୍ଦେଶ୍ୟ ଫସଲ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ସହ କୃଷକଙ୍କ ଆୟ ବୃଦ୍ଧି। କନ୍ଧମାଳର ହଳଦୀ ହେଉ କି ବୌଦ୍ଧର ଅଦା, ଏସବୁର ରାଜ୍ୟ ତଥା ଦେଶ ବାହାରେ ସ୍ୱତନ୍ତ୍ର ଚାହିଦା ରହିଛି। ମସଲା ମିଶନକୁ ସଫଳ ରୂପ ଦେବା ସହ ଧାନ, କପା, ମୁଗ, ବିରି, ମାଣ୍ଡିଆ ଉତ୍ପାଦନ ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଏହି ମିଶନରେ ମିଶନ ଶକ୍ତି ମା'ମାନଙ୍କୁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସାମିଲ କରାଯିବ। ସରକାରଙ୍କ ଏହି ପ୍ରୟାସକୁ ମସଲା ଉଦ୍ୟୋଗୀ ସ୍ୱାଗତ କରିଛନ୍ତି। ମିଶନ ଶକ୍ତିର ମା'ମାନେ ଏବେ ଦେଶ ବାହାରେ ମାଣ୍ଡିଆରୁ ପ୍ରସ୍ତୁତ ଦ୍ରବ୍ୟ ନେଇ ଖୁବ୍ ପରିଚୟ ପାଇଲେଣି। ଏବେ ମସଲା ମିଶନ ଆଉ ଏକ ନୂଆ ପରିଚୟ ଦେବ। ଗାଁ ଗାଁରେ ଲଘୁ ମସଲା ଉଦ୍ୟୋଗୀଙ୍କ ଭୂମିକା ନେବାକୁ ଯାଉଛନ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ। ବଡ଼ ବଡ଼ ଫ୍ୟାକ୍ଟ୍ରିରେ ମସଲା ପାଇଁ ବ୍ୟବହୃତ କଞ୍ଚାମାଲକୁ ପ୍ରସେସ୍ କରି ଦେବାର ସୁଯୋଗ



ମିଳିବ। ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା ମିଶନ ଶକ୍ତି ମା'ମାନଙ୍କୁ ଅଧିକ ବଳ ଦେଇଛି। ବିଧାନସଭାରେ ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ପ୍ରଶ୍ନର ଉତ୍ତରରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମସଲା ମିଶନ ନେଇ ସୂଚନା ଦେଇଛନ୍ତି। ମିଶନ ଶକ୍ତି ସଂଘ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ଏଥର ୩୦ ଜିଲ୍ଲାର ୧୭୭ଟି ବ୍ଲକକୁ ମିଲେଟ୍ ମିଶନର ସମ୍ପ୍ରସାରଣ ସାଙ୍ଗକୁ ୯ଟି ଜିଲ୍ଲାର ୫୦ଟି ବ୍ଲକରେ ପଣସ ମିଶନ ଆରମ୍ଭ ହେଉଛି। ଏହା ସହ ଫୁଲ ମିଶନ, ଛତୁ ମିଶନ ବି କାର୍ଯ୍ୟକାରୀ ହେଉଛି। ଏବେ ମସଲା ମିଶନ, ମିଶନ ଶକ୍ତିକୁ ନୂଆ ପରିଚୟ ଦେବା ସହ ଓଡ଼ିଶାର ବ୍ରାଣ୍ଡ ଭାଲ୍ୟୁ ମଧ୍ୟ ଦେଶ ବାହାରେ ବଢ଼ିବ।

## ମାଧ୍ୟମିକ ସ୍କୁଲ ପିଲାଙ୍କ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ

**ଭୁବନେଶ୍ୱର :** ମାଧ୍ୟମିକ ସ୍କୁଲ ପିଲାଙ୍କ ଗଣିତ, ଇଂରାଜୀ ଓ ସାଧାରଣ ଜ୍ଞାନ ବୃଦ୍ଧି ହେବ। ଆସିବ ସ୍ୱତନ୍ତ୍ର କରିକୁଲମ୍। ଏହି ବିଷୟଗୁଡ଼ିକରେ ପିଲାଙ୍କ ଜ୍ଞାନ ବୃଦ୍ଧିକୁ ଗଣଶିକ୍ଷା ଶିକ୍ଷା ବିଭାଗ ବିଶେଷ ଗୁରୁତ୍ୱ ଦେବ। ବିଭାଗ ପକ୍ଷରୁ ସମୀକ୍ଷା କରାଯାଇ ସବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବରୁ ରିମେଡିଆଲ୍ କ୍ଲାସ, ୟୁନିଟ୍ ଟେଷ୍ଟ ଆଦି ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ଏଣିକି ଏହି ବିଷୟଗୁଡ଼ିକରେ ପିଲାଙ୍କ ସୃଜନଶୀଳତା ବୃଦ୍ଧି ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ। ରାଜ୍ୟର ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପିଲାମାନେ ଗଣିତ, ଦ୍ୱିତୀୟ ଭାଷା ଇଂରାଜୀ ଓ ସାଧାରଣ ଜ୍ଞାନରେ ଦୁର୍ବଳ ରହୁଥିବା ବିଭିନ୍ନ ସର୍ବେକ୍ଷଣରୁ ଜଣା ପଡ଼ିଛି। ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଥିବା ୟୁନିଟ୍ ଟେଷ୍ଟ ଓ ଅନ୍ୟ ବେସରକାରୀ ସଂସ୍ଥା ଦ୍ୱାରା କରାଯାଇଥିବା ଅଧ୍ୟୟନ ମଧ୍ୟ ଏହା ଦର୍ଶାଇଛି। ଅଧିକାଂଶ ଛାତ୍ରଛାତ୍ରୀ ଗଣିତରେ ଦୁର୍ବଳ ରହୁଥିବା ରିପୋର୍ଟ ଦର୍ଶାଇଥିବାବେଳେ ଇଂରାଜୀ ଏବଂ ଏହା ପଛକୁ ସାଧାରଣ ଜ୍ଞାନରେ ମଧ୍ୟ ଦୁର୍ବଳ ରହୁଥିବା ସର୍ବେକ୍ଷଣ ତଥ୍ୟ ଦର୍ଶାଉଛି। ଯାହାକୁ ଅନୁଧ୍ୟାନ କରି ଗଣଶିକ୍ଷା ବିଭାଗ ପିଲାଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ



ଦେଉଛି। ମିଳିଥିବା ସୂଚନା ମୁତାବକ ଏଣିକି ବିଭିନ୍ନ ବିଷୟରେ ଅନୁଷ୍ଠିତ ହେଉଥିବା ୟୁନିଟ୍ ଟେଷ୍ଟକୁ ଆଧାର କରି ପିଲାଙ୍କ ତାଲିକା ପ୍ରସ୍ତୁତ କରାଯିବ। କେଉଁ ବିଷୟରେ କେଉଁ ଛାତ୍ର ଅବା ଛାତ୍ରୀ ଦୁର୍ବଳ ରହୁଛନ୍ତି ତାହାର ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରାଯିବ। ତାଲିକା ଅନୁଯାୟୀ ସେହି ବର୍ଗର ପିଲାଙ୍କୁ ସମ୍ପୃକ୍ତ ବିଷୟରେ ଅଧିକ ଧ୍ୟାନ ଦିଆଯିବ। ଆବଶ୍ୟକ ସ୍ଥଳେ ସେହି ପିଲାଙ୍କୁ ରିମେଡିଆଲ୍ କ୍ଲାସ୍ ସହିତ ସ୍ୱତନ୍ତ୍ର ପାଠ୍ୟ ସାମଗ୍ରୀ ମଧ୍ୟ ପ୍ରଦାନ କରାଯିବ। ଏହାର ପରିଚାଳନା ଦାୟିତ୍ୱ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଦିଆଯିବା ସହ ସିଆରସିସି ଓ ବିଇଓମାନେ ଏହାକୁ ନିୟମିତ ଅନୁଧ୍ୟାନ କରିବେ। ବିଭିନ୍ନ ଅନ୍ତରାଳରେ ପରୀକ୍ଷା କରି ପିଲାଙ୍କ ଦକ୍ଷତା ବୃଦ୍ଧିକୁ ମଧ୍ୟ ଅନୁଧ୍ୟାନ କରାଯିବ। ସେହିପରି ବିଦ୍ୟାଳୟଗୁଡ଼ିକରେ ପିଲାଙ୍କ ସାଧାରଣ ଜ୍ଞାନ ବୃଦ୍ଧିକୁ ମଧ୍ୟ ବିଶେଷ ଧ୍ୟାନ ଦିଆଯିବ। ଫଳରେ ସେମାନେ ଜାତୀୟ ସ୍ତରର ପରୀକ୍ଷା ତଥା ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କରିବାରେ ସେତେଷ୍ଟା କଷ୍ଟ ଅନୁଭବ କରିବେ ନାହିଁ। ତେବେ ଏ ସମସ୍ତ ପ୍ରକ୍ରିୟା ପାଇଁ ଏକ ସ୍ୱତନ୍ତ୍ର କରିକୁଲମ୍ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉକି ହାଇସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀ ଗଣିତ, ଇଂରାଜୀ ଓ ସାଧାରଣ ବିଜ୍ଞାନରେ ଦୁର୍ବଳ ରହୁଥିବା ନେଇ ଗଣଶିକ୍ଷା ବିଭାଗ ଅନୁଧ୍ୟାନ କରିଥିଲା। ପିଲାଙ୍କ ମେଧା ଶକ୍ତି ବଢ଼ାଇବା ପାଇଁ ମନିଟରିଂ ଲେସନ୍ ରିଭିଓ, ୟୁନିଟ୍ ଟେଷ୍ଟ, ରିମଡିଆଲ୍ କ୍ଲାସ୍‌କୁ ଗୁରୁତ୍ୱ ଦିଆଯାଉଥିବାବେଳେ ଏ କ୍ଷେତ୍ରରେ ପିଲାଙ୍କ ସୃଜନଶୀଳତା ବିକାଶ ଓ ଜ୍ଞାନ ବୃଦ୍ଧି ପାଇଁ ସ୍ୱତନ୍ତ୍ର କରିକୁଲମ୍ ପ୍ରସ୍ତୁତ କରାଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ୧୧ରୁ ସକାଳୁଆ ସ୍କୁଲ

**ଭୁବନେଶ୍ୱର :** ଆସନ୍ତା ଏପ୍ରିଲ ୧୧ ତାରିଖରୁ ରାଜ୍ୟର ସମସ୍ତ ସ୍କୁଲ ସକାଳୁଆ ହେବ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଥିବା ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ସକାଳ ୭ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ ନିଜ ନିଜ ଜିଲ୍ଲାର ସ୍କୁଲଗୁଡ଼ିକର ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରିପାରିବେ। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶନାମା ଜାରି ହୋଇଛି। ସୂଚନା ଅନୁସାରେ, ୨୦୨୩-୨୪ ଶିକ୍ଷା ବର୍ଷ ଚଳିତ ଏପ୍ରିଲ ମାସ ୩ତାରିଖରୁ ଆରମ୍ଭ ହେବ। ୩ରୁ ୮ତାରିଖ ପର୍ଯ୍ୟନ୍ତ ସ୍କୁଲଗୁଡ଼ିକରେ ନାମଲେଖା ପ୍ରକ୍ରିୟା ଶେଷ ହେବ। ଏପ୍ରିଲ ୧୧ରୁ ସ୍କୁଲଗୁଡ଼ିକରେ ସକାଳୁଆ କ୍ଲାସ ହେବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲଗୁଡ଼ିକରେ ସ୍ୱଚ୍ଛ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ଇତ୍ୟାଦି ଯୋଗାଇ ଦେବା ପାଇଁ ସ୍କୁଲ କର୍ତ୍ତୃପକ୍ଷ ଯତ୍ନବାନ ହେବେ।

PLOT FOR SALE
MOUZA:BHOLA

N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286

## କଳିଙ୍ଗ ଯୁଦ୍ଧ ଉପରେ ଗବେଷଣା କରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ଉତ୍କଳ ଦିବସର ଅବ୍ୟବହିତ ପୂର୍ବରୁ ଓଡ଼ିଶା ଏବଂ କଟକ ନଗରର ଐତିହ୍ୟ ଓ ଗୌରବର ପ୍ରତୀକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ୪ କିମ୍ବଦନ୍ତୀଙ୍କ ନାମରେ ସ୍ମାରକୀ ଡାକଟେକଟ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଳିଙ୍ଗ ଯୁଦ୍ଧ ଉପରେ ଗବେଷଣାର ଦାୟିତ୍ୱ ନେବା ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଆହ୍ୱାନ କରିଛନ୍ତି। ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଓଡ଼ିଶାର ବିଶିଷ୍ଟ ପ୍ରତିଭା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଓଡ଼ିଶୀ ନୃତ୍ୟ ଗୁରୁ କେଳୁଚରଣ ମହାପାତ୍ର, ଚିର ସବୁଜ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତି, ଚଳଚ୍ଚିତ୍ର ନିର୍ଦ୍ଦେଶିକା ଓ ପ୍ରଯୋଜିକା ପାର୍ବତୀ ଘୋଷଙ୍କ ସ୍ମାରକୀ ଡାକଟିକଟର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଅଶୋକ କଳିଙ୍ଗ ଯୁଦ୍ଧ ପରେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ



ହୋଇଥିଲେ। ସେତେବେଳେ କଳିଙ୍ଗରେ ରାଜା ନଥିଲେ। ଜନପ୍ରତିନିଧିଙ୍କ ସମୂହ ସବୁ ନିର୍ଣ୍ଣୟ ନେଉଥିଲେ। ଏହି ଯୁଦ୍ଧରେ ଓଡିଆ ଜାତିର ପରାଜୟ ନୁହେଁ ବରଂ ବିଜୟର ଅଦମ୍ୟ ସାହସକୁ ଦୁନିଆ ଅନୁଭବ କରିଛି। କଳିଙ୍ଗ ଯୁଦ୍ଧ ଓ ପ୍ରଶାସନିକ ଢାଞ୍ଚା ଉପରେ ରେଭେନ୍ସା ଗବେଷଣାର ଦାୟିତ୍ୱ ନେଉ। ରେଭେନ୍ସା ହେଉଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୂକସାକ୍ଷୀ। ଓଡ଼ିଶାର ସ୍ୱତନ୍ତ୍ରତା ଆନ୍ଦୋଳନର ବହ୍ନି ପ୍ରଜ୍ୱଳିତ କରିଥିବା ଅନୁଷ୍ଠାନ। ଏହି ଅନୁଷ୍ଠାନରେ ଆଜି ଆମର ପୂର୍ବଜ ମାନଙ୍କ ସ୍ମୃତିରେ ଡାକଟିକଟ ପ୍ରଚଳନ ହେବା ଖୁସିର ବିଷୟ। ବିଶେଷ ଭାବରେ ଉତ୍କଳ ଦିବସ ପୂର୍ବରୁ ୪ ପୂର୍ବଜଙ୍କ ସ୍ମୃତିରେ ଡାକଟିକେଟ ଉନ୍ମୋଚନ ଆମ ପାଇଁ ଗର୍ବ। ପୂର୍ବଜଙ୍କ ବିନା ପ୍ରେରଣାରେ କୌଣସି କାମ ଫଳପ୍ରଦ ହୁଏନାହିଁ। ଏହି ଡାକଟିକଟ ଉନ୍ମୋଚନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ। ଓଡ଼ିଶା ଓ ଦେଶର ଜନସାଧାରଣଙ୍କ ଭାବାବେଗକୁ ବୁଝିଥିବା ପ୍ରଧାନମନ୍ତ୍ରୀ ଏପରି କରିପାରନ୍ତି ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଓଡ଼ିଶାରେ ଏପରି ଜଣେ ଯୁବକ ନ ଥିବେ ଯେ ରେଭେନ୍ସାରେ ପଢ଼ିବା ପାଇଁ ଇଚ୍ଛା କରିନଥିବେ। ରେଭେନ୍ସା ଯାହା ଭାବେ ତାହାକୁ ସମଗ୍ର ଭାରତବର୍ଷ ଦଶନ୍ଧି ପରେ ସେହି କଥାର ଉପଯୋଗ କରେ। ଆଜି ଦେଶରେ କ୍ରିୟାନ୍ୱୟନ ହେଉଥିବା ଜାତୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ଦିଗରେ ରେଭେନ୍ସା ଓଡ଼ିଶାରେ ଅଗ୍ରଣୀ ଦାୟିତ୍ୱ ନେବ ବୋଲି ମୋର ଅପେକ୍ଷା। ଆମର ପ୍ରଦେଶ ତଥା ଉତ୍କଳ ଭୂମି ଗଣତନ୍ତ୍ରର ଭୂମି ଥିଲା। ଏହି କଥାକୁ ବିତର୍କ କରିବା ପାଇଁ ଜାତୀୟ ଶିକ୍ଷା ନୀତି ସୁଯୋଗ ଦେଇଛି। ଅତୀତରେ ଆମର ଐତିହ୍ୟ, ଶୌର୍ଯ୍ୟ, ସାହସ, ସଂସ୍କୃତି ଓ ଜ୍ଞାନର ଗଭୀରତା କେତେ ଥିଲା, ଏହାକୁ ବୁଝାଇବାରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ନୂଆପିଢି ଦାୟିତ୍ୱ ନେବା ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।


PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

## ମେ' ୧୫ରୁ ଭୁବନେଶ୍ୱର-ଦୁବାଇ ବିମାନ ସେବା

**ଭୁବନେଶ୍ୱର :** ଭୁବନେଶ୍ୱରରୁ ଦୁବାଇ ସିଧାସଳଖ ଆନ୍ତର୍ଜାତିକ ବିମାନ ସେବା ଆସନ୍ତା ମେ' ୧୫ତାରିଖରୁ ଆରମ୍ଭ ହେବ। ୨ଥର ତାରିଖ ଧାର୍ଯ୍ୟ ହୋଇ ଫେଲ୍ ମାରିବା ପରେ ଶେଷରେ ମେ'୧୫ତାରିଖକୁ ଉଡ଼ାଣ ତାରିଖ ସ୍ଥିରୀକୃତ ହୋଇଛି ତଥା ଆସନ୍ତାକାଲି ଉତ୍କଳ ଦିବସରୁ ଏହି ବିମାନ ସେବା ପାଇଁ ଟିକେଟ ବୁକିଂ ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିବେ ବୋଲି ଜଣାପଡ଼ିଛି। ପୂର୍ବରୁ ମାର୍ଚ୍ଚ ୫ ଓ ଏପ୍ରିଲ ୧ରେ ଏହି ବିମାନ ସେବା ଆରମ୍ଭ ହେବ ବୋଲି ଚର୍ଚ୍ଚା ହେଉଥିଲା, ଏପରିକି ଟିକେଟ ବୁକିଂ ମଧ୍ୟ ଆରମ୍ଭ ହୋଇଥିଲା, କିନ୍ତୁ ଶେଷ ମୁହୂର୍ତ୍ତରେ ବିମାନ ଚଳାଚଳ ସମ୍ଭବପର ହୋଇପାରିନଥିଲା। ମିଳିଥିବା ସୂଚନା ଅନୁସାରେ, ମେ' ୧୫ତାରିଖରୁ ଭୁବନେଶ୍ୱର ଓ ଦୁବାଇ ମଧ୍ୟରେ ବିମାନ ଚଳାଚଳ ଆରମ୍ଭ ହେବ। ଉତ୍କଳ ଦିବସରୁ ଏହି ବିମାନ ସେବା ପାଇଁ ଟିକେଟ୍ ବୁକିଂ ସେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦଘାଟନ କରିବେ। ଓଡ଼ିଶାକୁ ଅଧିକ ବ୍ୟବସାୟ ଓ ପୁଞ୍ଜି ନିବେଶର ସୁଯୋଗ ମଧ୍ୟ ସୃଷ୍ଟି ହେବ। ବିଦେଶରେ ରହୁଥିବା ଓଡ଼ିଆଙ୍କୁ ଏହି ବିମାନ ସେବା ଏକାଠି କରିବାରେ ସହାୟକ ହେବ। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ମଧ୍ୟ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏହି ବିମାନ ଚଳାଚଳ ନେଇ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଚଳାଚଳ ନିମନ୍ତେ ଆବଶ୍ୟକ ସବସିଡି ପ୍ରଦାନ କରିବେ। ଡିସେମ୍ବର ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଇଣ୍ଡିଗୋ ଏୟାରଲାଇନ୍ସକୁ ଭୁବନେଶ୍ୱରରୁ ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକ୍ ସିଧାସଳଖ ବିମାନ ଚଳାଚଳ ସଂକ୍ରାନ୍ତ ଟେଣ୍ଡରକୁ ରାଜ୍ୟ ସରକାର ଅନୁମୋଦନ କରିଥିଲେ । ସପ୍ତାହକୁ ୩ଦିନ ଇଣ୍ଡିଗୋ ପକ୍ଷରୁ ୧୮୬ସିଟ୍ ବିଶିଷ୍ଟ ବିମାନ ଭୁବନେଶ୍ୱରରୁ ଏହି ଆନ୍ତର୍ଜାତିକ ସହରକୁ ଚଳାଚଳ କରିବ ବୋଲି ଉଲ୍ଲେଖ ଥିଲା । ମାର୍ଚ୍ଚ ୫, ବିଜୁ ଜୟନ୍ତୀରେ ବିମାନ ସେବା ଆରମ୍ଭ ପାଇଁ ଇଣ୍ଡିଗୋ ପକ୍ଷରୁ ଟିକେଟ୍ ବୁକିଂ ମଧ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ବାତିଲ କରିଦିଆଯାଇଥିଲା।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି